

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୩ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 23 OCTOBER 2020

Vol.No. 30 ■ No. 270 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College



Dibyasingpur, Udala,

Dist: Mayurbhanj



2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,


## ଚଢ଼ା ପିଆଜ ଦର ଉପରେ ନଜର ରଖିବାକୁ କମିଶନରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର ,୨୨।୧୦ (ନି.ପ୍ର): ରାଜ୍ୟରେ ପିଆଜ ଦର ବୃଦ୍ଧି ପାଉଥିବାରୁ ଏହା ଉପରେ ତୀକ୍ଷ୍ଣ ନଜର ରଖିବାକୁ ସବୁ ଜିଲ୍ଲାପାଳମାନଙ୍କ ନିର୍ଦ୍ଦେଶ ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର କମିଶନର ତଥା ସଚିବ ଭି.ଭି ଯାଦବ । ସେ କହିଛନ୍ତି ଯେ ଆମଦାନୀ ହେଉଥିବା ରାଜ୍ୟରେ ଫସଲ ନଷ୍ଟ ଯୋଗୁଁ ରାଜ୍ୟରେ ପିଆଜ ଦର ବୃଦ୍ଧି ପାଇଛି । ତେବେ କିଛି ଅସାଧୁ ବ୍ୟବସାୟୀ ଏହାର ଫାଇଦା ଉଠାଇ ଚଢ଼ା ଦରରେ ଉପଭୋକ୍ତାଙ୍କୁ ପିଆଜ ବିକ୍ରି କରୁଛନ୍ତି । ଜିଲ୍ଲାପାଳ ମାନେ ପିଆଜର ଦର ଓ ଉପଲବ୍ଧତା ଉପରେ ନଜର ରଖିବାକୁ କମିଶନର କହିଛନ୍ତି । ଏହାସହ ନିୟମିତ ଭାବେ ଉଭୟ ହୋଲସେଲ୍ ଓ ରିଟେଲର ଦୋକାନରେ ପିଆଜର ମହଜୁଦ ଓ ଦରର ଅନୁଧ୍ୟାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

# ରେସନ କାର୍ଡ ଆବେଦନଠାରୁ ଧାନ ସଂଗ୍ରହ ପଞ୍ଜୀକରଣ ପର୍ଯ୍ୟନ୍ତ ସବୁ ଅନ୍ ଲାଇନ

■ ଖାଦ୍ୟ ଯୋଗାଣ ବିଭାଗର୍ ୪ଟି ସେବା ପାଇଁ ଅନ୍‌ଲାଇନ ବ୍ୟବସ୍ଥା ଆରମ୍ଭ

■ ୫-ଟି କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଓ ଦକ୍ଷତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ,୨୨।୧୦ (ନି.ପ୍ର): ଏଣିକି ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗର ଧାନ ସଂଗ୍ରହ ପଞ୍ଜୀକରଣ ଠାରୁ ଆରମ୍ଭ କରି ରେସନ କାର୍ଡ ଆବେଦନ ପର୍ଯ୍ୟନ୍ତ ସବୁ କାର୍ଯ୍ୟ ପାଇଁ ଅନ୍‌ଲାଇନରେ ହେବ ।ଗୁରୁବାର ଦିନ ଭିଡିଓ କନ୍‌ଫରେନସିଂ ଜରିଆରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି । ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗ ପକ୍ଷରୁ ୪ଟି ସେବା ପାଇଁ ଅନ୍‌ଲାଇନ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏଗୁଡିକ ହେଲା – ଧାନ ବିକ୍ରୟ ପାଇଁ ଚାଷୀ ମାନଙ୍କ ପଞ୍ଜୀକରଣ, ରେସନ କାର୍ଡ ପାଇଁ ଆବେଦନ ଓ ସଂଶୋଧନ ଇତ୍ୟାଦି, ସୁଲଭ ମୂଲ୍ୟ ଦୋକାନ ପାଇଁ ଲାଇସେନ୍‌ସ ଫି ପ୍ରଦାନ ଏବଂ ସୁଲଭ ମୂଲ୍ୟ ଦୋକାନ ମାନଙ୍କ ଦ୍ୱାରା ଖାଦ୍ୟଶସ୍ୟର ମୂଲ୍ୟ ପ୍ରଦାନ । ଏସବୁ ସୁବିଧା ଗୁଡିକ ଙଙଙ.ଲକ୍ଟକ୍ୟକ୍ୟସଶ୍ୱଷବ.ସଭ (ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ଫୁଡ୍ ଓଡିଶା ଡଟ୍ ଇନ୍ )ରେ ସିଟିଜେନ୍ ସର୍ଭିସେସ୍ ଲିଙ୍କ୍ ରେ ମିଳିପାରିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ସ୍ୱଚ୍ଛତା ଓ ଦକ୍ଷତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ସହିତ ରାଜ୍ୟ ସରକାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଏନଏଫଏସଏରୁ ବାଦ୍ ପଡିଥିବା ୨୫ ଲକ୍ଷ ଲୋକଙ୍କୁ ସାମିଲ କରିଛନ୍ତି । ସାରା ରାଜ୍ୟରେ ସାଢେ ତିନି କୋଟିରୁ ଅଧିକ ଲୋକ ଖାଦ୍ୟ ସୁରକ୍ଷାରେ ସାମିଲ ହୋଇଛନ୍ତି । ସାରା ରାଜ୍ୟର ଲୋକ ଏହି ବିଭାଗ ସହିତ ସିଧାସଳଖ ଯୋଡି ହୋଇ ରହିଛନ୍ତି । ତେଣୁ ସାଧାରଣ ଲୋକ ପରିବର୍ତ୍ତନର ସୁଫଳ ଯେପରି ଠିକ୍ ଭାବରେ ପାଇପାରିବ, ସେଥିପାଇଁ ଅନ୍ ଲାଇନ ବ୍ୟବସ୍ଥା ସଂପର୍କରେ ବ୍ୟାପକ ସଚେତନତା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ମାସକ ମଧ୍ୟରେ କେତେ ଲୋକ ଏହି ଅନ୍‌ଲାଇନ ସୁବିଧାର ବ୍ୟବହାର କଲେ, ସେ ସଂପର୍କରେ ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଖାଦ୍ୟ ସୁରକ୍ଷା ଦିଗରେ ଗତ ୨୦ ବର୍ଷ ମଧ୍ୟରେ ଓଡିଶାରେ ଯେଉଁ ବ୍ୟାପକ ପରିବର୍ତ୍ତନ ଆସିଛି, ସେ ସଂପର୍କିତ ସମସ୍ତ ତଥ୍ୟ ସମ୍ବଳିତ ଏକ ପୁସ୍ତକ ମେକିଂ ଅଫ୍ ଏ ଫୁଡ୍ ସିକ୍ୟୋର ଓଡିଶା କୁ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ । ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ ଯେ ୫ଟି କାର୍ଯ୍ୟକ୍ରମ ଅଧୀନରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ବିଭାଗ ପ୍ରତିଶୃତିବଦ୍ଧ ହୋଇ କାର୍ଯ୍ୟ କରୁଛି । ଆଜିର ଏହି ଅନ୍‌ଲାଇନ ସେବା ଗୁଡିକ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗର ସଚିବ ଶ୍ରୀ ବୀର ବିକ୍ରମ ଯାଦବ ସମସ୍ତଙ୍କୁ ସ୍ୱାଗତ କରି ନୂତନ ସେବା ସଂପର୍କରେ ଏକ ଉପସ୍ଥାପନା ରଖିଥିଲେ । ବିଭାଗର ଯୁଗ୍ମ ସଚିବ ▶▶ପୃଷ୍ଠା ୭

## ପ୍ରକାଶ ପାଇଲା ଦ୍ୱିତୀୟ ପର୍ଯ୍ୟାୟ ଯୁକ୍ତ ୩ ମେଧା ତାଲିକା

ଭୁବନେଶ୍ୱର ,୨୨।୧୦ (ନି.ପ୍ର): ଯୁକ୍ତ ୩ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି । ନାମଲେଖା ଲାଗି ୯୬,୫୧୫ ଛାତ୍ରଛାତ୍ରୀ ଆବେଦନ କରିଥିବା ବେଳେ ବିଜେବି କଲେଜ ଶୀର୍ଷରେ ରହିଛି । ଏଠାରେ କଟ୍ ଅଫ୍ ମାର୍କ ୮୯% ଥିବା ବେଳେ ବଲାଙ୍ଗୀରର ରାଜେନ୍ଦ୍ର କଲେଜର କଟ୍ ଅଫ୍ ମାର୍କ ୭୮%,ପୁରୀ ଏସ୍‌ସିଏସ୍ କଲେଜର ୭୩%, କଟକ

### ବିଜ୍ଞାନ, କଳା ଓ ବାଣିଜ୍ୟରେ ଆଗରେ ବିଜେବି କଲେଜ

୨୨,୦୧୬ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି । ଏଥିରେ ୧୦ ,୫୩୨ ଜଣ ଛାତ୍ର ଓ ୧୧,୪୮୪ଛାତ୍ରୀ ରହିଛନ୍ତି । କଳା ବିଭାଗରେ ସର୍ବାଧିକ ୧୨,୦୬୯, ପଦାର୍ଥ ବିଜ୍ଞାନରେ ୪,୧୧୯, ବାଣିଜ୍ୟରେ ୧୬୮୧, ସଂସ୍କୃତରେ ୧୮୪ ଓ ଜୀବବିଜ୍ଞାନରେ ୩୪୬୫ଜଣ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ କଳା ବିଭାଗରେ ସାଧାରଣ ବର୍ଗର କଟ୍ ଅଫ୍ ମାର୍କ ତାଲିକାରେ ଶୈଳବାଳା ମହିଳା ମହାବିଦ୍ୟାଳୟର ୬୧% କଟ୍ ଅଫ୍ ମାର୍କ ରହିଛି । ସେହିପରି ବିଜ୍ଞାନ ବିଭାଗରେ ବିଜେବି କଲେଜ ଶୀର୍ଷରେ ରହିଛି । ଏଠାରେ ୯୫% କଟ୍ ଅଫ୍ ମାର୍କ ଥିବା ବେଳେ ଭୁବନେଶ୍ୱରସ୍ଥିତ ରାଜଧାନୀ କଲେଜର କଟ୍ ଅଫ୍ ମାର୍କ ୮୭%, ଖୋର୍ଦ୍ଧାସ୍ଥିତ ପ୍ରାଣନାଥ କଲେଜରେ ୬୬%, କଟକର ଷ୍ଟିୱାର୍ଟ ସାଇନ୍ସ କଲେଜରେ ୭୨% କଟ୍ ଅଫ୍ ମାର୍କ ରହିଛି ।

## ଆଜି ବାଲାଂଦେଶରେ ସ୍ଥଳଭାଗ ଛୁଇଁବ ଅବପାତ

ଭୁବନେଶ୍ୱର ,୨୨।୧୦ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟ ୱେଲ୍-ମାର୍କ ଲଘୁଚାପ ଘନୀଭୂତ ହୋଇ ଅବପାତ ର ରୂପନେଇଛି , ଏହା ଆଗାମୀ ୨୪ଘଂଟାରେ ଆହୁରି ଘନୀଭୂତ ହୋଇ ଗଭୀର-ଅବପାତରେ ପରିଣତ ହେବ । ଏହା ବାତ୍ୟାର ରୂପ ନେବାର କୌଣସି ସମ୍ଭାବନା ନାହିଁ । ଉତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଅବପାତ ପାରାଦ୍ୱୀପ




### ଓଡିଶାର ୪ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

ଠାରୁ ଦକ୍ଷିଣ-ଦକ୍ଷିଣପୂର୍ବ ଦିଗରେ ୧୮୦କିମି ଦୂରରେ ସକ୍ରିୟ ରହିଛି । ଗଭୀର- ଅବପାତ ଭାବେ ଉତର-ଉତରପୂର୍ବ ଦିଗରେ ଗତିକରି ଆସନ୍ତାକାଲି (୨୩ ଅକ୍ଟୋବର) ଅପରାହ୍ନ ସମୟରେ ସାଗର-ଦ୍ୱୀପପୁଞ୍ଜ ଏବଂ ବାଂଲାଦେଶ ର ଖେପୁପାରା ଠାରେ ଉପକୂଳକୁ ଅତିକ୍ରମ କରିବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ସକ୍ରିୟ ଅବପାତ ପ୍ରଭାବରେ ଓଡ଼ିଶାର ସମସ୍ତ ବନ୍ଦର ଗୁଡିକ ପାଇଁ ୩ନମ୍ବର ବିପଦ ସଂକେତ ଜାରି କରାଯାଇଛି । ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ପର୍ଯ୍ୟନ୍ତ ପବନର ବେଗ ▶▶ପୃଷ୍ଠା ୭

## ପ୍ରକାଶ ପାଇଲା ମାଟ୍ରିକ୍ ସପ୍ଲିମେଂଟାରି ରେଜଲ୍ଟ: ୧୫,୨୪୪ ଛାତ୍ରଛାତ୍ରୀ ପାସ୍

ଭୁବନେଶ୍ୱର ,୨୨।୧୦ (ନି.ପ୍ର): ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଂଟାରି ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି । ଚଳିତ ବର୍ଷ ୨୧, ୪୮୭ଜଣ ସପ୍ଲିମେଂଟାରି ପରୀକ୍ଷାର୍ଥୀଙ୍କ ଭିତରୁ ମୋଟ ୧୫, ୨୪୪ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ଏଥର ସପ୍ଲିମେଂଟାରିରେ କୌଣସି ଛାତ୍ରଛାତ୍ରୀଙ୍କୁ ଏ୧ ଗ୍ରେଡ୍ ମିଳିନାହିଁ । ଏ୨ ଗ୍ରେଡରେ ୧୦ ଜଣ , ବି-୧ରେ ୧୯୫, ବି-୨ରେ ୯୩୦, ସି ଗ୍ରେଡରେ ୧୯୦୨, ଡି ଗ୍ରେଡରେ ୩୧୪୦, ଇ ଗ୍ରେଡରେ ୯୦୬୭, ଏଫ୍ ଗ୍ରେଡରେ ୬୨୧୮ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି ।

## ଗୋଟିଏ ଦିନରେ ୧୯୧୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୨ ଅକ୍ଟୋବର – ରାଜ୍ୟରେ ଗୋଟିଏ ଦିନରେ ୧୯୧୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୭୬୦୯୪ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୫୪୯୧୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୯୯୩୨ ରହିଛି । ଆଜି ଚିହ୍ନଟ ହୋଇଥିବା ୧୯୧୩ ଜଣଙ୍କ ମଧ୍ୟରୁ ୧୧୦୯ଜଣ ସଂଗରୋଧରୁ ହୋଇଥିବା ବେଳେ ୮୦୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ




ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୨୫୪ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୦୬ , ବାଲେଶ୍ୱର ▶▶ପୃଷ୍ଠା ୭

## ଦଶହରାରେ ଖୋଲାରହିବ ଆରଟିଓ




ଭୁବନେଶ୍ୱର ,୨୨।୧୦ (ନି.ପ୍ର): ଦଶହରା ଛୁଟିରେ ମଧ୍ୟ ଖୋଲା ରହିବ ଆରଟିଓ । ଆରଟିଓ ଅଫିସ୍ ର ରେଜିଷ୍ଟ୍ରେସନ୍ ବିଭାଗ ୨୪ ଏବଂ ୨୬ ତାରିଖ ଦିନ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ୨ ଘଂଟା ପାଇଁ ଖୋଲା ରହିବ । ଏଥିପାଇଁ ପରିବହନ କମିଶନର ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଗା ପୂଜା ସମୟରେ ଲୋକେ ଅଧିକ ଗାଡ଼ି ▶▶ପୃଷ୍ଠା ୭

## ଆବେଦନ କଲେ ମିଳିବ ସ୍କୁଲ୍ ଲିଭିଂ ସାର୍ଟିଫିକେଟ

ଭୁବନେଶ୍ୱର ,୨୨।୧୦ (ନି.ପ୍ର): ଏଣିକି ମିଳିପାରିବ ଡୁପ୍ଲିକେଟ ସ୍କୁଲ ଲିଭିଂ ସାର୍ଟିଫିକେଟ । ସ୍କୁଲ ଲିଭିଂ ସାର୍ଟିଫିକେଟ ହଜିଯାଇଥିଲେ ପୁଣି ମିଳିପାରିବ । ଏଥିପାଇଁ ଗଣଶିକ୍ଷା ବିଭାଗ ଅନୁମତି ଦେଇଛି । ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଏହି ଭିଡିଓ ମେସେଜ୍ ରେ କହିଛନ୍ତି ଯେ ସ୍କୁଲ ଲିଭିଂ ସାର୍ଟିଫିକେଟ୍ ହଜିଗଲେ , ପୋଡିଗଲେ କିମ୍ବା ବନ୍ୟାରେ ନଷ୍ଟ ହୋଇଗଲେ ପିଲାମାନଙ୍କର ଆଡମିଶନରେ ଅସୁବିଧା ହେଉଥିଲା । ଏଭଳି ଖବର ନଜର ଆସିବା ପରେ ରାଜ୍ୟ ସରକାର ଡୁପ୍ଲିକେଟ ସ୍କୁଲ ଲିଭିଂ ସାର୍ଟିଫିକେଟ ବ୍ୟବସ୍ଥା କରିବାକୁ ନିଷ୍ପତି ନେଇଛନ୍ତି । ପ୍ରାମାଣିକ ତଥ୍ୟ / ଆଫିଡେଭିଡ୍ ▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ବାଲେଶ୍ୱର ମୁଖ୍ୟ ଯୋଗାଣ ଅଧିକାରୀ

### ଅଫିସ ଡ୍ର'ରୁ ଜବତ୍ ୨ ଲକ୍ଷ ୩୪ ହଜାର

ବାଲେଶ୍ୱର,୨୨।୧୦ (ନି.ପ୍ର): ଭିଜିଲାନ୍ସ ବିଭାଗ ପକ୍ଷରୁ ଆଜି ସଂଧ୍ୟାରେ ବାଲେଶ୍ୱର ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଉପରେ ଚଢ଼ଉ ହୋଇ ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଡ୍ର ରୁ ମୋଟ ୨ ଲକ୍ଷ ୩୪ ହଜାର ୯୦୦ ଟଙ୍କା ଜବତ୍ କରାଯାଇଛି । ମୁଖ୍ୟ ଯୋଗାଣ ଅଧିକାରୀ ମୀର ରାଜା ଅଲ୍ଲୀ ସଂଧ୍ୟାରେ କାର୍ଯ୍ୟାଳୟରୁ କ୍ୱାଟର୍ସକୁ ଯିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଭିଜିଲାନ୍ସ ଟିମ୍ ଅଚାନକ ଚଢଉ କରିଥିଲେ । ଛଅ ଜଣିଆ ଟିମ୍ ଖାନ ତଲାସ କରି ରାଜା ଅଲ୍ଲୀଙ୍କ ଟେବୁଲ ଡ୍ର ରୁ ଏହି ଟଙ୍କା ପାଇଥିଲେ । ତେବେ ଏହି ଟଙ୍କା ବାବଦରେ ରାଜା ଅଲ୍ଲୀ କିଛି ଜାଣଇ ନଥିବା କହିଥିଲେ । ପୂଜା ଖର୍ଚ୍ଚ ପାଇଁ ବିଭିନ୍ନ ମିଲର ଓ ସପ୍ଲାୟରମାନଙ୍କଠାରୁ ଏହି ଟଙ୍କା ଆଦାୟ କରାଯାଇଥିବା ନେଇ ବିଶ୍ୱସ୍ତ ସୁତ୍ରରୁ ଖବର ପାଇ ଭିଜିଲାନ୍‌ସ ଟିମ ଏହି ଚଢଉ କରିଥିବା ଜଣାପଡିଛି । ନିୟମିତ ଏହିଭଳି ଟଙ୍କା ଆଦାୟ କରାଯାଇଥିବା ଭିଜିଲାନ୍ସ ବିଭାଗ ସନ୍ଦେହ କରୁଥିଲେ ବି ତଦନ୍ତ ଆରମ୍ଭ ହୋଇଥିବାରୁ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ▶▶ପୃଷ୍ଠା ୭

# ଦୁର୍ନୀତି-ଠକେଇର ଚରମ ସୀମାରେ ଶାସକଦଳ

### ନିର୍ବାଚନରେ ଉଚିତ ଜବାବ ଦେବାକୁ ଅପରାଜିତାଙ୍କ ଆହ୍ୱାନ

ବାଲେଶ୍ୱର,୨୨।୧୦ (ନି.ପ୍ର): ବାଲେଶ୍ୱର ସଦର ଉପ-ନିର୍ବାଚନରେ ଭୋଟରଙ୍କ ସମର୍ଥନ ପାଇଁ ବିଭିନ୍ନ ଦଳର ନେତା ଓ ପ୍ରାର୍ଥୀ ପକ୍ଷରୁ ଏବେ କାଦୁଅ ଫିଙ୍ଗା ଆରମ୍ଭ ହୋଇଯାଇଛି । ବିଜେଡି ପକ୍ଷରୁ ରାଜ୍ୟସ୍ତରୀୟ ନେତାମାନେ ଗ୍ରାମ ପଞ୍ଚାୟତ ଏବଂ ପୌରାଞ୍ଚଳରେ ୱାର୍ଡ଼ୱାରୀ ଦଳୀୟ ସଂଗଠନକୁ ଆଗକୁ ନେବା ସହ କର୍ମୀଙ୍କ ଗତିବିଧି ଉପରେ ନଜର ରଖିଥିବା ବେଳେ ବିଜେପିର ରାଜ୍ୟସ୍ତରୀୟ ନେତାମାନେ ପ୍ରଚାର ସାଙ୍ଗକୁ ସାମ୍ବାଦିକଙ୍କୁ ବ୍ୟବହାର କରିବା ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି । ପୂର୍ବରୁ ବିଜେପି ରାଜ୍ୟ ସଭାପତି, କେନ୍ଦ୍ରମନ୍ତ୍ରୀ ଓ ବରଗଡ଼ ସାଂସଦଙ୍କ ପରେ ଆଜି ଭୁବନେଶ୍ୱର




ସାଂସଦ ଅପରାଜିତା ଷଡ଼ଙ୍ଗୀ ବାଲେଶ୍ୱର ବିକାଶକୁ ନେଇ ଶାସକ ଦଳକୁ ଟାର୍ଗେଟ କରିଛନ୍ତ । ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ, ବାଲେଶ୍ୱର ସହରରେ କାର୍ଯ୍ୟକାରୀ ଅମୃତ ଯୋଜନାରେ ଘୋଟାଲା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଭୃତିରେ ହୋଇଥିବା ଘୋଟାଲା ସମ୍ପର୍କରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଅଭିଯୋଗ ଉଠାଇଛନ୍ତି । ସବୁଥର ପରି ଚଳିତ ନିର୍ବାଚନରେ ବି ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଠକି ଭୋଟ ନେବାକୁ ଶାସକଦଳ ଉଦ୍ୟମ କରିଥିବା ସେ କହିଛନ୍ତି । ରାଜ୍ୟ ସରକାର ପ୍ରତିଟି କ୍ଷେତ୍ରରେ ଲୋକଙ୍କୁ ଠକେଇ ଚାଲିଥିବା ବେଳେ ନିର୍ବାଚନରେ ଶାସନକଳକୁ କାର୍ଯ୍ୟରେ ଲାଗାଇବାକୁ ପଛାଇ ନାହାନ୍ତି । ଏମିତିକି ମହାମାରୀ କରୋନାକୁ ନେଇ ବି ଏଇ ସରକାର ମାର୍କେଟିଂ କରିପାରୁଛି । ସାମାଜିକ ଦୂରତା ରକ୍ଷାରେ ଅବହେଳା ନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସରକାର ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ବେଳକୁ ଚୁପ ରହିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଶ୍ରୀମତୀ ଷଡ଼ଙ୍ଗୀ ପ୍ରଶ୍ନ କରିଛନ୍ତି । ଉପ-ନିର୍ବାଚନରେ ବିଜେଡିରୁ ଶ୍ରୀ ଜେନାଙ୍କୁ ଟଇକେଟ୍ ନମିଳିବା ଓ ଏହାକୁ ବିରୋଧ କରି ହଜାର ହଜାର ସମର୍ଥକ ଓ କର୍ମୀ ତାଙ୍କ ଅଫିସ ଆଗରେ ବିକ୍ଷୋଭ କରିବା ବେଳେ ସାମାଜିକ ଦୂରତା ମଧ୍ୟ ରହିନଥିଲା । ଏହି ବିକ୍ଷୋଭ ଓ କର୍ମୀ ଅସନ୍ତୋଷ ସ୍ଥଳରେ ଶ୍ରୀ ଜେନାଙ୍କ ସମେତ ଆଇନମନ୍ତ୍ରୀ ଓ ଅନ୍ୟାନ୍ୟ ରାଜ୍ୟସ୍ତରୀୟ ବିଜେଡି ନେତା ମଧ୍ୟ ଉପସ୍ଥିତ ଥିଲେ । ମାତ୍ର ସରକାରଙ୍କୁ ଏହା ଦେଖାଗଲା ନାହିଁ କେମିତି ବୋଲି ଶ୍ରୀମତୀ ଷଡ଼ଙ୍ଗୀ ପ୍ରଶ୍ନ କରିଛନ୍ତି । ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୫ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୧୯୬ ହେଲା

ଭୁବନେଶ୍ୱର,୨୨।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୫ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୧୯୬ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ମୟୁରଭଂଜ ଓ ଅନୁଗୁଳ ଜିଲ୍ଲାର ୩-୩ ଜଣ , ଢେଙ୍କାନାଳ, ଖୋର୍ଦ୍ଧା ଓ ସୁବର୍ଣ୍ଣପୁର ଜିଲ୍ଲାର ୨-୨ ଜଣ ଅଛନ୍ତି । ସେହିପରି କଟକ, ପୁରୀ ଓ ସୁନ୍ଦରଗଡ ଜିଲ୍ଲାର ଜଣେ ଜଣେ ମୃତ୍ୟୁବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଢେଙ୍କାନାଳ ▶▶ପୃଷ୍ଠା ୭



# ଜୀବିକା ମିଶନ ପକ୍ଷରୁ ବିହନ ଓ ଋଣ ପ୍ରଦାନ

ମାଲକାନଗିରି,୨୨।୧୦ (ନି.ପ୍ର): ପଡ଼ିଆ ବ୍ଲକ ଅନ୍ତର୍ଗତ ଉଣ୍ଡୁକୋଣ୍ଡା ଓ ଗିରିକାନପାଲି ପଂଚାୟତ ଠାରେ ଉଦ୍ୟାନ କୃଷି ତରଫରୁ ଓଡ଼ିଶା ଜୀବିକା ମିଶନ ଆନୁକୂଲ୍ୟରେ ଦିବ୍ୟାଙ୍ଗ, ବିଧବା, ସ୍ୱାମୀ ପରିତ୍ୟକ୍ତା ଓ ଅସହାୟ ମହିଳା ଚାଷୀଙ୍କୁ ବିଭିନ୍ନ ବିହନ ମାଗଣାରେ ବଣ୍ଟନ କରାଯାଇଛି । ଗତ ଦିନରେ ମଧ୍ଯ ରାଜ୍ୟ ଜିବିକା ମିଶନ ପକ୍ଷରୁ ୧୬ ପ୍ରଜାତିର ପନିପରିବା ବିହନ ଯୋଗାଇ ଦିଆଯାଇଥିବା ବେଳେ ମୋ ଉପକାରୀ ବଗିଚା ଯୋଗୁଁ ଲକ୍ ଡାଉନ୍ ବେଳେ ହଜାର ହଜାର ଗରିବ ଓ ଅସହାୟ ଙ୍କ ହାଣ୍ଡିଶାଳ କୁ ପନିପରିବା ଯୋଗାଇ ଦିଆ ଯାଇପାରିଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶ୍ରୀ ଶୁଭେନ୍ଦୁ ବିଶ୍ୱାସ, ଏଟିମ୍ ଶ୍ରୀ ଆଶୀଷ ପୁରୋହିତ, ନାଏବ ସରପଂଚ ସହ ସ୍ଥାନୀୟ ଏମବିକେ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ପଡ଼ିଆ ସ୍ଥିତ ଆନ୍ଧ୍ରବ୍ୟାଙ୍କ ଠାରେ ଏକ ସମନ୍ୱୟ ମେଳା ଅନୁଷ୍ଠିତ କରାଯାଇ ଏଥିରେ ଛଅ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ଚାରି ଲକ୍ଷ ପଚାଶ ହଜାର ଟଙ୍କାର ଋଣ ଦିଆଯିବା ସହିତ ୮୨ ଟି ହିତାଧିକାରୀ ଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆନ୍ଧ୍ରା ବ୍ୟାଙ୍କ ପଡ଼ିଆ ଶାଖାର ପରିଚାଳକ ଶ୍ରୀ ସତ୍ୟବ୍ରତ ମେହେର, ବିଏଲସି ଶ୍ରୀ ଅମିତ କୁମାର ନମଦାସ, ବିଏଲସି ଶ୍ରୀ ଧବୁଲୁ ଖିଲ୍ଲ, ଏମବିକେ ଶ୍ରୀମତି ସୁକାନ୍ତି ଲିମା, ବେଙ୍କ ମିତ୍ର ଶ୍ରୀମତି ନାଗାମଣି ଦଳେଇ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଗୁଡିକୁ ପଡିଆ ଗୋଷ୍ଠୀ ପ୍ରକଳ୍ପ ପରିଚାଳକ ଅନୁପ୍ ମିଶ୍ର ପରିଚାଳନା କରିଥିଲେ ।

## ହାଇଦ୍ରାବାଦ ଓ ତେଲେଙ୍ଗାନା ପାଇଁ ୫ କୋଟି ଟଙ୍କାର ବନ୍ୟା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୧୦ (ନି.ପ୍ର): ହାଇଦ୍ରାବାଦ ଓ ତେଲେଙ୍ଗାନା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ପକ୍ଷରୁ ୫ କୋଟି ଟଙ୍କାର ବନ୍ୟା ସହାୟତା ଘୋଷଣା କରିଛନ୍ତି । ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଟ୍ୱିଟ୍ ଯୋଗେ ଏହି ସୂଚନା ଦେଇଛନ୍ତି ।

# ୬୧ତମ ରାଜ୍ୟ ସ୍ତରୀୟ ପୋଲିସ୍ ଶହୀଦ ଦିବସ ପାଳିତ

କଟକ /ଭୁବନେଶ୍ୱର,୨୨।୧୦ (ନି.ପ୍ର): କଟକ ସ୍ଥିତ ପୋଲିସ୍ ମୁଖ୍ୟାଳୟ ଠାରେ ୬୧ତମ ରାଜ୍ୟ ସ୍ତରୀୟ ପୋଲିସ୍ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ନିରାଡମ୍ବର ଉତ୍ସବରେ ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ପୋଲିସ୍ ବିଭାଗରେ ଶହୀଦ ହୋଇଥିବା ଯବାନଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଂଜଳୀ ଅର୍ପଣ କରିଥିଲେ ଏବଂ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ। ବୀର ଶହୀଦମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଆରକ୍ଷୀବାହିନୀ ପକ୍ଷରୁ ଶୋକଶାସ୍ତ୍ର ଓ ସଲାମିଶାସ୍ତ୍ର ପ୍ରଦର୍ଶନ କରାଯାଇଥିଲା। ଓଡିଶାର ଶହୀଦ ହାବିଲଦାର ପ୍ରକାଶ କୁମାର ସାହୁ , ସେ ଭୁବନେଶ୍ୱର ଏସଓଜିରେ କାର୍ଯ୍ୟରତ ଥିଲେ। ସେହିପରି ଗତସେପ୍ଟେମ୍ବର ୯ ତାରିଖରେ ଏସଓଜିର ୨ କମାଣ୍ଡୋ ସୁଧୀର କୁମାର ଟୁଡୁ ଓ ଦେବାଶିଷ ସେଠୀ ମାଓବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିଲେ। ଏହି ଉତ୍ସବରେ ସେମାନଙ୍କୁ ସମ୍ମାନ ଜଣାଯାଇଥିଲା। ଏହା ବ୍ୟତୀତ କରୋନା ଯୋଗୁଁ ଓଡିଶା ପୋଲିସ୍ ର ୪୧ ଜଣ ପୋଲିସ୍ କର୍ମଚାରୀ ଶହୀଦ ହୋଇଛନ୍ତି। ଏସମସ୍ତ କରୋନା ଯୋଦ୍ଧାମାନଙ୍କ ମଧ୍ୟ ଏହି ଅବସରରେ ଶ୍ରଦ୍ଧାଂଜଳୀ ଅର୍ପଣ କରାଯାଇଥିଲା। ସୂଚନାଯୋଗ୍ୟ ଯେ ୧୯୫୯ ମସିହା ଆଜିର ଦିନରେ ଚୀନ୍ ସୈନ୍ୟଙ୍କ ଆକ୍ରମଣରେ ଲଦାଖ୍ ରେ କାର୍ଯ୍ୟରତ ୧୦ ଜଣ ଭାରତୀୟ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ସେମାନଙ୍କ ସ୍ମୃତିରେ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖ ଦିନକୁ ଭାରତରେ ପୋଲିସ୍ ଶୀଦ ସ୍ମୃତି ଦିବସ ଭାବେ ପାଳନ କରାଯାଉଛି। ୧୯୬୦ରୁ ଏଯାବତ୍ ଦେଶର ବିଭିନ୍ନ ଆରକ୍ଷୀ ବିଭାଗରେ ପ୍ରାୟ ୩୫ହଜାରରୁ ଉର୍ଦ୍ଧ୍ୱ ଆରକ୍ଷୀ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ଚଳିତ ବର୍ଷ ୩୧ ଅଗଷ୍ଟ ୨୦୨୦ ମଧ୍ୟରେ ଭାରତରେ ବିଭିନ୍ନ କେନ୍ଦ୍ରୀୟ ପୋଲିସ୍ ବଳ ଓ ରାଜ୍ୟ ପୋଲିସ୍ ର ୨୬୫ ଜଣ ଆରକ୍ଷୀ ଶହୀଦ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଆନ୍ଧ୍ର ପ୍ରଦେଶରୁ ୩ ଜଣ, ଅରୁଣାଂଚଳ ପ୍ରଦେଶରୁ ୨ ଜଣ, ବିହାରରୁ ୯ ଜଣ, ଛତିଶଗଡରୁ ୨୫ ଜଣ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଂଜରୁ ୨ ଜଣ, ଦିଲ୍ଲୀରୁ ୧୧ ଜଣ, ହରିୟାଣାରୁ ୨ ଜଣ, ଜମ୍ମୁ ଓ କାଶ୍ମୀରରୁ ୧୨ ଜଣ, ଝାଡଖଣ୍ଡରୁ ୮ ଜଣ, କର୍ଣ୍ଣାଟକରୁ ୧୭ ଜଣ , ମଧ୍ୟ ପ୍ରଦେଶରୁ ୭, ମହାରାଷ୍ଟ୍ରରୁ ୫, ମଣିପୁର, ପଂଜାବ, ରାଜସ୍ଥାନ, ତ୍ରିପୁରାରୁ ୨ ଜଣ ଲେଖାଏଁ , ତାମିଲନାଡୁ ଓ ଆସାମ ରାଇଫଲସ୍ ରୁ ୩ ଜଣ ଲେଖାଏଁ , ଉତରପ୍ରଦେଶରୁ ୯, ଉତରାଖଣ୍ଡରୁ ୬, ପଶ୍ଚିମବଙ୍ଗରୁ ୧୧, ବିଏସଏଫ୍ରୁ ୨୫, ସିଆଇଏସଫ୍ ରୁ ୭, ଅଗ୍ନିଶମ ଓ ହୋମ୍ ଗାର୍ଡରୁ ୪ , ସିଆରପିଏଫ୍ ରୁ ୨୯, ଆଇଟିବିପିରୁ ୧୮, ଏମଏଚଏରୁ ୯ , ଆରପିଏଫ୍ ରୁ ୧୪, ଏସଏସବିରୁ ୧୫ ଓ ଓଡିଶାରୁ ଜଣେ ରହିଛନ୍ତି।

# ହରମୋହନ ଦାଶଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୨୨।୧୦ (ନି.ପ୍ର): ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ତଥା ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ହରମୋହନ ଦାଶଙ୍କ ବିୟୋଗରେ ମଞ୍ଚ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହିତ ତାଙ୍କ ଅମର ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମଞ୍ଚ କର୍ମକର୍ତ୍ତାଙ୍କ ତରଫରୁ ଗଭୀର ସମବେଦନା ଜ୍ଞାପନ କରାଯାଇଛି। ଆଜି ପୂର୍ବାହ୍ନରେ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟଠାରେ କୋଭିଡ୍-୧୯ ନିୟମକୁ ଦୃଷ୍ଟିରେ ରଖି ଜିଲ୍ଲା ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ପୌରହିତ୍ୟରେ ଭର୍ଚୁଆଲ୍ ମୁଡ୍‌ରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ସ୍ୱର୍ଗତଃ ଦାଶଙ୍କ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରାଯାଇ ଈଶ୍ୱରଙ୍କଠାରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମଞ୍ଚର ସାଧାରଣ ସଂପାଦକ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ଶୋକସଭାରେ ବାଲେଶ୍ୱର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ଶାଖାମଞ୍ଚର କର୍ମକର୍ତ୍ତା ଡ. କୁନାନନ୍ଦ ଗିରି, ଶରତ ଚନ୍ଦ୍ର ଦାଶ, ମନୋରଞ୍ଜନ ପାଲ୍, ବିଷ୍ଣୁ ପ୍ରସାଦ ମହାନ୍ତି, ଦାମୋଦର ନାୟକ, ଗୋପୀନାଥ ଦାସ, ମଧୁସୂଦନ ଜେନା, ବାସନ୍ତୀ କର, ରେଣୁବାଳା ଦାସ, କୁମୁଦରଞ୍ଜନ ଗିରି, ପୁରୁଷୋତ୍ତମ ସାହୁ, ଲୋଚନ ବେହେରା, ବିଧାନ ଚନ୍ଦ୍ର ରାୟ, ରଘୁନାଥ ମହାନ୍ତି, ସୁବୋଧ ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ସୁର୍, ରାଜେନ୍ଦ୍ରନାଥ ରାଉତ, ପ୍ରଫୁଲ୍ଲ କୁମାର ଦାସ, ଶରତ କୁମାର ବିଶ୍ୱାଳ, ଅନାମ ଚରଣ ପଣ୍ଡା, ସୁଶାନ୍ତ କୁମାର ପଣ୍ଡା, ଅନୁସୟା ନାୟକ, ଦେବେନ୍ଦ୍ର ନାଥ ଚୌଧୁରୀ, ଦିଲ୍ଲୀପ ଗିରି, ସ୍ନେହଲତା ଦାସପତି, ରମାକାନ୍ତ ମହାନ୍ତି, ଲକ୍ଷ୍ମୀକାନ୍ତ ବେହେରା, ଉପେନ୍ଦ୍ରନାଥ ଦାଶ, ଗିରିଶ ଚନ୍ଦ୍ର ଦାଶ, ଗୌରାଙ୍ଗ ଚରଣ ପାଣିଗ୍ରାହୀ, ଅକ୍ଷୟ କୁମାର ତ୍ରିପାଠୀ, ଦେବବ୍ରତ ପାଣିଗ୍ରାହୀ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ସୁରେନ୍ଦ୍ରନାଥ କର, ଅଖିଳ କୁମାର ଦାସ, ବେଣୁଧର ପାଳ, ହୃଶୀକେଶ ରଥ, ଉମେଶ ଗୋଚ୍ଛାୟତ ଓ ଡ. ଶ୍ରୀକାନ୍ତ ଚରଣ ପାତ୍ର, ହୃଶୀକେଶ ମହାପାତ୍ର ପ୍ରମୁଖ ସ୍ୱର୍ଗତ ଦାଶଙ୍କ ବହୁବିଧ ପ୍ରତିଭା ସଂପର୍କରେ ଆଲୋଚନା କରି ତାଙ୍କ ବିୟୋଗ ଦ୍ୱାରା ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ କ୍ରିଡ଼ା ସଂଗଠନରେ ଅପୂରଣୀୟ କ୍ଷତି ଘଟିଲା ବୋଲି ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## କୃଷି ବିଭାଗ ଅବସରପ୍ରାପ୍ତ ସେକ୍ସନ୍ ଅଧିକାରୀ ତଥା ସ୍ୱେଚ୍ଛାସେବୀଙ୍କ ଦେହାନ୍ତ

କନ୍ଧମାଳ,୨୨।୧୦ (ନି.ପ୍ର): ଫୁଲବାଣୀ କୃଷି କାର୍ଯ୍ୟାଳୟରେ ପୂର୍ବରୁ ସେକ୍ସନ୍ ଅଧିକାରୀ ଭାବେ କାର୍ଯ୍ୟକରୁଥିବା ଶଙ୍କର ପଟ୍ଟନାୟକଙ୍କର ଦେହାନ୍ତ ହୋଇଛି । ଗତ କିଛିଦିନ ହେଲା ସେ କିଡ଼ନୀ ସମେତ ବିଭିନ୍ନ ରୋଗରେ ପିଡ଼ିଥ ଥାଇ ଚିକିତ୍ସିତ ହେଉଥିଲେ । ଗତକାଲି ସେ ରାତିରେ ହଠାତ୍ ଗୁରୁତର ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନେବା ବେଳେ ତାଙ୍କର ଦେହାନ୍ତ ଘଟିଛି । ଜଣେ ମେଳାପି ଓ କର୍ମଠ ବ୍ୟକ୍ତି ହୋଇଥିବାବେଳେ ଫୁଲବାଣୀର ସେ ଜଣେ ପୁରାତନ ସ୍ୱେଚ୍ଛାସେବୀ ଏବଂ ରକ୍ତଦାତା ଭାବରେ ସୁପରିଚିତ ଥିଲେ । । ସ୍ୱର୍ଗତ ପଟନାୟକଙ୍କ ଧର୍ମପତ୍ନୀ ମଧ୍ୟ କୃଷି କାର୍ଯ୍ୟାଳୟରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟକରୁଥିବା ବେଳେ ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ତାଙ୍କର ବିୟୋଗରେ ସମଗ୍ର ଫୁଲବାଣୀ ଓ କୃଷି ବିଭାଗରେ ଶୋକରଛାୟା ଖେଳି ଯାଇଛି ।

# ବାଉଦପୁର ଷ୍ଟେସନ ୟାର୍ଡ଼ ରେ ଲାଗିଲା ଡୁଆଲ୍ ଭିଜୁଆଲ୍ ଡିସପ୍ଲେ ୟୁନିଟ୍

ଭୁବନେଶ୍ୱର,୨୨।୧୦ (ନି.ପ୍ର): ବାଉଦପୁର ଷ୍ଟେସନ ୟାର୍ଡ଼ ଠାରେ ଟ୍ରେନ ପରିଚାଳନାକୁ ସହଜ କରିବା ପାଇଁ ହଟ ଷ୍ଟାଣ୍ଡବାଇ ସହିତ ଡୁଆଲ୍ ଭିଜୁଆଲ୍ ଡିସପ୍ଲେ ୟୁନିଟ୍ ସ୍ଥାପନ କରାଯାଇଛି । ଗୋଟିଏ ସିଷ୍ଟମ ବିଫଳତା ସମୟରେ ହଟ ଷ୍ଟାଣ୍ଡବାଇ ଶୂନ୍ୟ ପରିବର୍ତନ ସମୟ ପ୍ରଦାନ କରିଥାଏ କାରଣ ପରିବର୍ତନ ସ୍ୱୟଂଚାଳିତ ଭାବରେ ହୋଇଥାଏ । ଏହାଦ୍ୱାରା ସାଙ୍କେତିକ ପ୍ରଣାଳୀରେ ଅନାବଶ୍ୟକତା ବୃଦ୍ଧି କରିଥାଏ ଏବଂ ହଟ ଷ୍ଟାଣ୍ଡବାଇ ତୁଳନାରେ ଡୁଆଲ ଭିଡିୟୁ ବ୍ୟବସ୍ଥା ହେତୁ ଦ୍ରୁତ ଟ୍ରେନ୍ କାର୍ଯ୍ୟ ପାଇଁ ଏହା ଅଧିକ ସୁବିଧାଜନକ ଯେଉଁଠାରେ ପରିବର୍ତନକୁ ମାନୁଆଲ୍ କରିବାକୁ ପଡିବ ନାହିଁ । ଏହା ବ୍ୟତୀତ ସାଙ୍କେତିକ ପ୍ରଣାଳୀ ଏବଂ ଭିଡିୟୁ ମଧ୍ୟରେ ଅପ୍ଟିକାଲ ଯୋଗାଣ ହେତୁ ପ୍ୟାନେଲ୍ ଅପରେସନ୍ ତୁଳନାରେ ଏହା ସର୍ଜ୍ ସୁରକ୍ଷା ନିଶ୍ଚିତ କରିବ । ସେହିଭଳି, ଉଚ୍ଚ ଉପଲବ୍ଧତା ଏକକ ବିଭାଗ ଡିଜିଟାଲ୍ ଆକ୍ସଲ୍ କାଉଂଟର, ଟ୍ରେନର ସମୟାନୁବର୍ତୀତାକୁ ଉନ୍ନତ କରିବା ପାଇଁ ବ୍ୟବହୃତ ହେଉଥିବା ଅନ୍ୟ ଏକ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଏହା ପୂର୍ବ ସାଙ୍କେତିକ ପ୍ରଣାଳୀ ଦ୍ୱାରା ହେଉଥିବା ବାରମ୍ବାର ଟ୍ରେନ କୁ ଅଟକାଇବାକୁ ହ୍ରାସ କରିଥାଏ । ପୂର୍ବତଟ ରେଳପଥ ମଧରେ କପିଳାସ ରୋଡ଼ ଓ ବୈରୀ ଷ୍ଟେସନ ମଧରେ ଡାଉନ ଲାଷ୍ଟ ଭେଇକିଲ୍ ଯାଂଚ ଉପକରଣ କୁ ଉଚ୍ଚ ଉପଲବ୍ଧତା ଏକକ ବିଭାଗ ଡିଜିଟାଲ୍ ଆକ୍ସଲ୍ କାଉଂଟରରେ ରୂପାନ୍ତର କରିଛି ଯାହା ନିର୍ଭରଯୋଗ୍ୟତାକୁ ଉନ୍ନତ କରିବ । ଗୋଟିଏ ସିଷ୍ଟମର ବିଫଳତା ସମୟରେ ଅନ୍ୟ ସିଷ୍ଟମ୍ କାର୍ଯ୍ୟ ଜାରି ରଖିଥାଏ । ଏହା ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ସିଗନାଲ ବିଭାଗ ଦ୍ୱାରା ବିକଶିତ କରାଯାଇଛି ।

# ପୋଲିସ ସହୀଦ ଦିବାସ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୪୪ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,୨୨।୧୦ (ନି.ପ୍ର): ଆଜି ଫୁଲବାଣୀ ମାଦିକୁନ୍ଦା ପୋଲିସ ପଡିଆଠାରେ ୬୧ତମ ପୋଲିସ ସହୀଦ ସ୍ମୃତି ଦିବସ ପାଳନ ଅବସରରେ କନ୍ଧମାଳ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ସହୀଦ ହୋଇଥିବା ପୋଲିସ ଜାବନ ମାନଙ୍କ ସ୍ମୃତିରେ ସ୍ଥାନୀୟ ମାଦିକୁନ୍ଦା ପୋଲିସ ହସପିଟାଲରେ ବିବାଗ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏଥିରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରାୱାଲ ପ୍ରଥମେ ରକ୍ତଦାନ କରି ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସେଠାରେ କନ୍ଧମାଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିପିନବିହାରୀ ବେହେରାଙ୍କ ସମେତ ପୋଲିସ ଆରଆଇ ଧର୍ମେନ୍ଦ୍ର ପ୍ରଧାନ, ସର୍ଜେଣ୍ଟ ସରୋଜ କୁମାର ବେହେରା ଫୁଲବାଣୀ ଏସଡିପିଓ ସହେନ୍ଦ୍ର କୁମାର ମୁର୍ମୁଙ୍କ ସମେତ ଅନ୍ୟାନ୍ୟ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଶିବିରରେ ଫୁଲବାଣୀ ରକ୍ତ ଭଣ୍ଡାର ଅଧିକାରୀ ଡା.ଜୟଦୀପ ଘୋଷଙ୍କ ପରିଚାଳନାରେ ଏଲ.ଟି ଶରତଚନ୍ଦ୍ର ଭଞ୍ଜ, ଦିନକୃଷ୍ଣ ମହନ୍ତ, ସୁଜିତ କୁମାର ସାହୁ ଏବଂ ବରୁଣ ବେହେରା ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ । ଫୁଲବାଣୀର ରକ୍ତଦାତା ତଥା ରକ୍ତଭଣ୍ଡାର ପରିଚାଳନା କମିଟି ସଦସ୍ୟ ପ୍ରଶାନ୍ତ କୁମାର ବେହେରା, କନେଷ୍ଟବଲ ଓ ହାବିଲଦାର ସଂଘର ସଭାପତି ପ୍ରଦୀପ କୁମାର ମହାନ୍ତି, ସମ୍ପାଦକ ସୁନିଲ କୁମାର ପରିଡା, ଅଭିସିତ୍ ଦିଗାଲ, ଅରବିନ୍ଦ ଦିଗାଲ, ଦେଜ୍ୟୋତୀ ପାତାଳ ସଂ ଏବଂ ଭାବଗ୍ରାହୀ ସାହାଣୀଙ୍କ ସମେତ ଅନେକ ପୋଲିସ କର୍ମଚାରୀ ମାନେ ଏଥିରେ ସହାୟତା କରିଥିଲେ । ଆଜିର ଏହି ଶିବିରରେ ମୋଟ ୪୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।

# ଦିଗପହଣ୍ଡି ଥାନାର ଜୁଆଖେଳ ଉପରେ ମାରାଥନ ଚଢ଼ାଉ

ଗଞ୍ଜାମ,୨୨।୧୦ (ନି.ପ୍ର): ପଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ପୋଲିସ ପକ୍ଷରୁ ଲଗାତାର ଜୁଆଖେଳ ଉପରେ ମାରାଥନ ଚଢ଼ାଉ ଜାରି ରହିଛି ।ପାର୍ବଣ ଋତୁ ରେ ଜୁଆଖେଳ କୁ ଏକ ପ୍ରକାର ପରମ୍ପରା ବୋଲି ଅସାଧୁ ଜୁଆଡ଼ି ମାନେ ଧରି ନେଇଛନ୍ତି ।ଏହି ଜୁଆଖେଳ ନିଶାରେ ଅନେକ ପରାଜିତ ହୋଇ ଅନେକ ଘର ଉଜୁଡ଼ି ଯିବାର ନମୂନା ମାନ ସମାଜ ରେ ଦେଖିବାକୁ ମିଳିଛି ।ପୋଲିସ ପକ୍ଷରୁ ଯଦି ଏପରି ଚଢ଼ାଉ ଜାରି ରହେ ତେବେ ଆଗାମୀ ଦିନରେ ଜୁଆଡ଼ି ଓ ଜୁଆଖେଳ ପରିଚାଳନା କରୁଥିବା ମାଷ୍ଟର ମାନଙ୍କ ନିଦ ହଜିଯିବ ବୋଲି ସାଧାରଣ ଜନତା ମତ ପ୍ରକାଶ କରିଛନ୍ତି। ଦିଗପହଣ୍ଡି ଥାନା ଅଧିକାରୀ ବସନ୍ତ କୁମାର ସେଠୀ ଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ବାହିନୀ ଗତ ବିଳମ୍ବିତ ରାତି ୧ ଘଂଟା ସମୟରେ ଦିଗପହଣ୍ଡି ବ୍ଲକ ବି. ତୁରୁବୁଡି ପଂଚାୟତ ଅନ୍ତର୍ଗତ କାଣ୍ଡେସର ଗ୍ରାମରେ ବହୁ ପୂର୍ବରୁ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଅତର୍କିତ ଚଢ଼ାଉ କରିଥିଲେ ।ଏହି ଜୁଆଖେଳ ସ୍ଥଳ ରୁ ୬ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ନଗଦ ୧୪ ହଜାର ୨ ଶହ ଟଙ୍କା , ୩ ଟି ମୋବାଇଲ, ୪ଟି ବାଇକ ଓ କିଛି ମଦ ବୋତଲ ଜବତ କରିଥିବା ଜଣାପଡ଼ିଛି । ଅନ୍ୟ କିଛି ଜୁଆଡି ଖସି ପଳାଇବାରେ ମଧ ସଫଳ ହୋଇଥିବା ସୂଚନା ମିଳିଛି। ଏ ନେଇ ଦିଗପହଣ୍ଡି ଥାନାରେ ମାମଲା ରୁଜୁ କରିଥିବା ଜଣାପଡିଛି।

# ଯାଜପୁର ଜିଲ୍ଲା ପୁଲିସର ୬୧ ତମ ଶହୀଦ ସ୍ମୃତି ଦିବସ ପାଳିତ

କୋରେଇ,୨୨।୧୦ (ନି.ପ୍ର): ପାଣିକୋଇଲି ସ୍ଥିତ ଯାଜପୁର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆଜି ୬୧ତମ ଶହୀଦ ସ୍ମୃତି ଦିବସ ପାଳିତ ହୋଇଛି । ଯାଜପୁର ଏସପି ଚରଣ ସିଂହମୀନା, ଜିଲ୍ଲାପାଳ ଚର୍କବର୍ତି ସିଂହ ରାଠୋର, ଏଡିଏମ କଳିଙ୍ଗନଗର ସନ୍ତୋଷ କୁମାର ମିଶ୍ର, ରାଜସ୍ୱ ବିଭାଗ ଏଡିଏମ ଅକ୍ଷୟ କୁମାର ମଲ୍ଲିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ସହୀଦ ସ୍ମୃତିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଏସପି ଶ୍ରୀ ମୀନା ସହୀଦ ଦିବସ ଅବସରରେ ପ୍ୟାରେଡ ଅଭିବାଦନ ଗ୍ରହଣ କରିବା ସହ ସହୀଦ ସ୍ମୃତି ଦିବସରେ ମାନ୍ୟବର ରାଜ୍ୟାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତା ପଠନ କରିଥିଲେ । ସାରା ଭାରତ ବର୍ଷରେ ବଳିଦାନ ଦେଇଥିବା ସହୀଦଙ୍କ ନାମ ପଠନ ଓ ସ୍ମରଣ ଏବଂ ସେମାନଙ୍କ ବଳିଦାନ ସମସ୍ତ ପାଇଁ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ । ସେମାନଙ୍କୁ ଶ୍ରଦ୍ଧାଂଜଳୀ, ସ୍ମୃତିଚାରଣ ଓ ପ୍ରେରଣା ନେବା ସହ ସେମାନଙ୍କ ପରିବାରକୁ ସମବେଦନା ଜ୍ଞାପନ ଏବଂ ଏହା ଆମ ପାଇଁ ପ୍ରେରଣାର ଉତ୍ସ ବୋଲି ଏସପି ଶ୍ରୀ ମୀନା କହିଥିଲେ । ଏହି ପ୍ୟାରେଡ କାର୍ଯ୍ୟକ୍ରମକୁ ରିର୍ଜଭ ଇନ୍ସପେକ୍ଟର କାହ୍ନୁ ଚରଣ ମାରାଣ୍ଡି, ସରଜେଂଟ ବିର ସିଂହ ସବର ପ୍ୟାରେଡ ପରିଚାଳନା କରିଥିବ ବେଳେ ଅତିରିକ୍ତ ଏସପି କଳିଙ୍ଗନଗର ଜୟୀରାମ ସତପଥି, ବାଉରୀବନ୍ଧୁ ବେହେରା, ଡିଆଇବି ଡିଏସପି ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ନାରାୟଣ ଚନ୍ଦ୍ର ବାରିକ, ଏସଡିପିଓ ଚିନ୍ମୟ ନାୟକ, ଜିଲ୍ଲା ହାବିଲଏଦାର କନେଷ୍ଟବଳ ସଙ୍ଗଠର ସଭାପତି ତାରାକାନ୍ତ ବିଶ୍ୱାଳ, ଷ୍ଟେନୋ ମନୋରଂଜନ ସାମଲ, ପାଣିକୋଇଲି ଥାନାଧିକାରୀ ସସ୍ମିତା ସାହୁ, ଚକ୍ରପତି କଅଁର, ଏ ଆବ୍ରହିମ ଚମ୍ପେଇଙ୍କ ସମତେ ବିଭିନ୍ନ ଥାନାଧିକାରୀ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଏସଆଇ ରମେଶ କୁମାର ସାହାଣୀ, ମନନୋରଂଜନ ପରିଡା, ଚିତରଂଜନ ଜେନା, ଚିନ୍ମୟୀ ବେହେରା, ହାବିଲଦାର ଭାସ୍କର ସାହୁ, ଶୁକଦେବ ପ୍ରଧାନ ଓ ହେଡକ୍ୱାଟରର ସମସ୍ତ ଅଧିକାରୀ, କର୍ମଚାରୀ ସହଯୋଗ କରିଥିଲେ ।

# କୋଭିଡ ଉଜାଡି ଦେଲା ସଂସାର —
# ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୦,୪୩୦ରେ ପହଂଚିଥିବା ବେଳେ ୪୪ଜଣ ମୃତ୍ୟୁବରଣ କରିଛନ୍ତି

ବାରିପଦା,୨୨।୧୦ (ନି.ପ୍ର): ହସିଲା ପୁରିଲା ସଂସାର ଉପରେ ଭାଙ୍ଗିପଡ଼ିଛି ଦୁଃଖର ପାହାଡ଼। ମାତ୍ର କିଛି ଦିନ ବ୍ୟବଧାନରେ ଡକାଡକି ହୋଇ ଆରପାରିକୁ ଚାଲଗଲେ ଦୁଇ ଭାଇ। କରୋନା ହିଁ ଆଣିଦେଇଛି ଏମିତି କରୁଣ କାହାଣୀ। ବାରିପଦା ପୌରପରିଷଦ ଅନ୍ତର୍ଗତ ବାଘରାରୋଡ଼ ନିବାସୀ ଗୌରଚନ୍ଦ୍ର ପାଣି(୮୫) ନିଜର ତିନି ପୁଅ ବୋହୁ ଏବଂ ନାତି ନାତୁଣୀଙ୍କୁ ନେଇ ଏକ ସୁଖର ସଂସାର ଅତିବାହିତ କରୁଥିଲେ। ମାତ୍ର ସତେ ଯେପରି କରୋନା ମହାମାରୀ ତାଙ୍କ ପରିବାର ଉପରେ କାଳ ଭଳି ମାଡ଼ି ଆସିଲା। ପ୍ରଥମେ ତାଙ୍କ ବଡ଼ ପୁଅ ତପନ ପାଣିଙ୍କ ଠାରେ ଗତମାସ ଶେଷ ଭାଗରେ କରୋନା ଜନିତ ଲକ୍ଷଣ ପ୍ରକାଶ ପାଇଥିଲା। ଅସୁସ୍ଥ ଅନୁଭବ କରି ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଯାଇଥିଲେ ମଧ ଗତମାସ ୨୮ ତାରିଖରେ ମୃତ୍ୟୁ ତାଙ୍କର ଘଟିଥିଲା। ପରବର୍ତ୍ତୀ ସମୟରେ ତପନ କରୋନାରେ ପ୍ରାଣ ହରାଇଥିବା ଜଣାପଡ଼ିଥିଲା। ପରେ ପରେ ମଝିଆଁ ପୁଅ ଦେବାଶିଷଙ୍କ ନିକଟରେ ମଧ କରୋନା ଲକ୍ଷଣ ପ୍ରକାଶ ପାଇଥିଲା। ବାରିପଦାରେ ଆର୍ଟିପିସିଆର ପରୀକ୍ଷା କରାଇଥିଲେ ସୁଦ୍ଧା ନେଗେଟିଭ୍ ରିପୋର୍ଟ ଆସିଥିଲା। ତଥାପି ନିଶ୍ୱାସ ନେବାରେ ଅସୁବିଧା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ କରୋନାରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ଚିକିତ୍ସାଧୀନ ଥିବାବେଳେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଅବନତି ଦେଖାଯାଇଥିଲା। ଭେଣ୍ଟିଲେଟରରେ ଥିବାବେଳେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଛି। ତେବେ ଦୁଃଖର କଥା ଏହାଯେ ଏମଧରେ ନିଜେ ଗୌରଚନ୍ଦ୍ର ଏବଂ ତାଙ୍କ ସବା ସାନ ପୁଅ ଦେବବ୍ରତ ମଧ କରୋନାରେ ଆକ୍ରାନ୍ତ ହୋଇ ଏମ୍‌ସରେ ଚିକିତ୍ସାଧୀନ ଥିଲେ। ଏପରିକି ଗୌରଚନ୍ଦ୍ରଙ୍କ ଅବସ୍ଥା ମଧ ଗୁରୁତର ହୋଇପଡ଼ିଥିଲା। ମାତ୍ର ସେ ଏବଂ ତାଙ୍କ ସାନପୁଅ ଦେବବ୍ରତ କରୋନାରୁ ସୁସ୍ଥ ହୋଇ ଘରକୁ ଫେରିଥିଲେ। ମାତ୍ର ରାତିରେ ଘରେ ପହଂଚିଲାବେଳକୁ ମିଳିଥିଲା ମଝିଆଁ ପୁଅ ଦେବାଶିଷଙ୍କ ମୃତ୍ୟୁ ଖବର। ଯାହାକି ସମସ୍ତଙ୍କୁ ବିଚଳିତ କରିଦେଇଛି। ମାତ୍ର କିଛି ଦିନ ମଧରେ ଦୁଇ ଦୁଇଜଣ ପୁଅଙ୍କୁ ହରାଇ ସ୍ତବ୍ଧ ହୋଇପଡ଼ିଛି ସମ୍ପୂର୍ଣ୍ଣ ପାଣି ପରିବାର। ଜଣଙ୍କ ପରେ ଜଣେ ତିନି ପୁଅଙ୍କ ସମେତ ପିତା କରୋନାରେ ଆକ୍ରାନ୍ତ ହେବା ଏବଂ ଦୁଇ ପୁଅ ପ୍ରାଣ ହରାଇବା ପୁରା ବାରିପଦାରେ ଦୁଃଖର ବାତାବରଣ ଖେଳାଇଦେଇଛି। ହସଖୁସିର ଏହିପରି ଅନେକ ସଂସାରକୁ କରୋନା ମହାମାରୀ କାଳବୈଶାଖୀ ସାଜି ଉଜାଡ଼ି ଦେଉଛି। ମୟୂରଭରେ ଆଜିସୁଦ୍ଧା ସରକାରୀ ଭାବେ କରୋନାରେ ୪୭ଜଣଙ୍କର ମୃତ୍ୟୁ ହୋଇ ସାରିଲାଣି।

# ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଘୋଷଣା ପରେ ନୁଆ ପୁରୁଣାକୁ ନେଇ ମତଭେଦ : ଇସ୍ତଫା ପର୍ବର ଦାନା ବାନ୍ଧୁଛି

ରାଉରକେଲା,୨୨।୧୦ (ନି.ପ୍ର): ନିର୍ବାଚନ ପରେ ଅନେକ ଦିନ ରାଉରକେଲା କଂଗ୍ରେସ ଦୁଇ ଭାଗ ହୋଇ ରାଉରକେଲା ର ବିଭିନ୍ନ ସମସ୍ୟା ଉପରେ ଆନ୍ଦୋଳନ କରି ରାଉରକେଲାରେ ବିଗତ ଦିନ ଗୁଡିକରେ ହୋଇଥିବା ଆନ୍ଦୋଳନର ରେକର୍ଡ ଭାଂଗିଥିବା ବେଳେ ,ଲଢୁଆ ନେତା ଜର୍ଜଙ୍କୁ ଜିଲ୍ଲା ସଭାପତି କରାଯାଇଛି ,ହେଲେ ଏହି ରେସ୍ ରେ ଥିବା ଅନେକ ପୁରୁଣା ,ନୁଆ କଂଗ୍ରେସ ନେତା ଙ୍କର ଏହି ଘୋଷଣା ପରେ ପରେ ମନଖଟା ହେବା ସହ ଦଳ ଭିତରେ ନୁଆ ପୁରୁଣା କୁ ନେଇ ନୀରବ ମତଭେଦ ଆହୁରି ସୁଦୃଢ ହେବାରେ ଲାଗିଥିବା ସହ ଇସ୍ତଫାକୁ ପର୍ବ ଆରମ୍ଭ ହେବାକୁ ଯାଉଥିବାର ଖବର ମିଳିଛି । ନିର୍ବାଚନ ପୂର୍ବରୁ ଜର୍ଜ ବାବୁ ଏଠାରେ ସାଂସଦ ଟିକେଟ ପାଇବା ପରେ ତାଙ୍କ ପୁଅ ମଧ ବୀରମିତ୍ରପୁରରୁ ଟିକେଟ ପାଇଥିଲେ । ତେବେ ଉଭୟ ହାରିବା ସହ ସେମାନଙ୍କ ହାରିବା ପଛରେ ଅର୍ନ୍ତଘାତି କାମ ମୁଖ୍ୟ କାରଣ ବୋଲି ଜର୍ଜ ଅଭିଯୋଗ କରିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଥିଲେ । ଏପରିକି ନିକଟରେ କେନ୍ଦ୍ରୀୟ ନେତା ଚେଲା କୁମାର ଙ୍କ ପାଖରେ ମଧ ସେ ଏହି କଥା ରଖିଥିଲେ ବୋଲି ସୁଚନା ଦେଇଥିଲେ । ତେବେ ଏହାରି ଭିତରେ ଜିଲ୍ଲା ସଭାପତି ପଦ ଦୌଡରେ ସେ ନିଜକୁ ସାମିଲ କରିଥିବା ବେଳେ ଦଳର ରାଉରକେଲା ଟିକେଟ ପାଇଥିବା ବୀରେନ ସେନାପତି ଙ୍କ ସମେତ ବାଦଲ ଶ୍ରୀଚନ୍ଦନ, ରଶ୍ମି ରଂଜନ ପାଢୀ, ସାବୀର ହୁସେନ .ରବି ରାୟ ଓ ଆହୁରି ଅନେକ ଏହି ଦୌଡରେ ସାମିଲ ଥିଲେ । ତେବେ ସମସ୍ତଙ୍କୁ ପଛରେ ପକାଇ ଜର୍ଜ ଛକା ମାରିବା ପରେ ଏବେ କୁଆଡେ ପୁରୁଣା କଂଗ୍ରେସ ବାଲା ଏକତ୍ରିତ ହେଉଥିବାର ଖବର ମିଳିଛି । ସେମାନେ ଖୁବ ଶିଘ୍ର ଏକ ବୈଠକ କରି ଏଠାରେ ମନମାନି ଚଳିବ ନାହିଁ କିମ୍ବା ବଂଶ ବିରାଦରି ରାଜନୀତି ଚଳିବ ନାହିଁ ବୋଲି ନିଷ୍ପତି ନେବା ସହ କଂଗ୍ରେସର ନୀତିନିୟମ ଅନୁସାରେ ସବୁ କାମ ଓ ସଂଗଠନ ହେବା ଦରକାର ବୋଲି ଏକ ଦାବି ପତ୍ର କେନ୍ଦ୍ରୀୟ ନେତାଙ୍କୁ ଚିଠି ପଠାଇବେ ବୋଲି ଖବର ମିଳିଛି । ଏହି ରାଜନୀତିରେ ରାଜ୍ୟ କଂଗ୍ରେସର ବହୁ ପ୍ରଭାବ ଶାଳି ନେତାଙ୍କର ହାତ ରହୁଥିବାର ଖବର ମିଳିଛି । ତେବେ ଯଦି ଏଭଳି ହୁଏ ତେବେ ଜର୍ଜ ତାଙ୍କର ନୁଆ ଟିମ କିଭଳି ଗଢିବେ ଓ ତାଙ୍କର ଲକ୍ଷରେ ସେ କେମିତି ପହଁଚିବେ ସେନେଇ ଉଠିଛି ପ୍ରଶ୍ନ । ତେବେ ଜର୍ଜ ବାବୁ ବାରମ୍ବାର ଏଜିଲ୍ଲାରେ ବିଧାୟକ ହେବା ସହ ପୂର୍ବରୁ ବିଜେଡିରେ ଥିବା ବେଳେ ଜିଲ୍ଲା ସଭାପତି ମଧ ଥିଲେ । ଜିଲ୍ଲାକୁ ଅନେକ ପାଖରୁ ସେ ଦେଖିଥିବା ବେଳେ ଏଜିଲ୍ଲାରେ ପଲିଟିକ୍ସର ଗତି କଣ ଓ ଏହାକୁ କିଏ କେଉଁଭଳି କରନ୍ତି ତାହା ତାଙ୍କୁ ଅଜ୍ଞ ବହୁତ ଜଣା ଅଛି,ଶ୍ରମିକ ସଂଗଠନ ମଧ ତାଙ୍କ ସହ ରହିଛି,ଆର ଏସ ଏସ ଶ୍ରମିକ ସଂଗଠନ ସହ ମିଶି ସେ ରାଉରକେଲା ଇସ୍ପାତ ବକାରଖାନାରେ କାମ କରୁଛନ୍ତି,ଖୁବ ଶିଘ୍ର ରାଉରକେଲା ଜିଲ୍ଲା କଂଗ୍ରେର କଳେବର ବଦଳାଇବାକୁ ସେ ଚେଷ୍ଟାରେ ରହିଛନ୍ତି ,ଏହା ଦ୍ୱାରା ସେ ଖଣି ଖାଦାନ ପଲିଟିକ୍ସ ସହ ସେଅଂଚଳରେ କଂଗ୍ରେସର ଦବ୍ ଦବା ବଢାଇବାର ସୁଯୋଗ ପାଇବେ ଓ ଏଥିରେ କଂଗ୍ରେସ ମଧ ଲାଭବାନ ହେବ । । କିନ୍ତୁ ସମସ୍ତ ଦଳ ଭିତରେ କଂଗ୍ରେସ ପଲିଟିକ୍ସ ନିଶ୍ଚୟ ନିଆରା ,ଏଠାରେ ଦଳର ବହୁ ପୁରାତନ ନେତା ମାନଙ୍କର ପରିବାର ସାଂଗକୁ ସେମାନଙ୍କ ପ୍ରଭାବ ମଧ ବିଭିନ୍ନ ସମୟରେ ବେଶ କାମ କରିଥାଏ । ତାଛଡା ଯୁଗର ପରିବର୍ତନ ଅନୁଶାରେ ନୁତନ ପିଢି ମାନଙ୍କର ପଲିଟିକ୍ସ ଆହୁରି ତିକ୍ଷ୍ଣ ହେବାରେ ଲାଗିଛି । ଏହାରି ଭିତରେ ଶ୍ରୀ ତିର୍କୀ ନିଜର ଟିମ ଗଠନ ସାଂଗକୁ ଏହି ନୀରବତା ଅବଲମ୍ବନ କରିଥିବା ନେତା ମାନଙ୍କୁ କିଭଳି ସାଙ୍ଗରେ ନେବେ ଓ ଦଳରୁ ଆଗାମୀ ଦିନରେ ହେବାକୁ ଥିବା ଇସ୍ତଫା ପର୍ବକୁ କିଭଳି ସମ୍ମୁଖୀନ ହେବେ ତାହା ଦେଖିବାକୁ ବାକି ରହିଲା ।

# ସାମାଜିକ ବିକାଶ ପ୍ରତି ଗୁରୁତ୍ୱ ଦେଉ 'ବିଶ୍ୱ ଓଡ଼ିଶା' : ବାଚସ୍ପତି

ଭୁବନେଶ୍ୱର,୨୨।୧୦ (ନି.ପ୍ର): ଓଡ଼ିଶା ବିଧାନସଭା ପରିସରରେ ଅନୁଷ୍ଠିତ 'ବିଶ୍ୱ ଓଡ଼ିଶା' ରାଜ୍ୟ କାର୍ଯ୍ୟକାରିଣୀ ପରିଷଦର ଏକ ବିଶେଷ ବୈଠକରେ ବିଶ୍ୱ ଓଡ଼ିଶା ସାମାଜିକ ବିକାଶ ପ୍ରତି ଗୁରୁତ୍ୱ ଦେଉ ବୋଲି ମତବ୍ୟକ୍ତ କରିଛନ୍ତି 'ବିଶ୍ୱ ଓଡ଼ିଶା'ର ସଭାପତି ତଥା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର। 'ବିଶ୍ୱ ଓଡ଼ିଶା' ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ବିଶ୍ୱବ୍ୟାପୀ ଓଡ଼ିଆ ଜାତୀୟତା ଜାଗରଣ ବାର୍ତ୍ତା ବହନ କରି ଏକ ଅଭିଯାନ ଆରମ୍ଭ କରିଛି ସେଥିପ୍ରତି ପ୍ରଶଂସା କରି ବିଶ୍ୱବ୍ୟାପୀ ବିସ୍ତାରିତ ହୋଇ ରହିଥିବା ଓଡ଼ିଆ ଭାଇଭଉଣୀଙ୍କୁ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଆଗେଇ ଆସନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ବିଶେଷତଃ ଦିଲ୍ଲୀ, ବାଙ୍ଗାଲୋର, ଚେନ୍ନାଇ, ମୁମ୍ବାଇ, ସୁରତ, କଲିକତା ଆଦି ମହାନଗର ମାନଙ୍କରେ ଗଢି ଉଠିଥିବା ଓଡ଼ିଆ ଅନୁଷ୍ଠାନମାନଙ୍କୁ ପ୍ରଶଂସା କରି ସେମାନଙ୍କ ସହିତ ସମନ୍ୱୟ ରକ୍ଷା କରି 'ବିଶ୍ୱ ଓଡ଼ିଶା' କାର୍ଯ୍ୟ କରିବ ବୋଲି କର୍ମକର୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦେଶରେ ଆମେରିକା, କାନାଡ଼ା, ଲଣ୍ଡନ, ବାହାରିନ୍, ମିଆଁମାର, ସାଉଦିଆରବ ଆଦି ଦେଶମାନଙ୍କରେ କେତେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ନିଜ ନିଜ ସ୍ତରରେ ଓଡ଼ିଶା ପାଇଁ ଚିନ୍ତା କରୁଛନ୍ତି। ସେମାନଙ୍କୁ ଓଡ଼ିଶାର ସାମଗ୍ରିକ ବିକାଶ, ବିଶେଷତଃ କୃଷି, କୁଟୀର ଶିଳ୍ପ, ଗ୍ରାମୀଣ ପର୍ଯ୍ୟଟନ ଆଦିରେ ସଂଯୋଗ କରିବା ପାଇଁ 'ବିଶ୍ୱ ଓଡ଼ିଶା' କାର୍ଯ୍ୟ କରିବ ବୋଲି ଡ. ପାତ୍ର ମତାମତ ଦେଇଥିଲେ। ବିଶ୍ୱ ଓଡ଼ିଶାର ଏକ ଆନ୍ତର୍ଜାତିକ ଅଧିବେଶନ ଭୁବନେଶ୍ୱରଠାରେ ଆସନ୍ତା ମାର୍ଚ୍ଚ ମାସରେ ବିଭିନ୍ନ ଦେଶ ଓ ରାଜ୍ୟର ପ୍ରତିନିଧିମାନଙ୍କୁ ନେଇ ହେବା ପାଇଁ ନିଷ୍ପତ୍ତି ନିଆଯିବା ସହିତ ପ୍ରବାସୀ ସ୍ଥାନାନ୍ତରିତ ଶ୍ରମିକ ତଥା କର୍ମଜୀବୀ ମାନଙ୍କର ଅନ୍‌ଲାଇନ୍ ତାଲିକା ପ୍ରସ୍ତୁତ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିରେ ଆବାହକ ଭାବରେ ସାମ୍ବାଦିକ କିଶୋର ଦ୍ୱିବେଦୀ, ବାହାରିନ ଓଡ଼ିଆ ସମାଜ ପ୍ରତିଷ୍ଠାତା ସଭାପତି ଡ. ଅରୁଣ ପ୍ରହରାଜ, କାଡ଼ାନାରେ ଅବସ୍ଥାପିତ ପ୍ରଫେସର ଡ. ତନ୍ମୟ ପଣ୍ଡା ପ୍ରମୁଖଙ୍କୁ ଗ୍ରହଣ କରାଗଲା। ଏଥିସହିତ ବିଭିନ୍ନ ରାଜ୍ୟରେ ତଥା ଦେଶରେ ଏହାର ଶାଖା ଗଠନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ଗର୍ଭାବସ୍ଥା ସମୟ ପାଇଁ ଡାଏଟ୍ ଟିପ୍ସ

**ଗର୍ଭାବସ୍ଥା ସମୟରେ ମହିଳାମାନଙ୍କୁ ନିଜ ସହିତ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟର ଯତ୍ନ ନେବା ଜରୁରୀ । ଏପରି ସ୍ଥିତିରେ ମହିଳାମାନଙ୍କୁ ଖାଦ୍ୟପେୟର ବିଶେଷ ଧ୍ୟାନ ରଖିବା ଆବଶ୍ୟକ । ଏ ସମୟରେ ଖାଦ୍ୟପେୟର ବିଶେଷ ଯୋଗଦାନ ଥାଏ । କେତେକ ଲାଭକାରୀ ଟିପ୍ସ କୁ ମହିଳାମାନେ ଫଲୋ କରିବା ଉଚିତ ।**

♦ ଗର୍ଭାବସ୍ଥା ସମୟରେ ପ୍ରୋଟିନଯୁକ୍ତ ଖାଦ୍ୟ ଯଥା:- ଡାଲି, ଅଙ୍କୁରିତ ଶସ୍ୟ, କ୍ଷୀର ଏବଂ କ୍ଷୀର ଜାତୀୟ ପଦାର୍ଥ, ଅଣ୍ଡା ମାଂସ ଆଦିକୁ ପ୍ରତ୍ୟେକ ଦିନ ଡାଏଟ୍‌ରେ ସାମିଲ କରନ୍ତୁ । ଏହାଦ୍ୱାରା ଶରୀରରେ ପ୍ରୋଟିନର ଅଭାବ ରହିବ ନାହିଁ ।

♦ ସୁସ୍ଥ ପ୍ରେଗନେନ୍ସି ପାଇଁ ଆଇରନ ଜାତୀୟ ଭୋଜନର ଆବଶ୍ୟକତା ରହିଛି । ସେଥିପାଇଁ ସବୁଜ ପନିପରିବା, ଶାଗ, ଡାଳିମ୍ବ, ଲିଚୁ, କିସମିସ୍ ଇତ୍ୟାଦି ପ୍ରତିଦିନ ଖାଇବା ଉଚିତ୍ । ଏହା ବ୍ୟତୀତ ଭିଟାମିନ୍-ସିର ପ୍ରୟୋଗ କରିବା ଜରୁରୀ । ଏଥିରୁ ଶରୀରକୁ ଆଇରନ ମିଳିଥାଏ ।

♦ ଶରୀରରେ ଆବଶ୍ୟକ ଶକ୍ତି ଓ ଫାଇବର୍ସର ଅଭାବକୁ ପୂରଣ କରିବା ପାଇଁ କାର୍ବୋହୋଇଡ୍ରେଟ୍‌ଯୁକ୍ତ ଭୋଜନ କରିବା ଆବଶ୍ୟକ । ଶସ୍ୟ, ଫଳ, ସାଲାଡ ପରି ଖାଦ୍ୟକୁ ଡାଏଟରେ ସାମିଲ କରନ୍ତୁ । ଏହା ବ୍ୟତୀତ ଚୋପା ଲାଗିଥିବା ମୁଗ ଡାଲି ଏ ସମୟରେ ଲାଭକାରୀ ହୋଇଥାଏ ।

♦ ତେଲ ଛଣା ଖାଦ୍ୟର ମାତ୍ରା କମ୍ ରହିବା ଉଚିତ୍ । ଫ୍ୟାଟି ଏସିଡ ଭ୍ରୁଣର ମାନସିକ ବିକାଶ ପାଇଁ ମାନସିକ ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ ।

♦ ଗର୍ଭରେ ଥିବା ଶିଶୁର ହାଡ ଦାନ୍ତର ବିକାଶ ପାଇଁ କ୍ୟାଲସିୟମର ମାତ୍ରା ଅଧିକ ହେବା ଆବଶ୍ୟକ । ଏହା ଆପଣଙ୍କୁ ପିଠି ଓ ଅଣ୍ଟା ଯନ୍ତ୍ରଣାରୁ ମଧ୍ୟ ମୁକ୍ତ ଦେବ । ସେଥିପାଇଁ କ୍ଷୀର ଓ କ୍ଷୀର ଜାତୀୟ ଦ୍ରବ୍ୟ ସବୁଜ ପନିପରିବା, ପାଳଙ୍ଗ, ଚିନାବାଦାମ ଆଦିକୁ ଡାଏଟ୍‌ରେ ସାମିଲ କରନ୍ତୁ ।




♦ ଖାଦ୍ୟ ଖାଇବା ବ୍ୟତୀତ ପାଣି ଭରପୂର ମାତ୍ରାରେ ପିଇବା ଉଚିତ । ଅଧିକ ମାତ୍ରାରେ ପାଣି ପିଇବା ମଧ୍ୟ କ୍ଷତିକାରକ । ଦିନରେ ୬ରୁ ୮ ଗ୍ଲାସ ପାଣି ନିଶ୍ଚିତ ଭାବରେ ପିଇବା ଉଚିତ । ଏହାଦ୍ୱାରା ଶରୀରର ତାପମାତ୍ରା ମଧ୍ୟ ଠିକ୍ ରହିବ ।

♦ ସେ ସମୟରେ ଶରୀରକୁ ସୁସ୍ଥ ରଖିବା ପାଇଁ ଚାଲିବା, ଯୋଗ କରିବା କିମ୍ବା ସହଜ ବ୍ୟାୟାମ କରିବା ଉଚିତ । ମନରେ ଶାନ୍ତି ଓ ଏକାଗ୍ରତା ରଖିବା ପାଇଁ ଧ୍ୟାନ କରିବା ମଧ୍ୟ ଜରୁରୀ । ଏହା ଅନାବଶ୍ୟକ ଚିନ୍ତାରୁ ଦୂରରେ ରଖିବାରେ ସାହାଯ୍ୟ କରିବ ।

# ସାଇକୋଥେରାପୀ

ଯଦି ଆପଣ ଡିପେଅସନରେ ଅଛନ୍ତି କିମ୍ବା ଆପଣଙ୍କୁ ଯଦି ଲାଗୁଛି ଆପଣ ଡିପ୍ରେସନ ଆଡକୁ ଯାଉଛନ୍ତି ତେବେ ସାଇକୋଲେରାପୀ ଏହି ବେମାରୀରୁ ରକ୍ଷା କରିବା ପାଇଁ ସାହାଯ୍ୟ କରିବ । ସାଇକୋଥେରାପୀକୁ ଟକ୍ ଥେରାପୀ ନାମରେ ମଧ୍ୟ ସମସ୍ତେ ଜାଣନ୍ତି । କାରଣ ଏହି ଥେରାପୀ ସମୟରେ ଏକ ଟ୍ରେଣ୍ଡ ମେଣ୍ଟାଲ ହେଲ୍‌ଥ ପ୍ରୋଫେସନାଲ ରୋଗୀ ସହିତ କଥାବାର୍ତ୍ତା କରି ବୁଝିବାକୁ ଚେଷ୍ଟା କରିଥାଏ ଯେ ତାହାର ଡିପ୍ରେସନର କାରଣ କଣ । ଏହା ସହିତ ସେ କେତେକ ଟିପ୍ସ ଓ ଗାଇଡାନ୍ସ ଦ୍ୱାରା ପେସେଣ୍ଟକୁ ଉତ୍ତମ ଅନୁଭବ କରାଇବାରେ ସାହାର୍ଯ୍ୟ କରିଥାଏ । ସାଇକୋଥେରାପୀ ବହୁତ ପ୍ରକାରର ଥାଏ କିନ୍ତୁ ଏହି ସବୁର ମୁଖ୍ୟ ଉଦ୍ଦେଶ୍ୟ ରୋଗୀର ଅବସାଦର କାରଣ କଣ । ଏକ୍ସପର୍ଟ ରୋଗୀକୁ ତାର ବିଚାର ଓ ଚିନ୍ତାଧାରା ଦ୍ୱାରା ରୋଗ ଉପରେ କଣ୍ଟ୍ରୋଲ କରାଇବାକୁ ଶିଖାଇଥାଏ । ଭିନ୍ନ ଭିନ୍ନ ସାଇକୋଥେରାପୀକୁ କଗ୍‌ନେଟିଭ ବିହେଭିହର ଥେରାପୀ, ଗ୍ରୁପ ଥେରାପୀ, ଫ୍ୟାମିଲି ଥେରାପୀ ଇତ୍ୟାଦି ।



ବ୍ୟକ୍ତିଗତ ଥେରାପୀ : ଏହି ଥେରାପୀରେ ଏକ୍ସପର୍ଟ କେବଳ ରୋଗୀ ସହିତ କଥାବାର୍ତ୍ତା କରି ତାର ଚିନ୍ତାର କାରଣ ଜାଣିବାକୁ ଚେଷ୍ଟା କରିଥାଏ । ଦୁନିଆରେ ହଜାର ଲୋକ ଏହି ସମସ୍ୟାରେ ଅଛନ୍ତି ବୋଲି ରୋଗୀକୁ ବୁଝିଯିବା ସହିତ ଏହି ଥେରାପୀ ସାହାଯ୍ୟ କରିଥାଏ ।



ଗ୍ରୁପ ଥେରାପୀ: ଏହି ଥେରାପୀ ଦ୍ୱାରା ଏକ୍ସପର୍ଟ ଦୁଇ ବା ଅଧିକ ରୋଗୀଙ୍କ ଏକା ସହିତ ସାଇକୋଥେରାପୀ କରିଥାଏ । ରୋଗୀ ଯଦି ଭାବୁଥାଏ କେବଳ ସେ ଏକମାତ୍ର ଏହି ପରିସ୍ଥିତିରେ ରହିଛି ତେବେ ଏପରି ନୁହେଁ ।

କପଲ ଥେରାପୀ : ଏହି ଥେରାପୀ ପତି ଓ ପତ୍ନୀଙ୍କୁ ଏକା ସହିତ ବସାଇ ଥେରାପୀ ଦିଆଯାଏ । ଏହା ଦ୍ୱାରା ଜଣେ ଅନ ଜଣଙ୍କର ସମସ୍ୟାକୁ ବୁଝିପାରିବେ ଓ ଜାଣି ପାରିବେ ଯେ ଡିପ୍ରେସନର କାରଣ କଣ ।

# ମୂଷାଙ୍କ ଆତଙ୍କ

ରେଲୱେ ଷ୍ଟେସନରେ ମୂଷା ବୁଲୁଥିବାର ସମସ୍ତେ ଦେଖିଥିବେ । ଏମାନଙ୍କ ପାଇଁ ଭାରତୀୟ ରେଲୱେର ଲୋକମାନେ ଚିନ୍ତିତ ଥାନ୍ତି । କିଛି ଏପରି ଦୃଶ୍ୟ ଚେନ୍ନାଇ ରେଲୱେ ଷ୍ଟେସନରେ ଦେଖିବାକୁ ମିଳିଛି ଯେଉଁଠାରେ ଚେନ୍ନାଇ ମଣ୍ଡଳର ଲୋକମାନେ ଏତେ ଚିନ୍ତିତ ହୋଇଗଲେ ଯେ ମୂଷା ଧରିବା ପାଇଁ ସେମାନେ ୨୨,୩୩୧ ଟଙ୍କା ଖର୍ଚ୍ଚ କରି ସାରିଛନ୍ତି । ଏହି ଘଟଣାର ସତ୍ୟତା ଆରଟିଓ ରିପୋର୍ଟ ଜରିଆରେ ହୋଇଛି । ସେଠାରେ ଗତ ତିନି ବର୍ଷରେ ରେଲୱେ ଅଧିକାରୀମାନେ ଏହି ବିପଦ ସହିତ ଲଢିବା ପାଇଁ ୫.୮୯ କୋଟି ଟଙ୍କା ଖର୍ଚ୍ଚ କରିସାରିଲେଣି । ଚେନ୍ନାଇ ମଣ୍ଡଳ କାର୍ଯ୍ୟାଳୟରୁ ଜଣାପଡିଛି ଯେ ମୂଷାମାନଙ୍କ ଯୋଗୁ ଗତ କିଛି ବର୍ଷ ହେଲା ଲୋକମାନେ ସମସ୍ୟା ଭିତରେ ରହିଛନ୍ତି । ମୂଷାମାନେ କେବଳ ରେଲୱେ ଷ୍ଟେସନରେ ଲୋକମାନଙ୍କୁ ଅସୁବିଧାରେ ପକାଉଛନ୍ତି ତା ନୁହେଁ ରେଲୱେ କୋଚିଙ୍ଗ ସେଣ୍ଟରରେ ମଧ୍ୟ ସମସ୍ୟା କରୁଛନ୍ତି । ୨୦୧୮ରୁ ୨୦୧୯ ମଧ୍ୟରେ



ଏହି କାର୍ଯ୍ୟାଳୟ ଅତିକମ୍‌ରେ ୨୬୩୬ଟି ମୂଷା ଧରିଛନ୍ତି । କେବଳ ଚେନ୍ନାଇ ସେଣ୍ଟ୍ରାଲ, ଚେନ୍ନାଇ ଏଗମୋର , ଚେଙ୍ଗଲପଟ୍‌ଟୁ ଜଙ୍କସନ, ତାମ୍ବରମ, ଜୋଲରପେଟ୍‌ଟଙ୍ଗଇ ଜଙ୍କସନରୁ ୧୭୧୫ ମୂଷା ଧରାଯାଇଛି ଓ ୯୨୧ଟି ମୂଷା ରେଲୱେ କୋଚିଙ୍ଗ ସେଣ୍ଟରରୁ ଧରାଯାଇଛି । ଏହି ପ୍ରକାର ଗୋଟିଏ ମୂଷା ଧରିବା ଯୋଗୁ ଆନୁମାନିକ ଖର୍ଚ୍ଚ ୨୨,୩୩୪ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ରେଲୱେ ଅଧିକାରୀମାନେ କହିଛନ୍ତି ।

# ଗଛଲତାକୁ ବି ହୋଇଥାଏ କଷ୍ଟ

ଅନୁପଯୁକ୍ତ ପରିବେଶ ଏବଂ ଚାପଗ୍ରସ୍ତ ହେଲେ ଗଛଲତାଙ୍କୁ କଷ୍ଟ ହୋଇଥାଏ । ସେମାନେ ଏକ ପ୍ରକାର ଶବ୍ଦ ସୃଷ୍ଟି କରନ୍ତି । ଗବେଷକ ଏହି ଶବ୍ଦକୁ ମାଇକ୍ରୋଫୋନ ଦ୍ୱାରା ରେକର୍ଡ କରିଥିବା ଦାବି କରିଛନ୍ତି । ପତ୍ର ତୋଳିବା ସମୟରେ ଗଛଲତା ଯନ୍ତ୍ରଣାରେ ଶିହିରି ଯାଇଥାନ୍ତି । ଫଳରେ ୨୦ କିଲୋହର୍ଜରୁ ୧୦୦ କିଲୋହର୍ଜ ଫ୍ରିକ୍ୱେନ୍ସି ପର୍ଯ୍ୟନ୍ତ ଶବ୍ଦ ସୃଷ୍ଟି ହୋଇଥାଏ । ୩୫ ପ୍ରକାର ବିଭିନ୍ନ ମେସିନ୍ ଲଗାଯାଇ ଗବେଷକ ଟମାଟୋ ଏବଂ ତମାଖୁ ଗଛରେ ସୃଷ୍ଟି ହେଉଥିବା ତରଙ୍ଗକୁ ରେକର୍ଡ କରି ଏହା ଜାଣି ପାରିଥିବା ରିପୋର୍ଟରେ ଦର୍ଶାଯାଇଛି ।



ତେଲ୍ ଆଭିବ୍: ମଣିଷକୁ ଆଘାତ ଲାଗିଲେ କଷ୍ଟ ହୋଇଥାଏ । ଅନୁରୂପ ଭାବେ ଛୋଟ ବଡ ସମସ୍ତ ପ୍ରାଣୀଙ୍କୁ ମଧ୍ୟ ଏଭଳି ଅନୁଭବ ହୋଇଥାଏ । ତେବେ ଗଛଲତାକୁ କାଟିଲେ ଅବା ପତ୍ର ଛିଣ୍ଡାଇଲେ କଷ୍ଟ ହୋଇଥାଏ । ଏନେଇ ଇସ୍ରାଏଲ୍ ତେଲ୍ ଆଭିବ୍ ବିଶ୍ୱବିଦ୍ୟାଳୟରେ ଗବେଷକଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ଗବେଷକ ଟମାଟେଶ ଏବଂ ତମାଖୁ ଗଛ ଉପରେ ଅଧ୍ୟୟନ କରି ଏହା ଜାଣିପାରିଛନ୍ତି ।

# ୬୨ ବର୍ଷୀୟା ଗ୍ରାଣ୍ଡ୍‌ମା ଆର୍ଥ

ବେଙ୍ଗାଲୁରୁର ୬୨ ବର୍ଷ ବୟସ୍କା ଆରତୀ ବି.ଚଟଲାନି ନିଜ ସୌନ୍ଦର୍ଯ୍ୟ ଓ ଫିଟ୍‌ନେସ୍ ପାଇଁ 'ଗ୍ରାଣ୍ଡମା ଆର୍ଥ' ଟାଇଟଲ୍ ବିଜୟିନୀ ହୋଇଛନ୍ତି । ବୟସ ଯେ କେବଳ ଏକ ସଂଖ୍ୟା, ଏ ଉକ୍ତିକୁ ସେ ପ୍ରମାଣ କରିଛନ୍ତି । ଜାନୁଆରୀ ୧୯-୨୩ରେ ବୁଲଗେରିଆରେ ମୁକୁଟକୁ ସେ ହାତେଇଛନ୍ତି । ପ୍ରତିଯୋଗିତାରେ ସାମିଲ ମହିଳାଙ୍କ ମଧ୍ୟରେ ସେ ଥିଲେ ଏକମାତ୍ର ୬୦ ବର୍ଷୀୟା । ଅନ୍ୟ ପ୍ରତିଯୋଗୀଙ୍କୁ ଦେଖି ପ୍ରଥମେ ସେ ଡରି ଯାଇଥିଲେ । ତେବେ ତିନିଟି ପର୍ଯ୍ୟାୟ ଅତିକ୍ରମ କରି ସମସ୍ତଙ୍କ ଆଗରେ ରହିଲେ ।

## ଟ୍ରାଉଜର୍ ପଛ ପକେଟରେ ୱାଲେଟ୍

ଯୁବକମାନେ ପ୍ୟାଣ୍ଟ ପଛ ପକେଟ୍‌ରେ ରଖୁଥିବା ଓଜନିଆ ଓ ମୋଟା ୱାଲେଟ୍ ସେମାନଙ୍କ ଅଣ୍ଟା ଓ ପାଦରେ ଗମ୍ଭୀର ସମସ୍ୟା ସୃଷ୍ଟି କରୁଛି । ଜିନ୍ସ କିମ୍ବା ଅନ୍ୟ ପ୍ୟାଣ୍ଟ୍ ପଛ ପକେଟ୍‌ରେ ୱାଲେଟ୍ ରଖିଲେ 'ପିୟରି ଫୋର୍ମିସ' ବା ୱାଲେଟ୍ ନ୍ୟୁରୋପାଥି' ରୋଗ ହୋଇପାରେ । ଅଣ୍ଟାରୁ ଗୋଡ ଆଙ୍ଗୁଠି ପର୍ଯ୍ୟନ୍ତ ଯନ୍ତ୍ରଣା ଓ ଝିମ୍‌ଝିମ୍ ହୁଏ । ପ୍ୟାଣ୍ଟ ପଛ ପକେଟ୍‌ରେ ପର୍ସ ରଖିଲେ ପିୟରି ଫୋର୍କିସ୍ ମାଂସପେଶୀ ଦବିଯାଏ । ଏହି ମାଂସପେଶୀର ସମ୍ବନ୍ଧ ସାୟଟିକ୍ ନର୍ଭ ସହ ଥାଏ ଯାହା ପାଦ ପର୍ଯ୍ୟନ୍ତ ପହଞ୍ଚେ । ପ୍ୟାଣ୍ଟ୍ ପଛପକେଟ୍‌ରେ ୱାଲେଟ୍ ରଖି ଦୀର୍ଘ ସମୟ ବସି କାମ କଲେ ମାଂସପେଶୀ ଉପରେ ଚାପ ପଡିଥାଏ ଓ ରକ୍ତ ସଞ୍ଚାଳନ ଠିକ୍ ହୋଇ ନଥାଏ । ମୋଟା ୱାଲେଟ୍ ରଖିବା ଦ୍ୱାରା ଶରୀର ବାଲାନ୍ସ ଠିକ୍ ନ ରହିବାରୁ ସାଧା ବସି ହୁଏ ନାହିଁ । ଏହା ଯୋଗୁଁ ମେରୁଦଣ୍ଡ ସମସ୍ୟା ବି ଦେଖାଦିଏ । ଏହି ରୋଗ ପ୍ରାରମ୍ଭିକ ପର୍ଯ୍ୟାୟରେ ଥିଲେ ବ୍ୟାୟାମ ଦ୍ୱାରା ଭଲ ହେବାର ସମ୍ଭାବନା ଅଛି । ରୋଗ ବଢିଲେ ସର୍ଜରୀ ଆବଶ୍ୟକ ପଡିପାରେ ।



# ପୋଲର କାମ କରୁଛି ରେଳ ଡବା



ଗତ କିଛି ଦିନ ହେଲା, ବିଭିନ୍ନ ସୋସିଆଲ ସାଇଟ୍‌ରେ ଏଇ ଫଟୋଟି ଖୁବ୍ ଚର୍ଚ୍ଚାକୁ ଆସିଛି । ଫ୍ରାନ୍ସର ଦୁଇ ଗ୍ରାମକୁ ଯୋଗାଯୋଗ କରିବା ନିମନ୍ତେ ସ୍ଥାନୀୟ ଲୋକ ପୁରୁଣା ରେଳ ଡବାକୁ ଉପଯୋଗ କରିଛନ୍ତି । ଦୁଇ ଗ୍ରାମ ମଧ୍ୟରେ ନଈଟିଏ ଅଛି । ଯଦିଓ ସଡକପଥ ମଧ୍ୟ ଅଛି, କିନ୍ତୁ ନଦୀ ମଧ୍ୟରେ ପୋଲଟିଏ ଥିଲେ ଖୁବ୍ କମ୍ ସମୟରେ ଯାତାୟାତ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକଙ୍କ ମତ । ସେଠି ଲୋକ ୧୯୯୦ ପରଠାରୁ ବିଭିନ୍ନ ଉଚ୍ଚ କର୍ତ୍ତୃପକ୍ଷଙ୍କ ନଦୀ ଉପରେ ପୋଲଟିଏ ତିଆରି ନିମନ୍ତେ ଅନୁରୋଧ କରିଆସୁଥିଲେ । ତେବେ ପର୍ଯ୍ୟଟକଙ୍କ ପ୍ରିୟ ଫ୍ରାନ୍ସର ଏଇ ଗ୍ରାମରେ ପୋଲ ତିଆରି କଲେ ପ୍ରଦୂଷଣ ସ୍ତର ବଢିବ ବୋଲି ପୋଲ ପ୍ରସ୍ତାବକୁ ଏଡାଇ ଦିଆଗଲା । ପରେ ମେୟର୍ ଆସି ଲୋକଙ୍କୁ ବୁଝାଇଥିଲେ, ଯଦି ସଡକପଥର ସୁବିଧା ଅଛି, ଅଯଥାରେ ପୋଲ କରାଯିବା ବା କହିଁକି ? ସ୍ଥାନୀୟ ଲୋକ ମଧ୍ୟ ପ୍ରଦୂଷଣରୁ ରକ୍ଷା ପାଇବା ନିମନ୍ତେ ଆଉ ପୋଲ ପ୍ରସ୍ତାବକୁ ଦୋହରାଇନଥିଲେ । ୧୯୯୭ ସମୟରେ ଗ୍ରାମଠାରୁ ୧୧କିମି ଦୂରରେ ଏକ ରେଳ ଦୁର୍ଘଟଣା ହେଲା । କିଛି ମାସ ପର୍ଯ୍ୟନ୍ତ ସେହି ଅଞ୍ଚଳରେ ଭଙ୍ଗା ରେଳଡବା ପଡିରହିଲା । ସ୍ଥାନୀୟ କିଛି ଲୋକ ସେଇ ବାଟ ଦେଇ ଯାଉଥିବା ସମୟରେ ରେଳଡବାକୁ ପୋଲ ଭାବେ ଉପଯୋଗ କରିହେବ ବୋଲି ଚିନ୍ତା କଲେ । ଆଉ ବିଳମ୍ବ ନ କରି କ୍ରେନ୍ ଯୋଗେ ସେମାନେ ଯଥା ସ୍ଥାନକୁ ଭଙ୍ଗା, ଅଦରକାରୀ ରେଳ ଡବାକୁ ଆଣିଲେ । ଏବେ ସୁରୁଖୁରୁରେ ଲୋକେ ନଦୀ ଉପରେ ଯାତାୟାତ କରିପାରୁଛନ୍ତି ।

# ଭାବପ୍ରବଣତା ନଷ୍ଟ କରୁଛି ମୋବାଇଲ

ସହଜ ଓ ଆରାମଦାୟକ ଜୀବନ ପାଇଁ ନୂଆ ଟେକ୍ନୋଲୋଜିମାନ ଉଦ୍ଭାବନ ହେବାରେ ଲାଗିଛି । ଏହି ଜ୍ଞାନକୌଶଳକୁ ଅତି ଅସୁବିଧା ଆମେ ସ୍ମାର୍ଟଫୋନ ଜରିଆରେ ହାତପାହାନ୍ତାରେ ପାଇପାରୁଛୁ । ତେଣୁ ମୋବାଇଲ ଫୋନ୍ ଆମ ସମସ୍ତଙ୍କ ଅତି ଜରୁରୀ ତଥା ପ୍ରିୟ ସାମଗ୍ରୀରେ ପରିଣତ ହୋଇଛି । ହେଲେ ଏହି ମୋବାଇଲ ଫୋନ ପ୍ରତି ମାତ୍ରାଧିକ ଦୁର୍ବଳତା ଯୁବପିଢିଙ୍କୁ ଗ୍ରାସ କରି ରଖିଥିବା ଏବଂ ବିଶେଷ କରି ସେମାନଙ୍କ ମାନସିକ ସ୍ଥିତି ଏଥିଯୋଗୁ ପ୍ରଭାବିତ ହେଉଥିବା ନିକଟରେ ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି । ରିସର୍ଚ୍ଚରଙ୍କ କହିବା ମୁତାବକ, ଫୋନରେ ଆଜିର ଯୁବପିଢି ଏତେ ହଜି ଯାଉଛନ୍ତି ଯେ, ସେମାନେ ନିଜ ପରିବାର କିମ୍ବା ପ୍ରିୟଜନଙ୍କ ନିକଟରେ ଥାଇ ମଧ୍ୟ ନଥିଲା ପରି ମନେହେଉଛି । ଏହା ଦ୍ୱାରା ସେମାନଙ୍କ ମଧ୍ୟରେ ଭାବପ୍ରବଣତା ଏକ ପ୍ରକାର ନଷ୍ଟ ହେବାରେ ଲାଗିଛି । ଏହା ପ୍ରିୟଜନଙ୍କ ସହ ସମ୍ପର୍କ ମଧ୍ୟ ଦୁର୍ବଳ ହେବାର ମଧ୍ୟ କାରଣ ଆସୁଛି । ଅଫିସ୍‌ର ଚାଟ ଜରିଆରେ ଲୋକେ ଘରେ କିମ୍ବା ବାହାରେ ଥାଇ ମଧ୍ୟ ଅଫିସ୍ ସହ ଯୋଡି ହୋଇରହୁଛନ୍ତି । ଫଳରେ ନିଜ ଲୋକ କିମ୍ବା ବନ୍ଧୁଙ୍କ ସହ ଗୁଣାତ୍ମକ ସମୟ ବିତାଇବା



ଅନେକଙ୍କ ପାଇଁ ସମ୍ଭବ ହୋଇପାରୁନାହିଁ । ଏଥିଯୋଗୁ ଅନେକେ ଏକୁଟିଆପଣର ଶିକାର ହେଉଥିବାରୁ ସେମାନଙ୍କ ମନରେ ଚିଡିଚିଡାପଣ ସ୍ୱଭାବ ଜନ୍ମନେଉଛି । ଏକ ସର୍ବେକ୍ଷଣ ମୁତାବକ, ଅନ୍ୟ ବିକାଶଶୀଳ ଦେଶଗୁଡିକ ତୁଳନାରେ ଭାରତରେ ୮୨ ପ୍ରତିଶତ ଯୁବପିଢି ଏକୁଟିଆପଣ, ଚିଡିଚିଡା ସ୍ୱଭାବ, ଭାବପ୍ରବଣତା ଅଭାବ, ମାନସିକ ଅଶାନ୍ତି ସହ ବିଭିନ୍ନ ପ୍ରକାରର ଶାରୀରିକ ଅସୁସ୍ଥତାର ଶିକାର । ଏପରିକି ସର୍ବେକ୍ଷଣରେ ସାମିଲ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ୬୩ ପ୍ରତିଶତ ଲୋକଙ୍କ କହିବା ମୁତାବକ, ଛୋଟ ଛୋଟ କଥାରେ ଯେପରି ଫୋନ ଚାର୍ଜ ହେଉଥିବାବେଳେ କେହି ଏହାକୁ କାଢିଦେଲେ କିମ୍ବା ୱାଇଫାଇ ବନ୍ଦ ହୋଇଗଲେ ଅନେକେ ମାତ୍ରାଧିକ ବିରକ୍ତ ତଥା କ୍ରୋଧାନ୍ୱିତ ହେଉଥିବା ଦେଖାଯାଉଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବିହାର ଉପରେ ନଜର...

ବିହାର ବିଧାନସଭା ନିର୍ବାଚନ ସକାଶେ ଏବେ ସେଠାରେ ରାଜନୈତିକ ଦଳମାନଙ୍କ ପକ୍ଷରୁ ପ୍ରଚାର ଅଭିଯାନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ତିନି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଏହି ନିର୍ବାଚନର ପ୍ରଥମ ଚରମ ସକାଶେ ଆସନ୍ତା ୨୮ ତାରିଖ ଦିନ ଭୋଟଗ୍ରହଣ ଅନୁଷ୍ଠି ହେବ । ଇତି ମଧ୍ୟରେ ପ୍ରମୁଖ ରାଜନୈତିକ ଦଳ ଓ ମେଣ୍ଟ ନିଜ ନିଜ ଦଳ ଓ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଚଳାଇବାରେ ବ୍ୟସ୍ତ । ଗତ ନିର୍ବାଚନ ତୁଳନାରେ ଚଳିତଥର ନିର୍ବାଚନରେ ଏକାଧିକ ବିଶେଷତ୍ୱ ରହିଥିବା ରାଜନୈତିକ ସମୀକ୍ଷକମାନେ ବିବେଚନା କରନ୍ତି । ଦୀର୍ଘ ଦିନ ପରେ ଚଳିତ ନିର୍ବାଚନରେ ଲାଲୁ ପ୍ରସାଦ ଯାଦବ ଏବଂ ରାମ ବିଳାସ ପସ୍ୱାନଙ୍କୁ ଏଥର ନିର୍ବାଚନରେ ଦେଖିବାକୁ ମିଳିବନାହିଁ । ସେମାନଙ୍କ ଅନୁପସ୍ଥିତିରେ ନିର୍ବାଚନ କିପରି ମୋଡ଼ ନେବ ତାହା ଏବଂ ନିଜ ଦଳ ଉପରେ କିପ୍ରକାର ପ୍ରଭାବ ପକାଇବ ତାହା ବିଚାର୍ଯ୍ୟ । ରାମବିଳାସ ପସ୍ୱାନଙ୍କ ବିୟୋଗ ପରେ ପୁତ୍ର ଚିରାଗ ପସ୍ୱାନ ଲୋକ ଜନଶକ୍ତି ପାର୍ଟିର ମଙ୍ଗ ଧରିଥିଲେ ସୁଦ୍ଧା ଏଥର ନିର୍ବାଚନରେ ସେ ଏନଡିଏ ମେଣ୍ଟ ଛାଡ଼ି ଏକାକୀ ନିର୍ବାଚନ ଲଢ଼ୁଛନ୍ତି । ରାଜ୍ୟର ୨୪୩ଟି ଆସନରୁ ସେ ୧୪୩ଟି ଆସନରେ ପ୍ରାର୍ଥୀ ଠିଆ କରାଇଛନ୍ତି । ଯେହେତୁ ବିଜେପି ନୁହେଁ, ନୀତୀଶ କୁମାରଙ୍କୁ ସେ ନିଜର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ବୋଲି ବିବେଚନା କରନ୍ତି, ସେହି ଦୃଷ୍ଟିରୁ ସେ ଅଧିକାଂଶ ସ୍ଥାନରେ ଜେଡି(ୟୁ) ପ୍ରାର୍ଥୀଙ୍କ ବିରୋଧରେ ହିଁ ଦୃଢ଼ ପ୍ରାର୍ଥୀ ମୁତୟନ କରିଛନ୍ତି । ଏହା ତାଙ୍କର ବିଜୟ ପାଇଁ ଯେତିକି ଉଦ୍ଦିଷ୍ଟ ନୁହେଁ, ଜେଡି(ୟୁ) ପ୍ରାର୍ଥୀଙ୍କ ବିଜୟ ପଥରେ ସେତିକି ଅନ୍ତରାୟ ସୃଷ୍ଟି କରିପାରେ । ବିଜେପି ପକ୍ଷରୁ ମଧ ସ୍ୱଷ୍ଟ କରାଯାଇସାରିଛି ଯେ ଏଲଜେପି ଏନଡିଏ ମେଣ୍ଟର କୌଣସି 'ବି'ଟିମ୍ ନୁହେଁ । ତେଣୁ ଏଲଜେପିକୁ ଉଭୟ ଜେଡି(ୟୁ) ତଥା ବିଜେପି ଆଡୁ ବିରୋଧର ସାମ୍ନା କରିବାକୁ ପଡ଼ିବ । ଏହା ବ୍ୟତୀତ କଂଗ୍ରେସ ଏବଂ ଆରଜେଡି ମଧ ଏଲଜେପିକୁ ଯଥାରୀତି ବିରୋଧ କରିବେ । ତେବେ ଏନଡିଏ ଠାରୁ ପୃଥକ୍ ହେବା ପରେ ଚିରାଗ ଏବେ ଆରଜେଡି ଆଡ଼କୁ ଢଳିଥିବା ଶୁଣିବାକୁ ମିଳେ । ଯଦି ତାହା ସତ୍ୟ ହୋଇଥାଏ ତେବେ ଏହା ନୀତିଶ କୁମାରଙ୍କ ପାଇଁ ମହଙ୍ଗା ପଡ଼ିପାରେ । ନୀତୀଶ କୁମାର ଦୀର୍ଘ ୧୫ ବର୍ଷ ଧରି ବିହାରରେ ମୁଖ୍ୟମନ୍ତ୍ରୀ ପଥରେ ଅଛନ୍ତି । ଯଦିଚ ତାଙ୍କ ସପକ୍ଷରେ ଜନମତ ରହିଛି ବୋଲି ୨୦୧୯ ମସିହାର ସାଧାରଣ ନିର୍ବାଚନର ପରିଣାମକୁ ଉଦାହରଣ ଭାବେ ଗ୍ରହଣ କରାଯାଇପାରେ, ତଥାପି କରୋନା ମହାମାରୀ ପରିସ୍ଥିତିକୁ ପରିଚାଳନା କରିବା ଏବଂ ନିକଟରେ ସଂଘଟିତ ପ୍ରଳୟଙ୍କରୀ ବନ୍ୟାବେଳେ ବିହାର ଲୋକମାନଙ୍କ ଦୟନୀୟ ପରିସ୍ଥିତି ତାଙ୍କ ସ୍ଥିତିକୁ ଦୋହଲାଇ ଦେଇଛି । ନିର୍ବାଚନ ଫଳାଫଳ ଉପରେ ତାହାର କିପ୍ରକାର ପ୍ରଭାବ ପଡ଼ିବ ତାହା ଲକ୍ଷ୍ୟ କରିବା କଥା । କିନ୍ତୁ ବିଜେପି ନିର୍ବାଚନ ପୂର୍ବରୁ ହିଁ ସ୍ୱଷ୍ଟ କରିଛି ଯେ ଏନଡିଏ ବିଜୟରେ ନୀତିଶ ହିଁ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ । ବିହାର ବିଧାନସଭା ବିଜୟ ସମସ୍ତଙ୍କ ପାଇଁ ମର୍ଯ୍ୟାଦାର ପ୍ରଶ୍ନ ଭାବେ ଉଭା ହୋଇଛି । ନୀତୀଶ କୁମାରଙ୍କ ପାଇଁ ଏହା ମେଣ୍ଟର ଲୋକପ୍ରିୟତା କାଏମ ରହିଥିବା ପ୍ରମାଣିତ କରିବ । କାରଣ ୨୦୧୯ ସାଧାରଣ ନିର୍ବାଚନ ବିପୁଳ ବିଜୟ ପରଠାରୁ ବିଜେପି ନିର୍ବାଚନ ପରାଜୟର ସ୍ୱାଦ ଚାଖି ସାରିଛି । ପୁଣି ଉତ୍ତର ପ୍ରଦେଶ ପରେ ବିହାର ହେଉଛି ଏନଡିଏ ମେଣ୍ଟର ଅନ୍ୟତମ ନିରାପଦ ଦୁର୍ଗ । ଆସନ୍ତା ବର୍ଷ ପଶ୍ଚିମ ବଙ୍ଗରେ ବିଧାନସଭା ନିର୍ବାଚନ ଥିବାରୁ ବିହାର ବିଜୟ ଦଳକୁ ମାନସିକ ସ୍ତରରେ ମଜଭୁତ କରିବାରେ ସହାୟକ ହେବ । କିନ୍ତୁ କରୋନା ମହାମାରୀ ଯୋଗୁ କୌଣସି ଦଳରର ବଡ଼ ବଡ଼ ନେତା ନା କରିପାରୁଛନ୍ତି ଜନସଭା ନା ବାହାର କରିପାରୁଛନ୍ତି ର୍ୟାଲି । ତେଣୁ ସାମାଜିକ ଗଣମାଧମକୁ ହିଁ ପ୍ରଚାରର ମୁଖ୍ୟ ସାଧନ ରୂପେ ସେମାନେ ବ୍ୟବହାର କରୁଛନ୍ତି । ଏଥିରେ ବିହାରର ଭୋଟରମାନେ କେତେଦୂର ପ୍ରଭାବିତ ହେବେ ଅବା କେତେଦୂର ସେମାନଙ୍କର ସ୍ୱାଧୀନ ବିଚାରବୁଦ୍ଧିରେ ଭବିଷ୍ୟତର ସରକାର ଚୟନ କରିବେ ତାହା ଲକ୍ଷ୍ୟ କରିବା କଥା । ତେବେ ପ୍ରତି ଦଳରେ ଏଥର ରାଜନୈତିକ ଦାୟାଦମାନଙ୍କ ପ୍ରାବଲ୍ୟ ବିଶେଷ ମାତ୍ରାରେ ପରିଲକ୍ଷିତ ହୁଏ ଯାହା ଭାରତୀୟ ରାଜନୀତିରେ ବଂଶବାଦର ଗଭୀର ପ୍ରବେଶକୁ ପ୍ରମାଣସିଦ୍ଧ କରେ ।

## ଦଶହରା ଓ ସଂଖ୍ୟା ଦଶ

**ଇଂ. ବିଦ୍ୟାଧର ପଣ୍ଡା**



କରୋନା ଭୂତାଣୁର କରାଳଛାୟାରେ ଭୟତ୍ରସ୍ତ ହୋଇ ଦେଶବାସୀ ଦଶହରା ପୂଜାକୁ ଏବର୍ଷ ନିରାଡମ୍ବର ଭାବରେ ପାଳନ କରିବାକୁ ବାଧ ହେଉଛନ୍ତି । ବିଶ୍ୱରୁ ଦଶଲକ୍ଷ ପ୍ରାଣ ଏ'ପର୍ଯ୍ୟନ୍ତ ଯାଇ ସାରିଲାଣି ଏବଂ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ମଣିଷ ଏବେ ବି ଇହଧାମ ତ୍ୟାଗ କରୁଛନ୍ତି । ଏପରି ଏକ କ୍ଷୁଦ୍ରାତି କ୍ଷୁଦ୍ର ଭୂତାଣୁର ଶକ୍ତି ଆଗରେ ସାରା ବିଶ୍ୱ ନତମସ୍ତକ ହୋଇ ସମୂହ ଭାବରେ ଲଢେଇ କରି ସଫଳ ନହେବା ଚିନ୍ତାର ବିଷୟ । ଅନେକ କିଛି ହରେଇଛେ ସତ, କିନ୍ତୁ ପ୍ରତିବଦଳରେ କିଛି ଦୁର୍ମୂଲ୍ୟ ପଦାର୍ଥର ପ୍ରାପ୍ତି ମଧ ହୋଇଛି । ଆମ ପରିବେଶରେ ବହୁତ ସୁଧାର ଆସିଛି । ମଣିଷ ନିଜର ସୀମା ସରହଦ ଭିତରେ ରହିବା ଉଚିତ୍ ବୋଲି କରୋନା ଶିଖେଇ, ମଣିଷର ପ୍ରକୃତ ଔକାତ ସହିତ ପରିଚିତ କରାଇଦେଛି । ମାତୃଶକ୍ତିରୁ ସୃଷ୍ଟି ଏହି ଅସାର ସଂସାରରେ ମଣିଷର ବୁଦ୍ଧି ଜ୍ଞାନ କୌଶଳର ଅସୀମ ଶକ୍ତି କେବଳ ନିମିତ୍ତ ମାତ୍ର ବୋଲି ସମାଜକୁ ଅବଗତ କରାଇ ଦେଇଛି । ଏଥିରୁ ସହଜରେ ଅନୁମେୟ ଯେ ସାମାନ୍ୟ ଭୂତାଣୁ ଯଦି ଏତେ ଶକ୍ତିଶାଳୀ ହୋଇପାରେ, ତେବେ ସର୍ବଶକ୍ତି ସ୍ରୋତର ଉତ୍ସ ମା' ଦୂର୍ଗାଙ୍କ ଶକ୍ତି କେତେ କିଏ କଳନା କରିପାରିବ ! ମାଆ ଦଶଭୂଜା ଦୂର୍ଗାଙ୍କର ଦିନ ଦଶହରା । ନାଁରେ ସଂଖ୍ୟା ଦଶ ଏବଂ ପର୍ବଟିର ନାମକରଣରେ ବି ସେହି ସଂଖ୍ୟା ଦଶ ଦୁଇଥର ବ୍ୟବହୃତ ହୋଇଛି । ଏହି ସଂଖ୍ୟା ଦଶର ମହିମା ଅନେକ । ପ୍ରତିବର୍ଷ ଆଶ୍ୱୀନ ମାସ ଶୁକ୍ଳପକ୍ଷ ଦଶମି ତିଥିକୁ ଦଶହରା ପର୍ବ ହିସାବରେ ପାଳନ କରାଯାଇଥାଏ । ଭାରତର ଉତରପ୍ରାନ୍ତରେ ଜାଗାଜାଗା ଧୁମ୍‌ଧାମ୍‌ରେ ରାବଣପୋଡ଼ି ମହୋତ୍ସବ ପାଳନ କରାଯାଇ ରାବଣର ଦଶଶିରକୁ ଜାଳି ଦିଆଯାଉଥିବା ବେଳେ ପୂର୍ବପ୍ରାନ୍ତରେ ଦଶଭୂଜା ମାଆ ଦୁର୍ଗାଙ୍କ ଦ୍ୱାରା ପାପି ମହିଷାସୁରକୁ ବଦ୍ଧ କରାଯିବାର ଦୃଶ୍ୟର ପ୍ରତିମୂର୍ତ୍ତିକୁ ନିଷ୍ଠାର ସହ ନ' ଦିନ ପର୍ଯ୍ୟନ୍ତ ପୂଜା କରାଯାଏ । ମୂଖ୍ୟତଃ ଏଇ ଦୁଇ କିମ୍ବଦନ୍ତି ସର୍ବମାନ୍ୟ । ଦଶହରା ରାବଣର ଦଶଶିର ଯୋଗୁଁ କିମ୍ବା ଜଗଜ୍ଜନନୀ ମାଆ ଦୁର୍ଗାଙ୍କ ଦଶଭୁଜା ଉପରେ ନାମିତ ହୋଇଥାଇପାରେ କିନ୍ତୁ ଦୁଇଟି ଯାକ ଘଟଣାରେ ଗୋଟିଏ କଥା ଦୃଷ୍ଟିଗୋଚରକୁ ଆସେ ଯେ ଏହି ପର୍ବଟି ଅସତ୍ୟ ଉପରେ ସତ୍ୟର ବିଜୟ ଏବଂ ପାପ ଉପରେ ଧର୍ମର ବିଜୟ । ଅନେକ ବିଶ୍ୱାସ କରନ୍ତି ଯେ ଦୂର୍ଗ ଶବ୍ଦରୁ ଦୁର୍ଗା ଶବ୍ଦର ପରିକଳ୍ପନା କରାଯାଇଛି । ଦୁର୍ଗର ଆକ୍ଷରିକ ଅର୍ଥହେଲା କିଲ୍ଲା, ଯାହାକି ସମ୍ରାଟମାନଙ୍କୁ ଶତ୍ରୁ ଆକ୍ରମଣ ବେଳେ ସୁରକ୍ଷା ଯୋଗାଇ ଦିଏ । ସେହିପରି ମାଆ ଦୁର୍ଗା ତାଙ୍କର ସମସ୍ତ ଭକ୍ତମାନଙ୍କ ସହ ସର୍ବଦେବାଦେବୀଙ୍କୁ ବି ସମସ୍ତ ପ୍ରକାର ଅସୁର ଶକ୍ତି କବଳରୁ ରକ୍ଷା କରି ଅଭୟ ପ୍ରଦାନ କରିବାରେ ସକ୍ଷମ ।

କଳିର ଅଦ୍ୟାରମ୍ଭ ପୂର୍ବରୁ ତ୍ରେତୟା ଯୁଗରେ ରାବଣର କୁଟୁମ୍ବ ଏତେ ବଢ଼ିଗଲେ ଯେ ସାଧୁସନ୍ଥ ତାଙ୍କର ଦୂରା ?ରରେ ଅତିଷ୍ଠ ହୋଇ ଭଗବାନଙ୍କୁ ରକ୍ଷା କରିବାକୁ ପ୍ରାର୍ଥନା କଲେ । ପୁରାଣ କହେ ରାବଣର ଛପନ(୫୬) ଗଣ୍ଡା(୪) କୁମର ତେରଶତ(୧୩୦୦) ନାତି, ଅର୍ଥାତ ରାବଣକୁ ମିଶାଇ ପରିବାର ସଂଖ୍ୟା ପନ୍ଦର ଶହ ପଚିଶ(୧୫୨୫) । ଶେଷରେ ଭଗବାନ ରାମ ଅବତାର ନେଇ ଜଣ ଜଣକରି ବଦ୍ଧ କରିସାରିବା ପରେ ଏହି ବିଜୟା ଦଶମିଦିନ ରାବଣକୁ ମାରି ଲଙ୍କାଗଡ ଜୟ କରିବା ସହ ମାତା ସୀତାଙ୍କୁ ଉଦ୍ଧାର କରିଥିଲେ । ଦେବୀ ଭାଗବତ ଅନୁସାରେ ମହିଷାସୁରର ଅସହ୍ୟ ଅତ୍ୟା ?ରରେ ପିଡ଼ିତ ସର୍ବ ଦେବାଦେବୀ ବିଚଳିତ ହୋଇ ପ୍ରର୍ଥନା କରିବାରୁ ମାଆ ଦୂର୍ଗା ଦଶଭୂଜା ରୂପରେ ଆବିର୍ଭାବ ହୋଇ ମହିଷାସୁର ସାଙ୍ଗରେ ଯୁଦ୍ଧ କଲେ । ଦଶଟି ହାତରେ ଦଶଟି ଅସ୍ତ୍ର ମଧ ଥିଲା ଯାହାର ବର୍ଣ୍ଣନା ବହୁତ ସୁନ୍ଦର ଭାବରେ କରାଯାଇଛି । ପ୍ରଥମ ହାତରେ ପ୍ରଥମ ଅସ୍ତ୍ର ଥିଲା ଶଙ୍ଖ, ଯାହା ସୃଜନଶୀଳ ସଂସାରର ପ୍ରତୀକ, ଦ୍ୱିତୀୟ ହସ୍ତରେ ଚକ୍ର, ଯାହା ଅଖଣ୍ଡ ଶକ୍ତିଯୁକ୍ତ ସଂହାରର ପ୍ରତିକ, ତୃତୀୟ ହସ୍ତରେ ଗଦା ଯାହା ଭକ୍ତି ଏବଂ ଆତ୍ମିୟତା ସହ ସମର୍ପଣ ଭାବର ପ୍ରତୀକ, ଚତୁର୍ଥ ହସ୍ତରେ ପଦ୍ମ, ଯାହାର ମର୍ମ ଟିକିଏ ଅଲଗା । ଯେମିତି ପଦ୍ମଫୁଲ ପଙ୍କରୁ ଉତ୍ପତି ହୋଇଥିଲେ ମଧ ସର୍ବଦା ପାଣିର କିଛି ଉପରେ ରହିବାକୁ ସକ୍ଷମ ଥାଏ ସେମିତି ଆମେ ସଂସାର ମାୟାରୁ ଉତ୍ପତି ହୋଇଥିଲେ ହେଁ ମୋକ୍ଷପାଇଁ ଚେଷ୍ଟାକଲେ ସୁଫଳ ଅବଶ୍ୟ ମିଳିବ । ପଞ୍ଚମ ହସ୍ତରେ ଖଣ୍ଡା, ଯାହାକି ନାକାରତ୍ମକ ଶକ୍ତି ଓ ବ୍ୟାଧିକୁ ଛେଦିଦେଇ ସାକାରତ୍ମକ ଦିଶାରେ ଆଗେଇଯିବାର ପ୍ରତିକ, ଷଷ୍ଠ ହସ୍ତରେ ଧନୁଶର । ଧନୁ ଏକ ବିଭବ ଶକ୍ତିର ପ୍ରତିକ ହୋଇଥିବା ବେଳେ ଶର ଗତିଜ ଶକ୍ତିର ପ୍ରତିକ । ସପ୍ତମ ହସ୍ତରେ ତ୍ରୀଶୂଳ, ଯାହା କି ତମ, ରଜ ଓ ସତ୍ୱଗୁଣର ଆୟତ୍ତ କରିବାକୁ ଏକ ଅମୋଘ ଅସ୍ତ୍ର । ଅଷ୍ଟମ ହସ୍ତରେ ବଜ୍ର ଯାହା କଠୋର ତପ ଦ୍ୱାରା ନିଜ ଲକ୍ଷ ହାସଲ ଦିଗରେ ସଂଯୋଗ କରିବାର ପ୍ରତିକ ଏବଂ ନବମ ହସ୍ତରେ ଅଗ୍ନିଶିଖା ଯାହାକି ଜ୍ଞାନ, ସୁଧତା ଓ ସ୍ୱାଧୀନତାର ପ୍ରତିକ । ଦଶମ ହାତ ମୁର୍ତିରେ ଅଭୟ ମୂଦ୍ରାରେ ରଖାଯାଏ ଏବଂ ବେଳେ ବେଳେ ତ୍ରୀଶୂଳ ବିଧରେ ମାଆ ମଧ ଉପଯୋଗ କାରିବାର ଦେଖାଯାଇଥାଏ । ଏହି ଯୁଦ୍ଧରେ ମାଆଙ୍କ ସହାୟତା ପାଇଁ ଦିବ୍ୟ ଘୋଡ଼ା, ଐରାବତ ହସ୍ତି ଆଦିର ଯୋଗାଡ଼ କରାଯାଇଥିଲା ।

ଏସବୁ ଦଶହରା ପର୍ବର କଥା କିନ୍ତୁ ଏଥିରେ ବ୍ୟବହୃତ ହୋଇଥିବା ସଂଖ୍ୟା ଦଶ(୧୦)ର ମହତ୍ୱ ବିଷୟ ନିଆରା । ଯେତେସବୁ ସାଧନା ସଂସାରରେ ଅଛି, ତନ୍ମଧ୍ୟରେ ମହାବିଦ୍ୟା ସାଧନା ଅନ୍ୟତମ ଏବଂ ଅଗ୍ରଗଣ୍ୟ । ଏହି ଦଶ ମହାବିଦ୍ୟା ପାଠରେ ଅଧିଷ୍ଠାତ୍ରୀ ଦେବୀଙ୍କ ସଂଖ୍ୟା ଦଶ । ଜନଶୃତୀ ଅଛି ରାବଣ ଏହି ସବୁ ପୂଜା ନୀତିନିୟମ ଅନୁସାରେ କରି ନ'ପାରିବାରୁ ବଂଶ ସହ ସମୂଳେ ନିପାତ ହେଲା । ଅଧିଷ୍ଠାତ୍ରି ଦେବୀମାନେ ହେଲେ ୧-ମାଆ କାଳୀ, ୨-ତ୍ରିପୁର ସୁନ୍ଦରୀ, ୩-ଭୈରବୀ, ୪-ଛିନ୍ନମସ୍ତା, ୫-କମଳା, ୬-ମାତଙ୍ଗୀ, ୭-ବଗଳାମୁଖୀ, ୮-ଧୂମବତୀ, ୯-ଭୁବନେଶ୍ୱରୀ, ୧୦-ତାରା । ଭଗବାନ ବିଷ୍ଣୁଙ୍କର ଅବତାର ବି ଦଶ । ପ୍ରଥମ ଅବତାର ମତ୍ସ୍ୟ, ଦ୍ୱିତୀୟ ଅବତାର କଚ୍ଛପ, ତୃତୀୟ ଅବତାର ବରାହ, ଚତୁର୍ଥ ଅବତାର ନରସିଂହ, ପଞ୍ଚମ ଅବତାର ବାମନ, ଷଷ୍ଠ ଅବତାର ପରଶୁରାମ, ସପ୍ତମ ଅବତାର ରାମ, ଅଷ୍ଟମ ଅବତାର କୃଷ୍ଣ, ନବମ ଅବତାର ବଳରାମ ଆଉ କେହି କେହି ଭଗବାନ ବୁଦ୍ଧଙ୍କୁ ମଧ ନବମ ଅବତାର ଭାବେ ଗ୍ରହଣ କରିଥାନ୍ତି । ଦଶମ ଅବତାର କଳକୀ, ଯାହା କଳିଯୁଗକୁ ବିନାଶ କରି ସତ୍ୟଯୁଗର ପୁନଃ ପ୍ରତିଷ୍ଠା ସମୟରେ ଦେଖିବାକୁ ମିଳିବ ବୋଲି ହିନ୍ଦୁ ଧର୍ମଶାସ୍ତ୍ରର ମତ । ଧଳା ଘୋଡ଼ାରେ ମହାପ୍ରଭୁ କଳକୀ ଆରୋହଣ କରି ବାରହାତ ଖଣ୍ଡା ସାହାଯ୍ୟରେ ପାପିକୂଳ ବିନାଶ କରି ଧାର୍ମିକ ମାନଙ୍କୁ ସଂସାର କରିବାକୁ ଆଦେଶ ଦେଇ ସତ୍ୟ ଯୁଗର ସ୍ଥାପନା କରିବେ ବୋଲି ବହୁ ପ୍ରାଚିନ ପୁରାଣରେ ବର୍ଣ୍ଣନା କରାଯାଇଛି ।

ସଂଖ୍ୟା ଦଶ ଉପରେ ଏପରି ଅନେକ ଉଦାହରଣ ଅଛି । ଯେମିତି କି ଆମେ ଜାଣିଛେ ସମୁଦାୟ ଦିଗର ସଂଖ୍ୟା ମଧ ଦଶ । ୧-ପୁର୍ବ (ପ୍ରାଚି), ୨-ପଶ୍ଚିମ (ପ୍ରତିଚି), ୩-ଉତର (ଉଦିଚି), ୪-ଦକ୍ଷୀଣ (ଅବାଚି), ୫-ଇଶାନ୍ୟ (ଉତର ପୁର୍ବ), ୬-ଅଗ୍ନି (ଦକ୍ଷୀଣ ପୁର୍ବ), ୭-ନୈରୁତ (ଦକ୍ଷୀଣ ପଶ୍ଚିମ), ୮-ବାୟୁ (ଉତର ପଶ୍ଚିମ), ୯-ଉର୍ଦ୍ଧ (ଆକାଶ), ୧୦-ଅଦ୍ଧସ୍ତ (ପାତାଳ) । ଏମିତିରେ ଦେଖିବାକୁ ଗଲେ ଖାଲି ହିନ୍ଦୁ କାହିଁକି ସମସ୍ତ ମାନବ ସମାଜ ସହ ସଂଖ୍ୟା ଦଶ ଓତପ୍ରୋତ ଭାବେ ଜଡ଼ିତ । ଶିଶୁଟିଏ ଜନ୍ମ ହେବା ପୂର୍ବରୁ ମାଆ ଗର୍ଭରେ ଦଶ ମାସ ଦଶ ଦିନ ରହିବାକୁ ପ୍ରକୃତିର ଗୋଟିଏ ନିୟମ ଆବାହନ କାଳରୁ ଅଛି ଏବଂ ଧରା ପୃଷ୍ଠରେ ମାନବ ସମାଜ ବଞ୍ଚିଥିବା ଯାଏ ଏହି ନିୟମ ପରିବର୍ତନ ହେବାର ଲକ୍ଷଣ ଦେଖାଯାଉନି । ଜନ୍ମ ହେବା ପରେ ଷଷ୍ଠିଘର କରାଯାଇ ଷଷ୍ଠଦିନ ଘରଦ୍ୱାର ଲିପାପୋଛା ହୁଏ ମାତ୍ର ଦଶଦିନ ପରେ ମାତାପିତାଙ୍କୁ ପୂଜାପାର୍ବଣ କରିବାର ଅଧିକାର ମିଳେ । ବିବାହ ସମୟରେ କନ୍ୟାପିତା ବରପିତାଙ୍କୁ କନ୍ୟାର ଦଶଦୋଷ କ୍ଷମା କରିବାକୁ ପ୍ରାର୍ଥନା କରନ୍ତି । ଭାଗବତ ମହାପୁରାଣର ଦଶମ ସ୍କନ୍ଦର ମହତ୍ୱ ଅନ୍ୟ ସ୍କନ୍ଦଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ବିଶେଷ କରି ସୁଖପାଠ୍ୟ । ହିନ୍ଦୁ ସମାଜରେ ପ୍ରଚଳିତ ରୀତିନିତି ଅନୁସାରେ, ଯେ କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ ଦଶମ ଦିନ ମୁଖ୍ୟ କର୍ମକାଣ୍ଡ ଆଦି କରାଯାଇ ପ୍ରେତଶାନ୍ତି ଓ ପ୍ରେତହାଣ୍ଡି ବିଷର୍ଜନ କରାଯାଏ । ମୋଟାମୋଟି କହିବାକୁ ଗଲେ ସଂଖ୍ୟା ଦଶ ଏକ ପୂଣ୍ଣତାର ଏବଂ ବ୍ୟାପକ ଜୀବନ ଚକ୍ରର ପ୍ରତିକ । ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଦଶମ ପରୀକ୍ଷାଟି ବହୁତ ଗୁରୁତ୍ୱ ରଖେ । ସଂଯୋଗ ଦେଖନ୍ତୁ କ୍ରିକେଟ ସାମ୍ରାଜ୍ୟର ବେଦାଗ୍ ବାଦ୍‌ସାହା ସଚିନ ତେନ୍ଦୁଲକର୍‌ଙ୍କ ଜର୍ସି ନମ୍ବର ଦଶ ଏବଂ ସେ ତାଙ୍କର ଅନ୍ତଃର୍ମନରେ ବିଶ୍ୱାସ ରଖନ୍ତି ଯେ ଏଥି ଯୋଗୁଁ ତାଙ୍କୁ ସଫଳତା ମିଳିଛି । ସଂଯୁକ୍ତ ରାଷ୍ଟ୍ରର ପ୍ରଧାନ ମନ୍ତ୍ରୀ ଦଶ ଡ଼ାଉନିଂ ଷ୍ଟ୍ରୀଟ୍‌ରେ ରହୁଥିବା ବେଳେ ଆମ ଦେଶର ବି ଦଶ ଜନପଥ ଠିକଣାକୁ ଭାରତରେ କିଏ ବା ନ ଜାଣେ ? ଭବିଷ୍ୟ ଅନୁମାନ କରାଯାଉଥିବା ଭାଗ୍ୟଚକ୍ରରେ ବି ଦଶଟି ଘର ଥାଏ । ଆମେ ଯେ କୌଣସି ଆକଳନ କିମ୍ବା ମାନ ନିର୍ଦ୍ଧାରଣ ସମୟରେ ଦଶ ସଂଖ୍ୟାକୁ ସର୍ବୋଚ୍ଚ ବୋଲି ମାନିଥାଉ । ଗ୍ରାହକ ମାନଙ୍କ ସନ୍ତୁଷ୍ଟି ବି ଦଶ ନମ୍ବରରୁ କେତେ ଦେବେ ବୋଲି ପ ?ରୁ । ବାସ୍କେଟ୍ ବଲର ରିଙ୍ଗ୍‌ଟିକୁ ଦଶଫୁଟ ଉପରେ ଲଗାଯାଏ ଏବଂ ଅଲମ୍ପିକ୍ ଖେଳରେ ଜଣେ ପ୍ରତିଯୋଗୀ ସର୍ବାଧିକ ଦଶ ନମ୍ବର ପାଇବାର ସମ୍ଭାବନା ରହିଥାଏ । ଶିଖ ଧର୍ମାବଲମ୍ବୀମାନଙ୍କର ବି ଦଶ ସଂଖ୍ୟା ସହ ବହୁତ ଅନୋଖା ସଂମ୍ପର୍କ । ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଲା ଧର୍ମଗୁରୁଙ୍କର ସଂଖ୍ୟା ବି ଦଶ । ପ୍ରଥମ ଶିଖଗୁରୁ ନାନକ (୧୪୬୯-୧୫୩୯) ଏବଂ ଶେଷ ଓ ଦଶମ ଗୁରୁ ହେଲେ ଗୋବିନ୍ଦ ସିଂ । ଗୁରୁ ଗୋବିନ୍ଦ ସିଂଙ୍କର ସ୍ୱର୍ଗବାସ ପରେ ଗୁରୁ ପରଂପରାର ଅନ୍ତ ହୁଏ ଏବଂ ଗୁରୁ ଗ୍ରନ୍ଥ ସାହେବ ବୋଲି ମନ୍ୟତା ପାଇ ଗୁରୁବାଣୀକୁ ପୂଜା ଅର୍ଚ୍ଚନା କରାଯାଇ ପ୍ରତ୍ୟେହ ଗୁରୁଦ୍ୱାର ମାନଙ୍କରେ ପାଠ କରାଯାଉଛି । ଏହିପରି ପାଠକ ମାନଙ୍କ ପାଖରେ ମଧ ସଂଖ୍ୟା ଦଶ ବିଷୟରେ ଏଭଳି ଅନେକ ତଥ୍ୟ ଥାଇପାରେ । ମୋଟାମୋଟି ଏତିକି କୁହାଯାଇପାରେ କି ଦଶହରା ପର୍ବ ପରି ଦଶ ସଂଖ୍ୟାର ମଧ ମହତ୍ୱ ଓ ପ୍ରଭାବ ମନୁଷ୍ୟ ସମାଜ ଉପରେ ବହୁତ ଅଛି । ତେଣୁ ଏହି ମା' ଦୂର୍ଗାଙ୍କର ପାର୍ବଣ ପୂଜା ଅବସରରେ କରୋନା ଭୂତାଣୁକୁ ପ୍ରତିହତ କରିବା ପାଇଁ ପୂଜାମଣ୍ଡପରେ ନିଜ ନିଜଭିତରେ ଦଶ ହାତର ଫୈସଲା ରଖନ୍ତୁ, ଅତିକମରେ ଦଶଥର ସାବୁନରେ ହାତ ଧୋଇ ସଂଖ୍ୟାଦଶର ମହତ୍ତ୍ୱକୁ ବଂଚାଇବା ସହ ନିଜେ ଏବଂ ନିଜ ପରିବାରକୁ ସୁରକ୍ଷିତ ରଖନ୍ତୁ । ଜୟ ମା ଦୂର୍ଗା ।


+ By:
ଏମ୍. ଟେକ୍. ସିଭିଲ, ଏଲ୍. ଏଲ୍. ବି.
ଆଧାତ୍ମିକ ୟୁ ଟ୍ୟୁବ୍ ଚ୍ୟାନେଲ 'ବିଦ୍ୟାଧର ପଣ୍ଡା ମ୍ୟୁଜିକ'ର ନିର୍ମାତା
ଖ-୧୭/୧୫, ପଞ୍ଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯
ଜି; ଖୋର୍ଦ୍ଧା, ଓଡ଼ିଶା, ମୋ- ୯୪୩୯୧୨୮୦୫୦ // ୭୯୭୮୦୧୯୦୮୧


## ଅନନ୍ୟ ଭ୍ରାତୃ ସ୍ନେହ

**ଅକ୍ଷୟ ପଣ୍ଡା**



ଆମ ଦେଶର କଳା ସଂସ୍କୃତି ସାରା ବିଶ୍ୱକୁ ଆକୃଷ୍ଟ କରେ । ତାରି ରୀତି ରିୱାଜ୍ ଓ ପରମ୍ପରାରେ ଭରି ରହିଛି ନୈତିକତା । ଆଉ ମଧ୍ୟ ଆତ୍ମୀୟତା ଓ ଆତ୍ମ ସନ୍ତୋଷର ଉପାଦାନ । ତାର ଦେବାଳୟରେ ଫରଫର ହୋଇ ଉଡୁଥିବା ଲାଲ ଧ୍ୱଜା କହେ । ତୁମ ଜୀବନର ରେଳ ଗାଡ଼ି ଚାଲୁଥିବା ପଟିରିର ମାର୍ଗ ପରିବର୍ତ୍ତନ କର । ଘୃଣା, ଅହଂକାର, ସ୍ୱାର୍ଥପରତା ଠାରୁ ଦୂରରେ ରୁହ । ଗଡ଼ି ଚାଲୁ ତୁମର ସେ ଜୀବନର ଗାଡ଼ିଟା ନିଷ୍ଠା, ନିରହଂକାର ଓ ନିଃସ୍ୱାର୍ଥର ପଟିରି ଉପରେ । ମାଡ଼ି ଚାଲୁ ଆଗକୁ । ଠିକ୍ ତା ଆଗରେ ଭେଟିବ ଶାନ୍ତିର ମାର୍ଗ ।

ଆଖିର କ୍ୟାମେରାରେ ତୁମର ନାଚି ଉଠିବ ମର୍ତ୍ତ୍ୟ ବୈକୁଣ୍ଠ ଧାମ ବାରାଣସୀ । ଆଉ ଭେଟିବ ଗଙ୍ଗା ନଦୀର କଳକଳ ଜଳ ରାଶି । ତାର ସ୍ୱର୍ଶରେ ଦେହ, ମନ ଓ ବଚନ ପବିତ୍ର ହୋଇ ଯିବ । ଦେଖିବ ସାରା ବିଶ୍ୱର ଆରାଧ୍ୟ ଦେବତା ବିଶ୍ୱନାଥ । ତାର ପରମ୍ପରା ରୀତି ରିୱାଜ୍ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବ ! ସେ ହସର ସହର ଓ ଖୁସିର ନଗରରେ ପାଞ୍ଚୋଟି ବିଶ୍ୱବିଦ୍ୟାଳୟ ଅଛି । ତନ ମଧ୍ୟରୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ସମ୍ପୂର୍ଣ୍ଣା ନନ୍ଦ ବିଶ୍ୱ ବିଦ୍ୟାଳୟ ସର୍ବୋତ୍ତମ ଅଟେ । ସମ୍ପୂର୍ଣ୍ଣା ନନ୍ଦ ବିଶ୍ୱ ବିଦ୍ୟାଳୟ ବାରାଣସୀ ତେଲିଆ ବାଦ ଠାରେ ଅବସ୍ଥିତ । ସେଠାରୁ ତିନି କିଲୋମିଟର ଦୂରରେ ଅଛି ନାଟିଇମିଲି । ସେଠାରେ ପ୍ରତି ବର୍ଷ ଶରତ ଋତୁର ମଧ୍ୟ ଭାଗରେ (ଅକ୍ଟୋବର) ଅତି ଆଡ଼ମ୍ବର ସହିତ ଭରତ ମେଳାପ ପାଳନ କରାଯାଏ । ଏହା ଆଜକୁ ଚାରିଶହ ଅଠସ୍ତୋରି ବର୍ଷ ହେଲା ଲାଗାତର ଭାବେ ପାଳନ କରାଯାଉଛି ।

ଚିତ୍ରକୁଟ ରାମଲିଳା ପରମ୍ପରା ଅନୁଯାୟୀ ଶୁକ୍ଳ ଏକାଦଶୀରେ ଭରତ ମେଳାପର ଆୟୋଜନ ହୁଏ । ନାଟିଇମିଲିର ସୁନ୍ଦର ମନୋରମ ପରିବେଶ ବେଶକୁ ସୁଗନ୍ଧ ପୁଷ୍ପ ତୋରଣ ମାନଙ୍କରେ ସଜ୍ଜା ଯାଏ । ଖୋଲା ଆକାଶର ମୁକ୍ତ ପ୍ରାଙ୍ଗଣ ମଧ୍ୟରେ ଥାଏ ସୁସଜ୍ଜିତ ମଣ୍ଡପ । ଉତ୍ସବର ଦିନ ପ୍ରଭୁ ରାମଚନ୍ଦ୍ର, ମାତା ଜାନକୀ ଓ ଅନୁଜ ଲକ୍ଷ୍ମଣଙ୍କୁ ପୁଷ୍ପକ ବିମାନରେ ସେଠାକୁ ଅଣାଯାଏ । ବାଦ୍ୟ, ଶଙ୍ଖ, ଘଣ୍ଟା, ଘଣ୍ଟି ଓ ଡ଼ମ୍ବରୁର ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠେ । ଶ୍ରଦ୍ଧାଳୁ ଭକ୍ତ ମାନେ ମହା ଆନନ୍ଦରେ ନୃତ୍ୟ କରନ୍ତି । ଚନ୍ଦନ, ଅଗୁର, କସ୍ତୁରୀର ମହମହ ବାସ୍ନାରେ ସେ ସ୍ଥାନ ମହକି ଉଠେ । ଜନଗହଳିର ଅପୂର୍ବ ସମାବେଶ । ଭକ୍ତ ଓ ଆଉ ଭଗବାନଙ୍କର ମିଳନରେ ଏଠି ମିଳିଯାଏ ଅମାପ ଆନନ୍ଦ ।

ବନାରସ ମହାରାଜା ରାଜକୀୟ ଠାଣିରେ ସେଠାରେ ପହଞ୍ଚନ୍ତି । ତାଙ୍କ ସହିତ ସାମିଲ ହୋଇଥାଏ ହାତୀ, ଘୋଡ଼ା ଓ ମନୋରମ ଝାଙ୍କି । ବାଦ୍ୟ ନାଚ ଗୀତର ଚାଲିଥାଏ ଶୋଭାଯାତ୍ରା । ନାଟିଇମିଲି ପାଲଟି ଯାଇଥାଏ ଲକ୍ଷ ଲକ୍ଷ ଭକ୍ତମାନଙ୍କର ଆକର୍ଷଣର କେନ୍ଦ୍ର ବିନ୍ଦୁ । ପ୍ରଭୁ ରାମଚନ୍ଦ୍ରଙ୍କର ପୂଜା ଅର୍ଚ୍ଚନା ବୈଦିକ ମତରେ ହୁଏ । ବନାରସର ପଣ୍ଡିତ ମାନେ ବେଦ ମନ୍ତ୍ର ପଢନ୍ତି । ରାମ ଚରିତ ମାନସକୁ ଅତି ସୁଲଳିତ କଣ୍ଠରେ ଗାନ କରାଯାଏ । ମହାରାଜା ମହା ଆନନ୍ଦରେ ମହା ପ୍ରଭୁଙ୍କର ଚାମର ସେବନ କରନ୍ତି । ଜୟ ଜୟ ଶ୍ରୀରାମ ଧ୍ୱନିରେ ଜନ ମୁଖରୁ ଶୁଣା ଯାଏ । ପ୍ରଭୁ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କର ଦେଖିବାକୁ ମିଳେ ଅପୂର୍ବ ମିଳନ । ରଘୁକୁଳ ନନ୍ଦନ ରାଜିବ ଲୋଚନ ପ୍ରଭୁ ରାମଚନ୍ଦ୍ରଙ୍କୁ ଦର୍ଶନ କରି ମହା ଆନନ୍ଦରେ ବିଭୋର ହୁଅନ୍ତି ଭକ୍ତମାନେ । ଏ ଆଧ୍ୟାତ୍ମିକ ବାତାବରଣରୁ ଦେଖିବାକୁ ମିଳେ ଅତୁଳନୀୟ ଭ୍ରାତୃ ଭକ୍ତି । ଓଡ଼ିଆ ଭାଗବତରେ ଜଗନ୍ନାଥ ଦାସ ଲେଖିଛନ୍ତି -

"ଭାଇର ଦୁଃଖେ ଯିଏ ଦୁଃଖି
ସେ ପ୍ରାଣୀ ସର୍ବ କାଳେ ସୁଖି ।"

ଆଜିର ମଣିଷ ଭିତରେ ମରି ଯାଇଛି ମଣିଷ ପଣିଆ । ଧନ ଆଗରେ ସମ୍ପର୍କଟା ତୁଚ୍ଛ ହୋଇଛି । ପାର୍ଥିବ ସମ୍ପତ୍ତି ପାଇଁ ଭାଇ ଭାଇ ଭିତରେ ମନାନ୍ତର ମତାନ୍ତର । ସ୍ୱାର୍ଥ ସର୍ବୋସ୍ୱ ହୋଇ ଗଲାଣି ମନୁଷ୍ୟ । ନିଜେ ଭଲରେ ରହିବ ସୁଖରେ ଜୀବନ ଯାପନ କରିବ । ସେ କଥା ସେ ଭାବେ । ତା ମନରୁ ହଟି ଯାଏ ନିଜ ମା ପେଟର ଭାଇର ପ୍ରତି କର୍ତ୍ତବ୍ୟ । ଲଙ୍କାର ରାଜା ଦଶାନନ ଜୀବନର ଶେଷ କ୍ଷଣରେ ଲକ୍ଷ୍ମଣଙ୍କୁ ଉପଦେଶ ଦେଇଥିଲେ ।

"ଯା ପ୍ରୀତି ସୋଦର ନାସ୍ତି
ତା ପ୍ରୀତି ଇତର ଜନାଃ ।"

ଯିଏ ଭାଇର ନୁହେଁ ସେ କାହାର ହେବ ନି । ଆଜି ରାମଚନ୍ଦ୍ର ଯୁଦ୍ଧରେ ଜୟ ଲାଭ କଲେ ତାଙ୍କ ସାଥିରେ ଥିଲା ତାଙ୍କ ଭାଇ ସହଯୋଗ । ଦଶାଶନ ପରାଜୟ ଲାଭ କଲା । ତାର କାରଣ ବିଭିଷଣ ରାମଚନ୍ଦ୍ରଙ୍କର ସାଥିରେ ଥିଲା । ଏଥିରୁ ସ୍ପଷ୍ଟ ଅନୁମାନ ହୁଏ ସମାଜକୁ ସରସ ସୁନ୍ଦର ଗଢି ତୋଳିବା ପାଇଁ ଭ୍ରାତୃ ସ୍ନେହର ଆବଶ୍ୟକ । ମନର ମଳିନତାକୁ ଦୁର କରି ପରସ୍ପର ସ୍ନେହ ମମତାରେ ବାନ୍ଧି ହୋଇଯାଆନ୍ତୁ । ତେଣୁ କୁହାଯାଏ ।

"ଇସ୍ ବାତ୍‌ସେ ଭଲେ ହି ସାରି ଦୁନିଆ ଜଲେ
ମେରେ ହିସେ କି ଖୁସିୟାଁ ଭି ଭାଇ ମୁଝେ ମିଲେ ।"

କେବେ ହେଲେ ଭୁଲନ୍ତୁ ନାହିଁ ନିଜର ଭାଇର ପ୍ରତି କର୍ତ୍ତବ୍ୟ । ରାଜିବ ଲୋଚନ ପ୍ରଭୁ ରାମଚନ୍ଦ୍ରଙ୍କୁ ପୂଜା କରିବା ଠାରୁ ତାଙ୍କ ଆଦର୍ଶର ଅନୁକରଣ କରି କାର୍ଯ୍ୟ କରିବା ସବୁଠାରୁ ଭଲ । ଧନ୍ୟ ସେ ଭରତ ଧନ୍ୟ ତାଙ୍କ ଭ୍ରାତୃ ଭକ୍ତି । ଭରତ ମେଳାପ ଏକ ଅନନ୍ୟ ଭ୍ରାତୃ ସ୍ନେହର ଉଜ୍ଜ୍ୱଳ ଦୃଷ୍ଟାନ୍ତ ।


+ ଆଳି, ଲୋକାପଡ଼ା
ମୋ - ୯୩୩୭୪୯୨୩୦୭







## ତମସୋ ମା ଜ୍ୟୋତିର୍ଗମୟ !!!...

**ଶାନ୍ତିଲତା ପଲାଇ**

ମା...
ଏକା ପବିତ୍ର ଉଚ୍ଚାରଣ..
ସୃଷ୍ଟି, ସ୍ଥିତି, ପ୍ରଳୟର ଉତ୍ସ...!
ମା ତୁମେ ଦିବ୍ୟ ଜନନୀ,
ପାଳନମୟୀ ଶକ୍ତି,
ତୁମେ ହିଁ ପ୍ରକୃତି !
ତ୍ରିଭୁବନ ଅଧିଷ୍ଠାତ୍ରୀ ଦେବୀ,
ପ୍ରତିଥର ଅବତରଣ କର
ଏ ଧରା ପୃଷ୍ଠରେ...
ଦମନ କରିବାକୁ ମୂଢ଼ତା,
ଅଜ୍ଞାନତା, ଅହଂକାର
ରୂପୀ ଦାନବକୁ..
ଆବିର୍ଭୂତ ହୁଅ ବରାଭୟ ମୁଦ୍ରାରେ...!
ତୁମେ ଆଦ୍ୟାଶକ୍ତି ମା ଓଁ କାର ରୂପିଣୀ
ଆସ ପ୍ରକମ୍ପିତ କରି...
ଆକାଶ ଅନ୍ତରୀକ୍ଷକୁ
ସ୍ତବନ, ପୂଜନ, ଶଙ୍ଖଧ୍ୱନି ରେ...
ମୁକ୍ତି ଦେବାକୁ...
ଏ ମୂଢ଼ ମାନବ ଜାତିକୁ,
ସମସ୍ତଙ୍କ ଦୁଃଖ ଦୁର୍ଦ୍ଦଶାଦୂର କରିବାକୁ
କୁ ପ୍ରବୃତ୍ତି, କୁ ଭାବନା ପୋଛିଦେବାକୁ..
ନାଶ କରି ଅରି, ଅରାଜ, ଆତଙ୍କ
ହରି ନେଇ ହିଂସା, ଦ୍ୱେଷ...
ବିଞ୍ଚି ଦିଅ ନବ ଅରୁଣିମା..
ଭରିଦିଅ ଦୟା ଶାନ୍ତି କ୍ଷମା
ଏକ ଦିବ୍ୟ ଚେତନା ରେ !
ତୁମେ ମାତୃଶକ୍ତି ମା.. ତୁମେ ଆଦିଶକ୍ତି
ସତ୍ୟମୟୀ, ଆନନ୍ଦମୟୀ,
କରୁଣାମୟୀ..
ଲୀଳାମୟୀ, ଚିନ୍ମୟୀ, ମଙ୍ଗଳମୟୀ !
ବିରାଜମାନ ହୁଅ ମା
ମହାକାଳୀ, ମହାଲକ୍ଷ୍ମୀ,
ମହା ସରସ୍ୱତୀ ରୂପରେ..
ଏ ସମଗ୍ର ସଂସାରକୁ ଦେଖାଇବାକୁ
ଆଲୋକିତ ମାର୍ଗ...
ବରଦା.. ଅଭୟା ସାଜି..
ବିଦ୍ୟା ଦାତ୍ରୀ ଜ୍ଞାନଦାତ୍ରୀ ସାଜି
ଧ୍ୱଂସ କରିବାକୁ ମୁର୍ଖତା, ଅଜ୍ଞାନତା..
ତୁମେ ଜଗତ୍ଜନନୀ ମହାମାୟୀ ଦୁର୍ଗା
ଭୁକ୍ତି ମୁକ୍ତି ପ୍ରଦାୟିନୀ...
ତୁମ ଅଭୟ ପାଦପଦ୍ମରେ
ପ୍ରଣତି ଢାଳୁଛି ମା
କରୋନା ରାକ୍ଷସ ଏଠି
ଖେଳୁଛି ରକ୍ତରେ ହୋଲି,
ସାରା ବିଶ୍ୱ ଆତୁରେ ଡାକୁଛି
ମାଆ ମାଆ ବୋଲି...
ବିସ୍ତାର କରିଦିଅ ମାଆ
ଅଭୟ ଆଶୀର୍ବାଦର କର..
ସକାଳ ଦୁର୍ଗତିରୁ ପରିତ୍ରାଣ କର..!


+ ଭୁବନେଶ୍ୱର
ମୋ: ୯୮୫୩୫୧୧୫୦୩


## ଜହ୍ନ

**ନିରଞ୍ଜନ ସାହୁ**

ସଭିଙ୍କର ପ୍ରିୟ ଅଟେ ଜହ୍ନମାମୁ
ସରଗ ରାଇଜେ ଘର
ରାତିରେ ପୃଥିବୀ ଆଲୋକିତ କରେ
ବୁଣି ସେ ରଜତ କର ॥
ଶିବଙ୍କ ମଥାରେ ଶୋଭାପାଏ ପୁଣି
ବିଷ୍ଣୁଙ୍କ ନୟନ ସାଜେ
ବିଭୁଙ୍କ ନିର୍ଦ୍ଦେଶ ମାନିଥାଏ ସଦା
ଅଟଳ ରହଇ କାର୍ଯ୍ୟେ
ବାଟୋଇ ସାଜି ସେ ବାଟ
ଚାଲିବାରେର
ରହିଥାଏ ତତପର ॥
ତାହା ଯୋଗୁଁ ମାସ ଦୁଇ ପକ୍ଷ ହୁଏ
ସମୁଦ୍ରେ ଜୁଆର ଆସେ
ଅମାବାସ୍ୟା ଦିନ ଦିଶେ ନାହିଁ ସିଏ
ପୂର୍ଣ୍ଣିମାରେ ପୁରା ଦିଶେ
ତାହାକୁ ମାନିକି ନାନାଦି ପରବ
ଜଗତେ ପାଳନ୍ତି ନର ॥
ତାହା ପରଶରେ କୁସୁମ ବିକଶେ
ଫଳ ପରିପୃଷ୍ଟ ହୁଏ
ଔଷଧୀୟ ବୃକ୍ଷେ ଔଷଧୀୟ ଗୁଣ
ତା ଯୋଗୁଁ ପ୍ରକାଶ ପାଏ
ବିଜ୍ଞାନ କହଇ ଉପଗ୍ରହ ତାକୁ
ଆମ ଏଇ ମରତର ॥
ଅବୋଧ ଶିଶୁଙ୍କ ଚନ୍ଦ୍ରମା ଦେଖାଇ
ମାଆ କରିଥାଏ ବୋଧ
କବି, କଳାକାର, ଭାବୁକ, ପ୍ରେମିକ
ଚନ୍ଦ୍ର ଦେଖି ଗଦଗଦ
ପୁରାଣ ପୃଷ୍ଠାରେ ଚନ୍ଦ୍ରମା କାହାଣୀ
କାହାକୁ ବା ଅଗୋଚର ॥


+ ନିହଲପ୍ରସାଦ, ଗନ୍ଧିଆପାଟଣା
ଢେଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩





## ମା ଜଗଜ୍ଜନନୀ...

**ପ୍ରଣତି ମହାପାତ୍ର**

ମା ତୋ ଆସିବା ବାଟ ଚାହିଁ ରହିଥାଏ
ଫି ସନ ଏଇ ବେଳେ,
ତୋ ଭୋଗ ପାଇଁ ମୁଁ ପାଇଥାଏ
କଦଳୀ ଶେଉ ରୁ ଫାଳେ ।

ତୋ ପାଇଁ ଚାଲେ ମା
କେତେ ପୂଜାର୍ଚ୍ଚନା
ମୁଁ ଦେଖୁଥାଏ ତ ତୋତେ
ତୋରି ଭିତରେ ମୋ ମାଆକୁ ମୁଁ ଦେଖେ
କାଳେ କୋଳେ କରିନେବ ମୋତେ ।

ତୋ ପାଇଁ ଆଲୋକ ମାଳା ଝଲମଲ
ସେଥିରେ ଦେଖେ ମୋ ଦୁନିଆଁ,
ଆସିଛୁ ଯଦି ମାଆ ଏ ଧରାଧାମରେ
ଶାନ୍ତିର ଜୁଆର ବୁହାଇ ଦେ ମା ।

ଭବାନୀ ଶିବାନୀ ମହିଷାମର୍ଦ୍ଦିନୀ
ମହାମାୟା ଦୁଃଖ ନାଶିନୀ,
ମଙ୍ଗଳମୟୀ ମାଆ ଶାନ୍ତି ପ୍ରଦାୟିନୀ
ସର୍ବ କଳୁଷ ନାଶିନୀ ।
ପାଦପଙ୍କଜେ କରେ ମୁଁ ପ୍ରଣତି
କରୁଣାକର ମା ଜଗଜ୍ଜନନୀ ।


+ ବାଲେଶ୍ୱର




ବିବିଧ ବିଶ୍ୱ
ଦେଶ ବିଦେଶର ଜଣାଅଜଣା
ଧ୍ୱନି ପ୍ରତିଧ୍ୱନି
୫ ♣ ବାଲେଶ୍ୱର ♣ ଶୁକ୍ରବାର, ଅକ୍ଟୋବର ୨୩, ୨୦୨୦

ଅଂଶୁମାନ ମହାରଣା

# ବାଜି ରାଉତଙ୍କୁ ମିଳୁ ଭାରତର ସର୍ବକନିଷ୍ଠ ଶହୀଦର ମାନ୍ୟତା

ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଭାରତୀୟ ମାନଙ୍କର ଅସୀମ, ତ୍ୟାଗ, ନିରବଚ୍ଛିନ୍ନ ସଂଗ୍ରାମ, ଅତୁଳନୀୟ ସାଧନା ସାହସିକତା ଆତ୍ମବଳିଦାନ ଫଳରେ ଆମ ଜନ୍ମଭୂମି ଭାରତ ପରାଧୀନତାର ଶୃଙ୍ଖଳରୁ ମୁକ୍ତିଲାଭ କରିଥିଲା । ଏହି ସଂଗ୍ରାମରେ ଶତ ଶତ ଭାରତୀୟ ସ୍ୱଇଚ୍ଛାରେ ଜେଲ, ଜରିମାନା ଦେବା ସଙ୍ଗେ ସଙ୍ଗେ ଆତ୍ମବଳି ଦେବାକୁ ପଛାଇ ନ ଥିଲେ । ସେହି ଶହୀଦ ମାନଙ୍କ ମଧ୍ୟରେ ୧୯୩୮ ମସିହାର ଢେଙ୍କାନାଳ ଜିଲ୍ଲାର ଗଡଜାତ ଆନ୍ଦୋଳନର ସର୍ବକନିଷ୍ଠ ସଂଗ୍ରାମୀ ୧୨ ବର୍ଷର ବାଳକ ବାଜି ରାଉତ ଅନ୍ୟତମ । ଯେତେବେଳେ ଭାରତର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ କଳୁଷିତ ତଥା ଭାରତୀୟ ମାନେ ସ୍ୱାଧୀନତାର ଚେତନାରେ ଜର୍ଜରିତ ଥିଲେ, ଠିକ ସେତିକି ବେଳେ ନିରୀହ କୋମଳମତି ୧୨ ବର୍ଷର ବାଳକ ବାଜି ରାଉତର ଆତ୍ମବଳି ଆଣି ଦେଇଥିଲା ସ୍ୱଦନ ଓ ଦର୍ଶାଇଥିଲା ଦିଗଦର୍ଶନର ପ୍ରକୃତ ପଥ । ୧୨ ବର୍ଷର ବାଳକ ବାଜି ରାଉତର ଆତ୍ମବଳି ସୃଷ୍ଟି କରିଦେଲା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଏକ ସ୍ୱତନ୍ତ୍ର ଅଧ୍ୟାୟ । ଚିରଦିନ ପାଇଁ ବାଜି ରାଉତର ଆତ୍ମବଳିଦାନ ସମଗ୍ର ମାନବ ସମାଜ ପାଇଁ ଏକ ପ୍ରେରଣାର ଉତ୍ସ ହୋଇ ରହିଗଲା ।

୧୯୩୬ ଅପ୍ରେଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବା ପରେ ଗଡଜାତ ଶାସନରେ ଅତ୍ୟାଚାରିତ ପ୍ରଜାମାନଙ୍କ ଆତ୍ମବଳର ଉଦ୍ରେକ ଘଟିଲା । ଫଳରେ ରାଜାଙ୍କ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଦୃଢ଼ ସ୍ୱର ପ୍ରକାଶ ପାଇଲା । ପ୍ରଜାଙ୍କ ସୁରକ୍ଷା ପାଇଁ ୧୯୩୮ ମସିହାରେ ଗଠିତ ହୋଇଥିଲା ପ୍ରଜାମଣ୍ଡଳ, ଯାହାକୁ ମାର୍ଗଦର୍ଶନ ଦେଇଥିଲେ ସାରଙ୍ଗଧର ଦାସ, କୈଳାଶ ଚନ୍ଦ୍ର ମହାନ୍ତି, ଡ଼ଃ ରାଧାନାଥ ରଥ, ଶ୍ରୀଧରଦାସ, କପିଳ ପ୍ରସାଦ ନନ୍ଦ, ପବିତ୍ର ମୋହନ ପ୍ରଧାନ, ରଘୁନାଥ ମହାନ୍ତି, ଦିବାକର ପରିଡ଼ା ଙ୍କ ଭଳି ମହାନ ନେତୃତ୍ୱଗଣ । ଢେଙ୍କାନାଳ ଗଡଜାତର ଅପାରଗ ରାଜା ଶଙ୍କର ପ୍ରତାପଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଏହି ବର୍ଷ ଜୁନ ମାସରେ ପ୍ରଜାମଣ୍ଡଳ ଗଠନ କରା ଯାଇଥିଲା । ଏହି ଆନ୍ଦୋଳନର ସର୍ବକନିଷ୍ଠ ସଂଗ୍ରାମୀ ଥିଲେ ନୀଳକଣ୍ଠପୁର ଗ୍ରାମର ଏକ ଗରିବ ଖଣ୍ଡାୟତ ପରିବାରର ହରି ରାଉତ ଓ ରାଣୀଆ ଦେବୀଙ୍କ ଏକମାତ୍ର ସନ୍ତାନ ବାଜି ରାଉତ । ୧୯୨୬ ମସିହା ଅକ୍ଟୋବର ୫ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ ବୀର ବିପ୍ଳବୀ ବାଜି ରାଉତ । ଢେଙ୍କାନାଳ ଗଡଜାତର ରାଜା ଶଙ୍କର ପ୍ରତାପ ଥିଲେ ଅତ୍ୟନ୍ତ ଅପାରଗ । ଇଂରେଜ ସରକାରଙ୍କ ସହିତ ସନ୍ଧି କରି ତାଙ୍କର ପ୍ରତିନିଧି ଭାବରେ ସେ ଶାସନ କରୁଥିଲେ । ରାଜାଙ୍କ କର୍ମଚାରୀ ଓ ପୋଲିସ ଫଉଜ ମାନେ ଗରିବ ଓ ନିରୀହ ପ୍ରଜାମାନଙ୍କ ଉପରେ ବିନା କାରଣରେ ଜୁଲମ କରି ଅସାମାଜିକ କାର୍ଯ୍ୟ କରିବାକୁ ପଛାଉ ନଥିଲେ । ଧୀରେ ଧୀରେ ପ୍ରଜା ମାନଙ୍କର କ୍ଷୋଭ ଓ ଅସନ୍ତୋଷର ନିଆଁ ପ୍ରଜ୍ୱଳିତ ହୋଇ ଏକ ବିରାଟ ରୂପ ଧାରଣ କରିଥିଲା । ଗଡଜାତ ଆନ୍ଦୋଳନର ଆହ୍ୱାନ ଢେଙ୍କାନାଳର ପ୍ରଜା ମାନଙ୍କୁ ରାଜାଙ୍କ ବିରୋଧରେ ଆନ୍ଦୋଳନ କରିବାକୁ ଖୋରାକ ଯୋଗାଇଥିଲା । ଭୁବନ ଗ୍ରାମ ଥିଲା ଢେଙ୍କାନାଳରେ ଗଡଜାତ ଆନ୍ଦୋଳନ ସଂଗ୍ରାମର ପ୍ରମୁଖ କେନ୍ଦ୍ରସ୍ଥଳୀ । ଭୁବନ ଅଂଚଳରେ ମହନ୍ତ ପ୍ରଧାନ, ବଟ ସାହୁ, ରଙ୍ଗଲାଲ ଅଗ୍ରୱାଲ, ଲକ୍ଷ୍ମଣ ସାହୁ, ବଟ ସାହୁ ଗୁରୀ ନାୟକ, ହୁରୁଷି ପ୍ରଧାନ, ବେଣୁଧର ପ୍ରଧାନ ସଭ୍ୟମାନେ ପ୍ରଜାମଣ୍ଡଳରେ ସକ୍ରିୟ ଅଂଶଗ୍ରହଣ କରୁଥିଲେ, ଯାହାର ସଭାପତି ଥିଲେ ପଣ୍ଡିତ ଗଙ୍ଗାଧର ମିଶ୍ର ତଥା ସମ୍ପାଦକ ଥିଲେ ବେଣୁଧର ଦେଓ । ପ୍ରଜାମଣ୍ଡଳକୁ ସହଯୋଗ କରିବା ପାଇଁ ବଟ ସାହୁଙ୍କ ନେତୃତ୍ୱରେ ୧୧/୧୨ ବର୍ଷର ବାଳକ ମାନଙ୍କୁ ନେଇ ଏକ ବାନର ସେନା ଗଠନ କରାଯାଇଥିଲା । ଗଙ୍ଗାଧର ରାଉତ, ନଟବର ନାୟକ, ଗୌରାଙ୍ଗ ମହାପାତ୍ରଙ୍କ ଭଳି ବାଜି ରାଉତ ମଧ ଏହି ବାନର ସେନାର ସଦସ୍ୟ ଥିଲେ ।

ପ୍ରଜାମଣ୍ଡଳ ଆନ୍ଦୋଳନର ସଂଗ୍ରାମୀ ମାନଙ୍କୁ ଦମନ କରିବା ପାଇଁ ରାଜା ଶଙ୍କର ପ୍ରତାପଙ୍କ ପରାମର୍ଶ କ୍ରମେ ୧୯୩୮ ମସିହା ଅକ୍ଟୋବର ମାସରେ ୧୧ ତାରିଖ ଦିନ ବିଜୟ ଘୋଷଙ୍କ ନେତୃତ୍ୱରେ ଇଂରେଜ ସରକାରର ପୋଲିସ ବାହିନୀ ସଂଗ୍ରାମର କେନ୍ଦ୍ରସ୍ଥଳୀ ଭୁବନରେ ପହଂଚିଥିଲେ । ଦୀର୍ଘଦିନ ଧରି ଲାଗି ରହିଥିବା ଝଡବର୍ଷା ଓ ଅନ୍ଧାର ରାତି ଥିଲା ସଂଗ୍ରାମୀ ମାନଙ୍କ ପାଇଁ ମୁଖ୍ୟ ପ୍ରତିବନ୍ଧକ । ଯେତେବେଳେ ଶହ ଶହ ସଂଗ୍ରାମୀ ଏକତ୍ରିତ ହୋଇ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହେଲେ, ସେତେବେଳେ ପୋଲିସ



ବାହିନୀ ଜୀବନ ବିକଳରେ ଲୁଚିଛପି ପଛଘୁଂଚା ଦେଇଥିଲେ । ଭୁବନ ଠାରୁ ଢେଙ୍କାନାଳ ସଦର ମହକୁମା ତଥା ପୋଲିସ ବାହିନୀର ଶିବିର ଗୋଟିଏ ବାଟ ଥିଲା । ସେହି ବାଟ ମଧ୍ୟରେ ନୀଳକଣ୍ଠପୁର ନଦୀଘାଟଟି ଥିଲା ମୁଖ୍ୟ ପ୍ରତିବନ୍ଧକ । ନୀଳକଣ୍ଠପୁରର ପ୍ରଜାମାନେ ଏହି ଘାଟରେ ଶତ୍ରୁମାନଙ୍କୁ ପାରି କରିବେ ନାହିଁ ବୋଲି ପୂର୍ବରୁ ସ୍ଥିର କରିଥିଲେ । ଏହା ସମସ୍ତ ପ୍ରଜା ମାନଙ୍କ ଉପସ୍ଥିତିରେ ଏକ ଗ୍ରାମ୍ୟ ସଭାରେ ସ୍ଥିର ହୋଇଥିଲା । ଦିବାରାତ୍ର ନଦୀଘାଟ ଜଗିବା ପାଇଁ ନାଉରିଆ ସମେତ ଗ୍ରାମ ତରଫରୁ ଜଣେ ଜଣେ ପ୍ରତିଦିନ କାର୍ଯ୍ୟବଂଟା ହୋଇଥିଲା । ବ୍ରାହ୍ମଣୀ ନଦୀର ଦୁଇକୂଳ ଜଳର ପ୍ରଖର ସ୍ରୋତରେ ଉଛୁଳି ପଡୁଥିଲା । ସେଦିନର କିଟିମିଟିଆ ରାତିରେ ଘାଟ ଜଗିବାର ପାଳି ଥିଲା ବାଜି ରାଉତର । ବାଜି ରାଉତ କେତେଜଣ ସ୍ୱେଚ୍ଛାସେବୀଙ୍କ ଗହଣରେ ସେହି ରାତିରେ ଘାଟ ଜଗିଥାଏ । ହଠାତ ପୋଲିସ ଫୌଜ ଭୁବନରେ ଅତ୍ୟାଚାର କରି ଜୀବନ ବିକଳରେ ନଦୀଘାଟ ପାରି ହେବାକୁ ନୀଳକଣ୍ଠପୁର ନଦୀଘାଟରେ ଉପସ୍ଥିତ ହୋଇଗଲେ । ବଡପାଟିରେ ଡ଼ାକି ପକାଇଲେ ନାଉରିଆ କୁ ନଦୀ ପାର କରିବା ପାଇଁ । ବିଳମ୍ୱ ନ କରି ବୀରଦର୍ପରେ ପୋଲିସ ମାନଙ୍କୁ ୧୨ ବର୍ଷର ବାଳକ ଜବାବ ଦେଲା, ପାରି କରିବା ତବ ଦୂରର କଥା, ପ୍ରଜାମଣ୍ଡଳର ଆଦେଶ ମୁଁ ଆପଣଙ୍କୁ ଡ଼ଙ୍ଗାରେ ବସାଇବି ନାହିଁ । ସିପାହୀ ମାନେ ପୁଣିଥରେ ନଦୀ ପାର କରିବା ପାଇଁ ବାଜି ରାଉତକୁ କହିବା ସହ ପାରି ନକଲେ ଗୁଳି ମାରିବାକୁ ଧମକ ଦେଲେ । ଏହା ଶୁଣି ବାଜି ରାଉତ ନିର୍ଭୀକତାର ସହ ଜବାବ ଦେବା ସହ ଫିରୀଙ୍ଗୀ ସେନାକୁ ଭର୍ତ୍ସନା କରିବା ସମୟରେ ନିରୀହ ପାଟିରୁ ଭୟଙ୍କର ଚିତ୍କାର ନସରୁଣୁ ଇଂରେଜ ପୋଲିସ ବନ୍ଧୁକ ନଳୀରୁ ଗୁଳିଟିଏ ଆସି ବାଜିଗଲା ବାଜି ରାଉତର ମୁଣ୍ଡ କପାଳରେ । କଅଁଳିଆ ଖପୁରିଟା ଦୁଇଫାଳ ହୋଇଯିବା ସହ କ୍ଷଣକ ମଧ୍ୟରେ ବାଜି ରାଉତର ଶରୀର ଭୂପତିତ ହେଲା । ପୁନର୍ବାର ଉଠି ବଡ଼ପାଟିରେ ଗ୍ରାମବାସୀଙ୍କୁ ଡ଼ାକ ପକାଇଲା ଗ୍ରାମବାସୀଙ୍କୁ । ତା ପରେ ସବୁ କିଛି ଶେଷ ।

ବାଜି ରାଉତର ପାଟିଶୁଣି ଶତଶତ ଗ୍ରାମବାସୀ ଓ ପ୍ରଜାମଣ୍ଡଳର କର୍ମୀ ବିଜୁଳି ବେଗରେ ଧାଇଁ ଆସିଲେ । ସମସ୍ତେ ବାଜି ରାଉତର ମୃତ ଶରୀର ଦେଖି ରାଗରେ ଜର୍ଜରିତ ହୋଇ ଉଠିଲେ । ପୋଲିସ ବାହିନୀ ଜୀବନ ବିକଳରେ କୌଶଳ କରି ଡଙ୍ଗାର ଦଉଡ଼ିକୁ ମଝିରୁ କାଟି ଡ଼ଙ୍ଗାରେ ନଦୀର ମଝିଗର୍ଭକୁ ପଳାଇଲେ । ମଝିନଦୀରୁ ଗୋଟିଏ ପରେ ଗୋଟିଏ ଗୁଳି କରି ବହୁତ ଲୋକଙ୍କୁ ରକ୍ତାକ୍ତ କରି ପକାଇଲେ, ସେଥି ମଧ୍ୟରୁ ୬ ଜଣ ସେହି ନଦୀଘାଟରେ ମୃତ୍ୟୁବରଣ କରିଥିଲେ । ବାଜିରାଉତ ସମେତ ସେଠାରେ ମୃତ୍ୟୁବରଣ କରିଥିବା ଶହୀଦ ହେଲେ ହୁରୁଷି ପ୍ରଧାନ, ରଘୁ ନାୟକ, ନଟ ମଲ୍ଲିକ, ଲକ୍ଷ୍ମଣ ମଲ୍ଲିକ, ଓ ଫଗୁ ସାହୁ । ଦେଶ ଓ ଜାତିର ସ୍ୱାର୍ଥ ପାଇଁ ବାଜିରାଉତ ସମେତ ଛଅ ଜଣଙ୍କର ରକ୍ତରେ ବ୍ରାହ୍ମଣୀ ନଦୀର ଜଳ ରକ୍ତାକ୍ତ ହେବା ସଙ୍ଗେ ସଙ୍ଗେ ନୀଳକଣ୍ଠପୁର ଗ୍ରାମର ମାଟି ପବିତ୍ର ହୋଇଯାଇଥିଲା । ପରଦିନ ସକାଳେ ସେହି ଛଅ ଜଣ ଶହୀଦଙ୍କୁ ଶୋଭାଯାତ୍ରାରେ ଡ଼ଙ୍ଗା ସାହାଯ୍ୟରେ ଜେନାପୁର ନିଆଯାଇ ସେଠାରୁ ଟ୍ରେନ ଯୋଗେ ନିଆଯାଇଥିଲା । କଟକ ଷ୍ଟେସନ ଠାରୁ ବିରାଟ ଶୋଭାଯାତ୍ରାରେ ହଜାର ହଜାର ସ୍ୱାଧୀନତା ପ୍ରେମୀଙ୍କର ଶୋକାକୁଳ ପରିବେଶରେ ବିଭିନ୍ନ ସ୍ଥାନରେ ସମ୍ମାନିତ କରାଯିବା ସହ କାଠଯୋଡ଼ି କୂଳ ଖାନନଗର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଏହି ଶୋଭାଯାତ୍ରା ଓ ଦାହ କାର୍ଯ୍ୟରେ ସଂଗ୍ରାମୀ ବନ୍ଧୁ ଅନନ୍ତ ପଟ୍ଟନାୟକ, ରବି ଘୋଷ, ଗୋବିନ୍ଦ ମହାନ୍ତି, ସଚ୍ଚି ରାଉତରାୟ ପ୍ରମୁଖ ସାମିଲ ଥିଲେ । ଅମର ଶହୀଦ ମାନଙ୍କ ଚିତାଭସ୍ମ ଓଡ଼ିଶାରେ ଗଡ଼ଜାତ ରାଜୁତିର ପତନ ସହ ଭାରତୀୟ ସ୍ୱାଧୀନତାର ମୂଳଦୁଆ ପକାଇଥିଲା । ଭାରତରେ ପଢାଯାଉଥିବା ଇତିହାସକୁ ବଦଳାଇବା ଜରୁରୀ ଏଭଳି କିଛି ଚର୍ଚ୍ଚିତ ପ୍ରସଙ୍ଗ ବର୍ଷକ ପୂର୍ବରୁ ଉଠାଯାଇଥିଲା ଯାହାର ଅନେକ କ୍ଷେତ୍ରରେ ବାସ୍ତବତା ରହିଥିବା ମନେ ହୁଏ । ଯଦି ଆମେ ଏହାକୁ ସଠିକ ଭାବରେ ଅନୁଧ୍ୟାନ କରିବା ତେବେ ଏହାର ପ୍ରକୃତ କାରଣକୁ ଖୋଜି ପାଇବା । ଉଦାହରଣ ସ୍ୱରୂପ ବାଜି ରାଉତଙ୍କ କଥା ଆଲୋଚନା କରାଯାଉ । ଭାରତର ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇଥିବା ସମସ୍ତ ଶହୀଦ ସଂଗ୍ରାମୀ ମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇ ଆମେ ଯଦି ଦେଖିବା ତେବେ ବୟସ ତୁଳନାରେ ଭାରତର ସର୍ବକନିଷ୍ଠ ଶହୀଦ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ଶହୀଦ ବାଜି ରାଉତ । କିନ୍ତୁ ବାଜି ରାଉତଙ୍କ ସମ୍ପର୍କରେ କେବଳ ଓଡ଼ିଶା ଛାଡ଼ିଦେଲେ ଭାରତର ଅନ୍ୟ ରାଜ୍ୟରେ ସର୍ବକନିଷ୍ଠ ଶହୀଦ ଭାବରେ ଇତିହାସରେ ପଢାଯାଏ ନାହିଁ କିମ୍ବା ବାଜି ରାଉତଙ୍କୁ ଭାରତର ସର୍ବକନିଷ୍ଠ ଶହୀଦ ଭାବରେ କେହି ଜାଣନ୍ତି ନାହିଁ । ଏହି ପ୍ରସଙ୍ଗକୁ ଅନୁଧ୍ୟାନ କଲେ ଭାରତର ପଢାଯାଉଥିବା ଇତିହାସର ପୁନର୍ଲିଖନ ଶତ ପ୍ରତିଶତ ଯୁକ୍ତିଯୁକ୍ତ ବୋଲି ମନେ ହୁଏ ।

ସର୍ବୋପରି ୧୨ ବର୍ଷର କୋମଳମତି ବାଳକ ବାଜି ରାଉତର ଆତ୍ମବଳି ପ୍ରତ୍ୟେକ ଭାରତୀୟ ମାନଙ୍କ ହୃଦୟରେ ଆଣିଦେଇଥିଲା ସ୍ୱାଧୀନତାର ସ୍ୱନ୍ଦନ । ତାଙ୍କର ବୀରତ୍ୱ, ସାହସିକତା, ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶପ୍ରେମୀ ଭାରତୀୟ ମାନଙ୍କର ଅସୀମ ତ୍ୟାଗ ଓ ସାଧନା ଫଳରେ ବାଜି ରାଉତଙ୍କ ମୃତ୍ୟୁର ୯ ବର୍ଷ ପରେ ଦେଶ ସ୍ୱାଧୀନ ହେଲା । ଲୋମର୍ଷ, ଅକଥନୀୟ ଓ ନିଷ୍ଠୁର ରାଜାରାଜୁଡ଼ା ଶାସନ ଚିରଦିନ ପାଇଁ ଧୂଳିସାତ ହୋଇଗଲା । ମଶାଣିର ଚିତାଭସ୍ମ ସିନା ଲିଭିଗଲା, କିନ୍ତୁ ଭାରତର ଇତିହାସ ପୃଷ୍ଠାରେ ଯଶ ଓ କୀର୍ତ୍ତି ରଖିଗଲା । ଅତଏବ ୧୨ ବର୍ଷ ବୟସରେ ଦେଶ ଓ ଜାତିର ସ୍ୱାର୍ଥ ପାଇଁ ପ୍ରାଣ ଦାନ କରିଥିବା ଶହୀଦ ବାଜି ରାଉତଙ୍କୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦର ମାନ୍ୟତା ଦିଆଗଲେ ତାହା ହେବ ବାଜି ରାଉତଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଳି ।

ଯୋଗାଯୋଗ - ୮୦୯୩୨୯୮୭୨୪

# ଗୋଟିଏ ବି ଗାଡ଼ି ଚାଲେ ନାହିଁ ଏହି ଗାଁରେ

ନେଦରଲ୍ୟାଣ୍ଡସ୍‌ର ଗୋଟିଏ ଛୋଟ ଗାଁ ଗିୟେଥୁର୍ନ । ଆୟତନରେ ଛୋଟ ହୋଇପାରେ । ଅଥଚ ଏହା ଦେଖିବାକୁ ଏତେ ସୁନ୍ଦର ଓ ସବୁଜିମାରା ଯେ ଥରେ ଏଠାକୁ ଗଲେ ଫେରି ଆସିବାକୁ ମନ ହେବ ନାହିଁ । ପର୍ଯ୍ୟଟକମାନଙ୍କ ପାଇଁ ଲୋକପ୍ରିୟ ଏହି ଗାଁ । କିନ୍ତୁ ଏଠାକୁ ଅତି ସୀମିତ ସଂଖ୍ୟକ ପର୍ଯ୍ୟଟକ ଆସିଥାଆନ୍ତି । ଯଦିଓ କୋଭିଡ-୧୯ ମହାମାରୀ ପରଠାରୁ ଏହି ଗାଁରେର ପର୍ଯ୍ୟଟକଙ୍କ ପାଦ ପଡ଼ିନାହିଁ । ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ନୁହେଁ, ଆଉ ଗୋଟିଏ ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧ୍ୟରେ ଯାତାୟତ କରିବା ପାଇଁ ଗୋଟିଏ



ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧ୍ୟରେ ଯାତାୟତ କରିବା ପାଇଁ ଗୋଟିଏ ବୋଲି ସଡ଼କ ପଥ ନାହିଁ । ସଡ଼କ ନଥିବାରୁ ଗାଡ଼ି ମଧ ନାହିଁ । ଆଉ ଗାଡ଼ି ନଥିବାରୁ ଏହି ଗାଁରେ କୌଣସି କୋଳାହଳ ନାହିଁ । ସାରାଦିନ ଶାନ୍ତ ଥାଏ ଏଠାକାର ପ୍ରକୃତି । ଯାତାୟତ ପାଇଁ ଯଦି ରାସ୍ତା ନଥାଏ, ତେବେ ଗାଁର ଲୋକମାନେ ଯାତାୟତ କିଭଳି ଭାବେ କରନ୍ତି ? ସବୁକିଛି ଜଳପଥରେ । ଅର୍ଥାତ୍ ଗାଁର ପ୍ରତି ପ୍ରାନ୍ତରେ ଜଳପଥର ବ୍ୟବସ୍ଥା କରାଯାଇଛି । ଏହି ଜଳପଥ ସାହାଯ୍ୟରେ ହିଁ ଏହି ଗାଁର ଲୋକମାନେ ଗୋଟିଏ ପ୍ରାନ୍ତରୁ ଆଉ ଗୋଟିଏ ପ୍ରାନ୍ତରେ ପହଞ୍ଚି ଯାଆନ୍ତି । ଏହା ମଧ୍ୟରେ ଯେଉଁ ନୌକା ବ୍ୟବହାର କରାଯାଏ, ଗ୍ରାମର ଶାନ୍ତ ପରିବେଶ ବଜାୟ ରଖିବାରେ ସେଗୁଡ଼ିକରେ ଶବ୍ଦହୀନ ଇଞ୍ଜିନ ଖଞ୍ଜାଯାଇଥାଏ । ଏହି ବିଶେଷତ୍ୱ ହିଁ ଗ୍ରାମଟିକୁ ଅନନ୍ୟ କରିଛି । ଏହି ଗ୍ରାମରେ ସବୁଠାରୁ ଜୋରରେ ଯଦି କିଛି ଶୁଣାଯାଏ ତେବେ ତାହା ହୁଏତ କୌଣସି ପକ୍ଷୀର କାକଳି ହୋଇଥିବ । କାହିଁକି ଏହି ଗ୍ରାମରେ କୌଣସି ରାସ୍ତା ନାହିଁ ? ଏହି ଗ୍ରାମକୁ ନେଦରଲ୍ୟାଣ୍ଡସ୍‌ର ଭେନିସ ବୋଲି ମଧ କୁହାଯାଏ । ତେବେ ଭେନିସ ଭଳି ପ୍ରାକୃତିକ ଭାବେ ଏହି ଗାଁ ଗଢ଼ି ଉଠିନଥିଲା ।



ଏହି ଗାଁରେ ଯେତେବେଳେ ପ୍ରଥମେ ଲୋକମାନେ ବସବାସ କରିବା ଆରମ୍ଭ କରିଥିଲେ ସେହି ସମୟରେ ଗାଁ ମଧ୍ୟରେରର ଅନେକ ସ୍ଥାନରେର ମାଟି ତଳେ ଫମ୍ପା ଅଂଶ ଥିଲା । ଗାଁରେ ବସବାସ ଆରମ୍ଭ କଲାବେଳେ ଲୋକମାନେ ସେହି ସବୁ ସ୍ଥାନକୁ ଖୋଳିବା ଆରମ୍ଭ କରିଥିଲେ । ବର୍ଷ ବର୍ଷ ଧରି ସେହି ଫମ୍ପା ସ୍ଥାନଗୁଡ଼ିକ ଖୋଳିଲା ପରେ ଗାଁ ମଧ୍ୟରେର ସ୍ଥାନରେ ଛୋଟ ଛୋଟ ହ୍ରଦ ସୃଷ୍ଟି ହୋଇଗଲା । ଧୀରେ ଧୀରେ ସେହି ହ୍ରଦଗୁଡ଼ିକୁ ଯୋଡ଼ି କେନାଲ୍ ଭଳି ତିଆରି କରାଗଲା । ଗାଁ ଭିତରେ ଭିନ୍ନ ଭିନ୍ନ ଦିଗରେ ଏହି କେନାଲ ଗୁଡ଼ିକ ଯାଇଥିବାରୁ ଆଉ ପାଦ ଚଲା ରାସ୍ତା ରହିଲା ନାହିଁ । ଏମିତିକି ଲୋକମାନେ ସାମ୍ନା ଘରେ ରହୁଥିବା ପଡ଼ୋଶୀଙ୍କ ଘରରକୁ ଯିବାକୁ ଚାହିଁଲେ କାଠ ଓ ଲୁହାରେ ତିଆରି ଛୋଟ କଲଭର୍ଟ ଉପରେ ଯାତାୟତ କରିଥାଆନ୍ତି । ଗାଁଟି ଏକ ଛୋଟ ଦ୍ୱୀପ ଭଳି ମନେହୁଏ । ପୂରା ଗାଁରେର ଛୋଟ ଛୋଟ ୧୫୦ଟି ସେତୁ ତିଆରି ହୋଇଛି । ତେବେ ଏହି ଗାଁ ବିଷୟରେ ୧୯୮୫ ମସିହାରେର ପ୍ରଥମ ଥର ପାଇଁ ବାହାର ଦୁନିଆର ଲୋକମାନେ ଜାଣିବାକୁ ପାଇଲେ । ଡଚ୍ ଫିଲ୍ମ ନିର୍ମାତା ବାର୍ଟ ହାନସ୍ତ୍ରା ତାଙ୍କ କମେଡି ଫିଲ୍ମ 'ଫ୍ୟାନଫେୟାର'ର ସୁଟିଂ ଏହି ଗ୍ରାମରେ କରିଥିଲେ । ଏହି ଗାଁର ଲୋକସଂଖ୍ୟା ଅର୍ଦ୍ଧେ ହଜାର ପାଖାପାଖି ହେବ । ଅତି ଆବଶ୍ୟକ ନ ହେଲେ ଏହି ଗାଁର ଲୋକମାନେ ସହରକୁ ଯାଆନ୍ତି ନାହିଁ । ବରଂ ସରକାରଙ୍କ ତରଫରୁ ଏହି ଗାଁର ଲୋକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯାଏ । ଗାଁର ଲୋକମାନେ ଅତ୍ୟନ୍ତ ସରଳ ଓ ନିରାଡମ୍ବର ଜୀବନ ଅତିବାହିତ କରିଥାଆନ୍ତି । ଏହି ଲୋକମାନଙ୍କ ଅନୁସାରେ ସେମାନଙ୍କ ଚାହିଦା ଆଦି ସ୍ୱଳ୍ପ ହୋଇଥିବାରୁ ସେମାନେ କେବେ ବି ମନଦୁଃଖରେ ରହନ୍ତି ନାହିଁ । ସ୍ୱଳ୍ପରେ ସନ୍ତୁଷ୍ଟ ରହୁଥିବାରୁ ଏହି ଗାଁର ଲୋକମାନେ ସବୁବେଳେ ହସଖୁସିରେ ଜୀବନ ବିତାଇ ଥାଆନ୍ତି । ପର୍ଯ୍ୟଟକମାନଙ୍କ ସହିତ ଏହି ଗାଁର ଲୋକମାନଙ୍କ ବ୍ୟବହାର ଅତ୍ୟନ୍ତ ନମ୍ର ହୋଇଥାଏ ।



# ପିଲାଙ୍କୁ ଶିଖାନ୍ତୁ ଶିଷ୍ଟାଚାର

ନିକଟରେ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ, ଛୋଟ ବୟସରୁ ହିଁ ପିଲାଙ୍କୁ ଆଦବକାଇଦା, ଭଦ୍ରାମି, ଶିଷ୍ଟାଚାର ଶିଖାଗଲେ ତାହା ବଡ଼ଦିନରେ ତାଙ୍କ ବ୍ୟବହାରରେ ସ୍ପଷ୍ଟ ପରିଲକ୍ଷିତ ହୋଇଥାଏ । ମନସ୍ତତ୍ତ୍ୱବିତ୍ ଇଶିତା ଭୁଖାର୍ଜୀ କହିଛନ୍ତି ସେ ଏଯାବତ୍ ବିଭିନ୍ନ ବୟସର ପିଲାଙ୍କୁ ଅନୁଧ୍ୟାନ ପକରିସାରିଲେଣି । ପରିବାରରେ ପିଲାଙ୍କୁ ଶିଷ୍ଟାଚାର ତଥା ଭଦ୍ରାମି ପ୍ରଥମେ ମା ହିଁ ଶିଖାଇଥାନ୍ତି । ତେବେ କେତେକ ପରିସ୍ଥିତିରେ ଘରର ବୟୋଜ୍ୟେଷ୍ଠ ଯେପରି ଜେଜେମା', ଜେଜେବାପା' ନାତିନାତୁଣୀଙ୍କୁ ଗେହ୍ଲା ଆଦର କରି ଏସବୁ ଏବେ କରିବାର ଆବଶ୍ୟକତା ନାହିଁ ବୋଲି ବୁଝାଇନିଅନ୍ତି । ଅଧିକାଂଶ ଘରେ ଜେଜେମା'ମାନଙ୍କ ଯୁକ୍ତି ଯେ ଆମ ପିଲା ବଡ଼ ହେଲେ ସବୁ ଆପେ ଆପେ ଶିଖିଯିବ । ଏହା ହିଁ ସେଇ ଛୋଟ ପିଲାକୁ ଭୁଲ ଦିଗରେ ବଢ଼ିବାକୁ ପ୍ରୋତ୍ସାହିତ କରେ । ଘରକୁ କେହି ଆସିଲେ ପ୍ରଣାମ କରିବା, ସେମାନଙ୍କ ସହ ବସି ବାର୍ତ୍ତାଳାପ କରିବା ଇତ୍ୟାଦି ପିଲାଙ୍କୁ ଶିଖାନ୍ତୁ । ପାଖାପାଖି ୧୫୦ରୁ ଅଧିକ ପରିବାର ଏକ ସର୍ବେକ୍ଷଣରେ ସାମିଲ ହୋଇଥିଲେ । ଏଥିରେ ୯ବର୍ଷ୍ରେ ୧୫ ବର୍ଷ ପୟସର ପିଲାମାନେ ସାମିଲ ଥିଲେ । ୬୭% ପିଲା ଅତିଥିଙ୍କ ସାମ୍ନାକୁ ଆସିନଥିବା ବେଳେ ପ୍ରଣାମ କରିବାକୁ ମଧ ଉଚିତ୍ ମଣିନଥିଲେ । ଭାରତୀୟ ପରିବାରରେ ଜୀବନଶୈଳୀ ପରିବର୍ତ୍ତନ ହେବା ସହ ବିଦେଶୀ ଢ଼ାଞ୍ଚାକୁ ଅଧିକ ଆପଣାଉଛନ୍ତି । ପରିବାରର ପ୍ରତ୍ୟେକ ସଦସ୍ୟ ଏ ଦିଗ ପ୍ରତି ସଚେତନ ହେବା ସହ ଯଥା ପଦକ୍ଷେପ ନେବା ଆବଶ୍ୟକ ।



# ସ୍ୱାସ୍ଥ୍ୟ ମନ୍ତ୍ର

ଅନେକଙ୍କ ଧାରଣା ଯେ ଫଳରେ ଥିବା ଫ୍ରୁକ୍ଟସ୍ ଶର୍କରା ଓଜନ ବଢାଇବାରେ ସହାୟକ ହୋଇଥାଏ । ଏଥିପାଇଁ ସେମାନେ ନିତିଦିନିଆ ଖାଦ୍ୟ ତାଲିକାରେ ଫଳର ପରିମାଣକୁ କମାଇଥାନ୍ତି । କେତେକ ଖାଦ୍ୟ ବିଶେଷଜ୍ଞ ମଧ୍ୟ ସମାନ ମତ ଦିଅନ୍ତି । ତେବେ, ଏହା ଭ୍ରମାତ୍ମକ ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡିଛି । ଅଧ୍ୟୟନକାରୀ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ସୁସ୍ଥ ଓ ସୁନ୍ଦର ଶରୀର ପାଇଁ ଫଳ ଏକ ଉ ମ ବିକଳ୍ପ । ଏହା ଓଜନ ବଢାଏ ନାହିଁ, ବରଂ ଓଜନକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ । ଏ ସଂପର୍କରେ ଏକ ରିପୋର୍ଟ ମଧ୍ୟ 'ଜର୍ନାଲ୍ ମେଟାବଲିଜିମ୍' ପତ୍ରିକାରେ ପ୍ରକାଶ ପାଇଛି । ରିପୋର୍ଟରେ ଦର୍ଶାଯାଇଛି ଯେ କ୍ଷୀର, ମହୁ ଓ ପରିବା ଭଳି ଫଳରେ ମଧ୍ୟ ପ୍ରାକୃତିକ ଶର୍କରା ଥାଏ, ଫ୍ରୁକ୍ଟସ୍ ଭାବେ ନାମିତ ।ସ୍ୱାସ୍ଥ୍ୟ ପାଇଁ ଏହା ଜରୁରୀ । ଏଥିରେ ଥିବା ତନ୍ତୁ ଓ ମାଗ୍‌ନେସିଅମ୍ ଚର୍ବିକୁ କମାଇଦିଏ ଏବଂ ଓଜନ ବଢେ ନାହିଁ ।

# କିଡ୍‌ନୀର ସୁରକ୍ଷା

ଆପଣ ଚାହାଁନ୍ତି କି ଆପଣଙ୍କ କିଡନୀ ସୁସ୍ଥ ରହୁ ଏବଂ ଆପଣଙ୍କୁ ଏହା ସହ ଜଡିତ କୌଣସି ବି ସମସ୍ୟାର ସମ୍ମୁଖୀନ ନ ହେବାକୁ ପଡୁ ତେବେ ଏନେଇ ଆପଣଙ୍କ କିଛି କଥା ଉପରେ ଧ୍ୟାନ ଦେବାକୁ ପଡ଼ିବ । - ମୁଖ୍ୟତଃ ନିଶାଦ୍ରବ୍ୟ ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ପାଖରେ କିଡନୀ ଜନିତ ସମସ୍ୟା ଅଧିକ ପରିମାଣରେ ଦେଖାଯାଇଥାଏ । ଧୂମପାନ କରୁଥିବା ଲୋକଙ୍କ କିଡନୀ ଜନିତ ସମସ୍ୟା ହେବାର ଆଶଙ୍କା ସାଧାରଣ ଲୋକଙ୍କଠାରୁ ଦ୍ୱିଗୁଣିତ ହୋଇଥାଏ । ତେବେ ଏଥିପାଇଁ ଧୁମ୍ରପାନ ଠାରୁ ସର୍ବଦା ଦୂରରେ ରହିବା କଥା ।

- ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇଲେ ମଧ କିଡନୀ ସୁସ୍ଥ ରହିବ ।
- ବିଶେଷ କରି ବ୍ଲଡ୍ ପ୍ରେସର ଉପରେ ଆପଣ ଧ୍ୟାନ ଦେବା ଉଚିତ । ସାଧାରଣତଃ, ସାମାନ୍ୟ ବ୍ଲଡ୍ ପ୍ରେସର ୧୨୦ରୁ ୮୦ ମଧ୍ୟରେ ରହିଥାଏ । ଯଦି ରକ୍ତଚାପ ୧୪୦ କିମ୍ବା ୯୦ ରୁ ଅଧିକ ହୋଇଯାଏ, ତେବେ ଆପଣଙ୍କ ତୁରନ୍ତ ଡାକ୍ତରଙ୍କ ପାଖକୁ ଯିବା ଉଚିତ୍ ।



# ନବ ନିଯୁକ୍ତ ଜିଲ୍ଲା କଂଗ୍ରେସ ସଭାପତିମାନଙ୍କୁ ଗୁରୁମନ୍ତ୍ର ଦେଲେ ଓଡିଶା ପ୍ରଭାରୀ

ଭୁବନେଶ୍ୱର,୨୨।୧୦ (ନି.ପ୍ର): ଦୁଇମାସ ମଧ୍ୟରେ ଜିଲ୍ଲା ଓ ବ୍ଲକ ପୁର୍ନଗଠନ କରାଯାଇ ଲୋକମାନଙ୍କ ପାଖରେ ଲୋକମାନଙ୍କର ବହୁବିଧ ସମସ୍ୟାକୁ ନେଇ କଂଗ୍ରେସ ଦୃଢ଼ତାର ସହ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ହାତକୁ ନେବ । ୨୦୨୪ ରେ କଂଗ୍ରେସ ସରକାରକୁ ଫେରାଇ ଆଣିବା ଲକ୍ଷ୍ୟରେ ବ୍ୟକ୍ତିଗତ ସ୍ୱାର୍ଥକୁ ତ୍ୟାଗ କରି ଓଡିଶାର ଜନସାଧାରଣଙ୍କ ସ୍ୱାର୍ଥ ଲାଗି ଆମେ ପ୍ରତିଶ୍ରୁତିବଦ୍ଧ ବୋଲିଓଡିଶା କଂଗ୍ରେସ ପ୍ରଭାରୀ ଡ. ଚେଲାକୁମାର କହିଛନ୍ତି। ନବନିଯୁକ୍ତ ଜିଲ୍ଲା କଂଗ୍ରେସ କମିଟି ସଭାପତିମାନଙ୍କର ଏକ ବୈଠକ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଏହି ବୈଠକରେ ଓଡିଶା ପ୍ରଭାରୀ ଡ. ଏ. ଚେଲାକୁମାର ନବନିଯୁକ୍ତ ଜିଲ୍ଲା କଂଗ୍ରେସ ସଭାପତିମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। କଂଗ୍ରେସ ପ୍ରଭାରୀ ଡ. ଏ.ଚେଲାକୁମାର ନବନିଯୁକ୍ତ ଜିଲ୍ଲା କଂଗ୍ରେସ ସଭାପତିମାନଙ୍କୁ ପରାମର୍ଶ ଦେଇ କହିଲେ ଯେ ଆପଣମାନେ ଜିଲ୍ଲାର ଜଣେ ଜଣେ ଟାଣୁଆ ସଂଗଠକ। ଆପଣମାନେ ଦଳକୁ ଆହୁରି ସକ୍ରୀୟ ଓ ସୁଦୃଢ଼ କରିପାରିଲେ କଂଗ୍ରେସ ଦଳ ଆଗାମୀ ଦିନରେ ଶାସନ କ୍ଷମତାକୁ ଆସି ପାରିବ। ସେହିପରି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଜିଲ୍ଲା ସଭାପତିମାନଙ୍କୁ କଂଗ୍ରେସର ସମସ୍ତ କାର୍ଯ୍ୟକ୍ରମକୁ ଲୋକମାନଙ୍କ ପାଖରେ ପହଂଚାଇ ବିଶ୍ୱାସଭାଜନ ହେବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ବିଧାୟକ ତଥା ଜିଲ୍ଲା ସଭାପତି ସୁରେଶ କୁମାର ରାଉତରାୟ, ରମେଶ ଜେନା, ଦାଶରଥି ଗମାଙ୍ଗ, ଜର୍ଜ ତିର୍କୀ, ମାନସ ଚୌଧୁରୀ, ଅଂଶୁମାନ ମହାନ୍ତି, ମୀନାକ୍ଷୀ ବାହିନୀପତି, ଗିରିବାଳା ବେହେରା, ବିଶ୍ୱଜିତ୍ ଦାସ, ଅଜିତ ମଙ୍ଗରାଜ, ମନୋରଞ୍ଜନ ତ୍ରିପାଠୀ ପ୍ରମୁଖ ଜିଲ୍ଲା କଂଗ୍ରେସ ସଭାପତିମାନେ ଯୋଗ ଦେଇଥିଲେ। ଆଗାମୀ ଦୁଇଟି ଉପନିର୍ବାଚନ ନିମନ୍ତେ ନିରବଚ୍ଛିନ୍ନ ପ୍ରତିବଦ୍ଧତାର ସହ କଂଗ୍ରେସ ପ୍ରାର୍ଥୀ ଦ୍ୱୟଙ୍କୁ ଜିତାଇବା ନିମନ୍ତେ ସାହଯ୍ୟ ସହଯୋଗ ଓ ପ୍ରଚାର ଉପଲକ୍ଷେ ସମୟ ବାହାର କରିବାକୁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଓ ପ୍ରଭାରୀ ଡ. ଏ.ଚେଲାକୁମାର ପରାମର୍ଶ ଦେଇଛନ୍ତି। ସଭା ପ୍ରାରମ୍ଭରେ ବିଶିଷ୍ଟ କଂଗ୍ରେସ ନେତା ସ୍ୱର୍ଗତ ଗୁରୁପଦ ନନ୍ଦ ଓ ସ୍ୱର୍ଗତ ହରମୋହନ ଦାସଙ୍କ ବିୟୋଗରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଦିବଂଗତ ନେତାଦ୍ୱୟଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରିଶେଷରେ ପିସିସି କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରଦୀପ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଏସଏପି ଅଷ୍ଟମ ବାଟାଲିୟନରେ ୬୧ ତମ ସହିଦ ଦିବସ ପାଳିତ

ଗଞ୍ଜାମ,୨୨।୧୦ (ନି.ପ୍ର): ଗଞ୍ଜାମ ସହର ର ଅନତିଦୂରରରେ ରହିଥିବା ଛତ୍ରପୁର ଓ ଏସ ଏ ପି ଅଷ୍ଟମ ବାଟାଲିୟନ ପକ୍ଷରୁ ବାଟାଲିୟନ ପରିସର ରେ ୬୧ ତମ ସହିଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କମାଣ୍ଡେଣ୍ଟ ସୂର୍ଯ୍ୟନାରାୟଣ ମଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶ ମାତୃକାର ସେବାକରି ସହିଦ ଅମର ଯବାନ ମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସେମାନଙ୍କ ସ୍ମୃତି ଚାରଣ କରିଥିଲେ। ମହାମହିମ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତା ସହ ଅମର ସହିଦ ଯବାନ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ପଠନ କରାଯାଇଥିଲା। ପୋଲିସ ବାହିନୀ ନିଜ ପରିବାର କଥା ପଛରେ ପକାଇ ନିଜ ଜୀବନକୁ ବିପନ୍ନ କରି ବିପଦ ସମୟରେ ଲୋକ ଙ୍କ ସେବା କରିବା ସହ ପ୍ରାଣବଳି ଦେଇ ସାଧାରଣ ଜନତାଙ୍କୁ ସୁରକ୍ଷା ପ୍ରଦାନ କରିଆସୁଥିବାରୁ ଆଜିର ଦିନଟି ହାବିଲଦାର ଓ ସିପାହି ମାନଙ୍କ ପାଇଁ ଗର୍ବ ଓ ଗୌରବ ଦିବସ ବୋଲି ମତ ପ୍ରକାଶ ପାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଡିୟଟି କରି ୧୨୭ ଜଣ ସିପାହୀ କରୋନା ରେ ସଂକ୍ରମିତ ହୋଇଥିବା ବେଳେ ୭୧ ଜଣ ସିପାହି ପ୍ଲାଜମା ଦାନ କରିଥିବାରୁ ପ୍ରତ୍ୟେକ ଙ୍କୁ କମାଣ୍ଡେଂଟ ଶ୍ରୀ ମଲିକ ଶୁଭେଚ୍ଛା ଜଣାଇଥିଲେ। ଡେପୁଟି କମାଣ୍ଡେଂଟ ସୁନୀଲ କୁମାର ବେହେରା, ଆଇଷ୍ଟେଣ୍ଡ କମାଣ୍ଡେଣ୍ଟ ଅରୁଣ କୁମାର ପ୍ରଧାନ, ସୁବେଦାର ସୁରେନ୍ଦ୍ରନାଥ ବେହେରା, ବ୍ରହ୍ମାନନ୍ଦ ମଲିକ, ମନୋଜ କୁମାର ଦାଶ,ପ୍ରଫୁଲ କୁମାର ସେଠୀ, ହାବିଲଦାର ଓ ସିପାହୀ ଶାଖା ସଂଘ ସଭାପତି ପ୍ରଭାକର ବେହେରା ପ୍ରମୁଖ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।କୋଭିଡ ଗାଇଡ଼ ଲାଇନ ନିୟମ ପ୍ରକାରେ ୪୭ ଜଣଙ୍କୁ ନେଇ ପ୍ୟାରେଡ଼ କରାଯାଇ ସହିଦ ଦିବସ ପାଳିତ ହୋଇଥିଲା।

# ପୂର୍ବତଟ ରେଳପଥ କେନ୍ଦ୍ରୀୟ ଚିକିତ୍ସାଳୟରେ ନୂତନ ଓପିଡି କମ୍ପ୍ଲେକ୍ସ ଉଦଘାଟିତ

ଭୁବନେଶ୍ୱର,୨୨।୧୦ (ନି.ପ୍ର): ମଂଚେଶ୍ୱର ଠାରେ ଥିବା ପୂର୍ବତଟ ରେଳପଥ କେନ୍ଦ୍ରୀୟ ଚିକିତ୍ସାଳୟରେ ଭିଡକୁ ଏଡ଼ାଇବା ସହ ଉଭୟ ରୋଗୀ ଓ ରେଳକର୍ମଚାରୀ ମାନଙ୍କୁ ସୁବିଧା ପ୍ରଦାନ ପାଇଁ ଏକ ନୂତନ ଓପିଡି କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଏହି ନୂତନ ଓପିଡି କମ୍ପ୍ଲେକ୍ସକୁ ଉଦ୍ଘାଟନ କରିଛନ୍ତି। ଏହି ନୂତନ ସୁବିଧା ଦୈନିକ ପ୍ରାୟ ଦେଢ଼ଶହ ଅଧିକ ରୋଗୀଙ୍କୁ ସୁବିଧା ପ୍ରଦାନ କରିପାରିବ। ରୋଗୀଙ୍କ ସମ୍ପର୍କୀୟଙ୍କୁ ସେମାନଙ୍କ ସହ ଯୋଗାଯୋଗ କରିବାରେ ସହଜ କରାଇବା ପାଇଁ ମହାପ୍ରବନ୍ଧ ଏହି ଅବସରରେ ଏକ କିଓସ୍କକୁ ମଧ ଉଦ୍ଘାଟନ କରିଛନ୍ତି । ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୁଧୀର କୁମାର ଏବଂ ବରିଷ୍ଠ ରେଳ ଅଧିକାରୀ ଏବଂ ପ୍ରମୁଖ ବିଭାଗୀୟ ମୁଖ୍ୟ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପୋଲିସ ଶହୀଦ ଦିବସ ପାଳିତ



ଗୁଣପୁର,୨୨।୧୦ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣପୁର ବ୍ଲକ ଅନ୍ତର୍ଗତ ଭାମିନୀ ସ୍ଥିତ ଦ୍ୱାତୀୟ ଭାରତୀୟ ରିଜର୍ବ ବାଟାଲିୟନ ପରିସରରେ ୬୧ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଗୁଣପୁର ଉପଜିଲ୍ଲାପାଳ ଜେ. ସୋନାଲ ମୁଖ୍ୟ ଅତିଥିରୁପେ ଯୋଗଦେଇ ଦେଶ ପାଇଁ ନିଜ ଜୀବନକୁ ବଳିଦାନ ଦେଇଥିବା ଶହୀଦଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଳୀ ଜ୍ଞାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଆଇଆରବି କମାଣ୍ଡାଣ୍ଟ ଦୀଲିପ କୁମାର ମହାପାତ୍ର, ଦୀପକ କୁମାର ଦେଉର. ସରୋଜ କୁମାର ମହାପାତ୍ର, ପ୍ୟାରେଡ କମାଣ୍ଡାଣ୍ଟ ପ୍ରସନ କୁମାର ରାଉତଙ୍କ ସମେତ ଆଇଆରବି କର୍ମଚାରୀମାନେ ଉପସ୍ଥିତ ରହି ଶ୍ରଦ୍ଧାଳୀ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ବନମାଳୀ ଗମାଙ୍ଗ, ଡଃ ଲକ୍ଷ୍ମଣ ପାତ୍ର, ବ୍ୟାଙ୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱାଭିମାନ ଅଂଚଳରେ ଆମ୍ବୁଲାନ୍ସ ସେବା ଆରମ୍ଭ

ମାଲକାନଗିରି,୨୨।୧୦ (ନି.ପ୍ର): ସ୍ୱାଭିମାନ ଅଂଚଳରେ ଗଡ଼ିଲା ଆମ୍ବୁଲାନ୍ସ । ଆମ୍ବୁଲାନ୍ସ ସେବାକୁ ଉଦ୍‌ଘାଟନ କଲେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା । ଦୀର୍ଘଦିନର ଦାବି ପରେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡାର ସ୍ୱାଭିମାନ ଅଂଚଳରେ ଆରମ୍ଭ ହେଲା ଆମ୍ବୁଲାନ୍ସ ସେବା । ଏହି ଆମ୍ବୁଲାନ୍ସ ଯୋଡ଼ାଆମ୍ବ ହସ୍ପିଟାଲରେ ରହି ସ୍ଥାନୀୟ ଅଂଚଳର ରୋଗୀଙ୍କୁ ସେବା ଯୋଗାଇବ । ଏହି ଉଦଘାଟନୀ ଅବସରରେ ଜିଲ୍ଲା ପରିଷଦ ଅଧକ୍ଷ ଦଶରଥ ପଡ଼ିଆମି, ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ମାନସ କୁମାର ମାଡକାମୀ, ଅତିରିକ୍ତ ଜିଲ୍ଲପାଳ ବିରସେନ ପ୍ରଧାନ ଓ ଚିତ୍ରକୋଣ୍ଡା ଗୋଷ୍ଠି ଉନୟନ୍ନ ଅଧିକାରୀ ଲରିମନ ଖରସେଲ ପ୍ରମୁଖ ଉପସ୍ଥିତ ଥିଲେ ।ପ୍ରକାଶ ଥାଉକି ପୂର୍ବରୁ ଏହି ଅଂଚଳରେ ରୋଗୀମାନଙ୍କୁ ଖଟିଆ ଓ ବାଉଁଶ ଭାରରେ ମେଡିକାଲ ନିଆଯାଉଥିଲା ।ଫଳରେ ଅଧିକାଂଶ ସମୟରେ ଚିକିତ୍ସା ବିନା ପ୍ରାଣ ହରାଉଥିଲେ ରୋଗୀ । ତେବେ ଆମ୍ବୁଲାନ୍ସ ସେବା ଆରମ୍ଭ ହେବା ଦ୍ୱାରା ରୋଗୀ କମ ସମୟରେ ହସ୍ପିଟାଲ ପହଂଚି ନିଜର ଚିକିତ୍ସା କରାଇ ପାରିବ । ସୂଚନାଯୋଗ୍ୟ ଏହା ପୂର୍ବରୁ ୨୦୧୯ ଡିସେମ୍ବର ୧୯ରେ ସ୍ୱାଭିମାନ ଅଂଚଳରେ ଆରମ୍ଭ ହୋଇଥିଲା ୧୦୮ ବୋଟ ଆମ୍ବୁଲାନ୍ସ ସେବା । ରାଜ୍ୟ ସରକାରଙ୍କ ତରଫରୁ ଏହି ସେବାକୁ ଉଦଘାଟନ କରିଥିଲେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ । ଏହି ବୋଟ ଚାଲିବା ଦ୍ୱାରା ୫ଟି ପଂଚାୟତର ପାଖାପାଖି ୨୦ ହଜାର ଲୋକଙ୍କୁ ସେବା ଯୋଗାଉଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଭିମାନ ଅଂଚଳର ଉନ୍ନତି ପାଇଁ ବିଶେଷ ଗୁରୁତ୍ୱ ଦେଉଛନ୍ତି । ସ୍ୱାଭିମାନ ଅଂଚଳ ସହ ଯୋଗାଯୋଗ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁପ୍ରିୟା ସେତୁ ନିର୍ମାଣ କରାଯାଇଛି । ସ୍ୱାଧୀନତାର ଦୀର୍ଘ ୭ ଦଶନ୍ଧି ବିତିଯାଇଥିଲେ ମଧ ଦୁଃଖକଷ୍ଟରେ ଜୀବନ ବିତାଉଥିଲେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡାର ବିଚ୍ଛିନ୍ନାଂଚଳବାସୀ । ପ୍ରାୟ ୭୦ ବର୍ଷ ହେବ ଭୋଗୁଥିଲେ ଜଳବନ୍ଦୀ କଷ୍ଟ । ମାଓ ଭୟ କାରଣରୁ ନାଁ ପହଂଚିପାରୁଥିଲା ସରକାରୀ ସେବା ନାଁ ମିଳିପାରୁଥିଲା ମୌଳିକ ସୁବିଧା । ସାଧାରଣ ସୁବିଧାରୁ ବଂଚିତ ହେଉଥିଲେ ବିଚ୍ଛିନ୍ନାଂଚଳର ୧୫୧ଟି ଗାଁର ବାସିନ୍ଦା । ହେଲେ ୨୦୧୮ ମସିହା ସେମାନଙ୍କ ପାଇଁ ପାଲଟିଲା ବିକାଶର ବର୍ଷ । ୨୦୧୮ ମସିହାରେ ଗୁରୁପ୍ରିୟା ସେତୁ ଉଦଘାଟନ ପରେ ବିଚ୍ଛିନ୍ନାଂଚଳକୁ ସ୍ୱାଭିମାନ ଅଂଚଳ ଭାବେ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ ।

# ଜାତୀୟ ଶିକ୍ଷାନୀତି ୨୦୨୦ ସମ୍ପର୍କରେ ଏଆଇଏସଫଂର କୋରାପୁଟ ଜିଲା ବୈଠକ ଅନୁଷ୍ଠିତ

ଜୟପୁର,୨୨।୧୦ (ନି.ପ୍ର): ଜାତୀୟ ଶିକ୍ଷାନୀତି ୨୦୨୦ ସମଗ୍ର ଭାରତ ଶିକ୍ଷା ଶିକ୍ଷାୟତନ, ଛାତ୍ର ସମାଜ ଓ ଭବିଷ୍ୟତ ସମ୍ପର୍କରେ ଶିକ୍ଷା ପ୍ରାସରରେ କେତେ ସହାୟକ ହେବେ ଅଥବା କେତେ ହାନିକାରକ ହେବେ ସେ ସମ୍ପର୍କରେ ଅଖିଳ ଭାରତ ଛାତ୍ର ସଂଘ ଏଆଇଏସଏଫ କୋରାପୁଟ ଜିଲା କମିଟିଚ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ଶ୍ରମିକ ଭବନ ରେ ଆୟୋଜିତ ବୈଠକରେ ରୋହିତ ହରିଜନ ଙ୍କ ଅଦକ୍ଷତାରେ ହୋଇଛି । ବୈଠକରେ ଏଆଇଏସଏଫ ସବ୍ୟ ସଭାପତି ସଂଘମିତ୍ରା ଜେନା, ଅଶୋକ ପାଣିଗ୍ରାହୀ, ପୁବତନ ଛାତ୍ର ନେତା ଜୟନ୍ତ ଦାସ.ପ୍ରମୋଦ ମହାନ୍ତି, ପ୍ରଦିପ ମହାରଣା ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତବ୍ୟକ୍ତ କରିଥିଲେ । ଏଆଇଏସଏଫ ସଭାପତି କୁମାରି ଜେନା ଶିକ୍ଷାର ଘରୋଇ କରଣ , ବ୍ୟବସାୟୀ କରଣ, ସାମ୍ପଦାୟିକ କରଣ ସହ ଶିକ୍ଷା ସଙ୍କୋଚନ କରିବାର ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ନଭେମ୍ବର ୧୫ ମଧ୍ୟରେ କୋରାପୁଟ ଜିଲାର ବିଭିନ୍ନ କଲେଜର ଛାତ୍ର ଛାତ୍ରୀ ଙ୍କୁ ନେଇ ଏକ ଆଲୋଚନା ଚକ୍ର କରିବାକୁ ନିଷ୍ପତି ହୋଇଛି । ଏହି ବୈଠକରେ ସନମତି ଖିଲ, ପ୍ରତିମା ନାରାଜି, ସମିର ହରିଜନ , ରଘୁ ନାଥ ହରିଜନ ଉପସ୍ଥିତ ଥିଲେ ।

# ନବୀନଙ୍କ ଜନ୍ମଦିନ ଉପଲକ୍ଷେ ରକ୍ତଦାନ ଶିବିର

ନୂଆପଡା,୨୨।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ କୌଶଲ୍ୟା ମଣ୍ଡପ ଠାରେ ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ବନୀନ ପଟ୍ଟନାୟକଙ୍କ ୭୪ ତମ ଜନ୍ମ ଦିବସ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ପର୍ଶ୍ଚିମ ଓଡିଶା ବିକାଶ ପରିଷଦର ବିଶେଷଜ୍ଞ ସଦସ୍ୟ ଲମ୍ବୋଦର ନିଆଲ ଓ ଜିଲ୍ଲା ସଭାପତି ମନୋଜ କୁମାର ମିଶ୍ର ଅତିଥି ଭାବରେ ଯୋଗଦାନ କରି ଶୁଭ ଉଦ୍‌ଘାଟନ କରିଥିଲେ । ଉକ୍ତ ଶିବିରରେ ୭୫ ୟୁନିଟ ରକ୍ତ ସଂଗ୍ରହ କରଯାଇଥିଲା । କାର୍ଯ୍ୟକ୍ରମକୁ ବ୍ଲକ ସଭାପତି ସନ୍ତୋଷ ବିଶି, ଖଡିଆଳ ନଗର ସଭାପତି ଦୀପକ ଖମାରୀ, ଜିଲ୍ଲା ମହିଳା ସଭାପତି ସରସ୍ୱତୀ ବାଗ, ଖଡିଆଳ ଏନଏସି ପୂର୍ବତନ ଅଧ୍ୟକ୍ଷା ଖୁଲଣା ବେହେରା, ଚିତ୍ତରଞ୍ଜନ ବେହେରା, ପୁଷ୍ପାଞ୍ଜଳୀ ପାଣ୍ଡେ, ସନ୍ତୋଷିନି ସଲମା, ମମତା ମଞ୍ଜରୀ ଥପା, ସୁବୀର ସିଂଦେଓ, ବୃଷପ୍ରଭା ସିଂବାବୁ, ପ୍ରହଲ୍ଲାଦ ପୋଡ, ନିମାଇଁ ପଟେଲ, ମନୋଜ ଦୀପ, ଅରୁଣଜ୍ୟୋତୀ ଶର୍ମା, ମହମ୍ମଦ ସାହିଦ, ଚନ୍ଦ୍ରଶେଖର ଜାନୀ, ପରୀକ୍ଷିତ ସତନାମୀ, ଅଶ୍ୱିନି ପଟ୍ଟନାୟକ, ପ୍ରବୀଣ ପ୍ରଧାନୀ, ବିଟ୍ଟୁ ଦୁରୀଆ, ଅଭିମନ୍ୟୁ ମାଝୀ, ଫେଜ ଖାନ, ବିନୋଦ ମାଝୀ, ଦୟା ଥପା, ଦେବାଶିଷ ତାଣ୍ଡି, ଯଶୋଦା ବଞ୍ଜାରେ, ଜ୍ୟୋତି ବଞ୍ଜାରେ, ଅମିତ ସିଂଦେଓ, ଅନିଲ ସିନ୍ଧୁର, ବିଶ୍ୱମିତ୍ର କୁମାର, ଅନ୍ୱେଷ ତ୍ରିବେଦୀ, ଦୁର୍ଜନ ନାଗ, ଘାସିରାମ ଭୋଇଙ୍କ ସମେତ ଶତାଧିକ ବିଜେଡି କର୍ମି ଯୋଗଦାନ କରିଥିଲେ ।

# କନ୍ଧମାଳ ଜିଲ୍ଲା ସ୍ତରୀୟ ୬୧ ତମ ପୋଲିସ ସହୀଦ ସ୍ମୃତି ଦିବସ ପାଳିତ

କନ୍ଧମାଳ,୨୨।୧୦ (ନି.ପ୍ର): ଆଜି ଫୁଲବାଣୀ ମାଦିକୁନ୍ଦା ପୋଲିସ ପଡିଆଠାରେ ୬୧ତମ ପୋଲିସ ସହୀଦ ସ୍ମୃତି ଦିବସ ପାଳନ କରାଯାଇଛି । ଜିଲ୍ଲା ପୋଲିସ ବିଭାଗ ତରଫରୁ ପାଳିତ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲ ଯୋଗ ଦେଇ ସହୀଦ ପୋଲିସ କର୍ମଚାରୀ ମାନଙ୍କ ଉଦେଶ୍ୟରେ ସ୍ମୃତି ସ୍ତମ୍ଭରେ ପୁଷ୍ପ ମାଲ୍ୟ ପ୍ରଦାନ କରିବାପରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ ବେଳେ ସହୀଦ ହୋଇଥିବା ଏବଂ ଚଳିତ ବର୍ଷ କରୋନାରେ ଆକ୍ରନ୍ତ ହୋଇ ରାଜ୍ୟର ୪୧ ଜଣ ଓ ଜିଲ୍ଲାର ୪ ଜଣ କରୋନା ଯୋଦ୍ଧା ସହୀଦ ହୋଇଥିବାରୁ ସେମାନଙ୍କ ଉଦେଶ୍ୟରେ ନିରବ ପ୍ରର୍ଥନା କରାଯାଇଥିଲା । ଏହି ଅବସରରେ ତାଙ୍କର ବକ୍ତବ୍ୟରେ ଚଳିତ ବର୍ଷ ଦେଶର ବିଭାନ୍ନ ରାଜ୍ୟରେ ବିଭିନ୍ନ ସ୍ଥାନରେ ନିୟୋଜିତ ଥିବାବେଳେ ସହୀଦ ହୋଇଥିବା ୨୬୫ ଜଣ ପୋଲିସ କର୍ମଚାରୀ ମାନଙ୍କର ନାମ ଘୋଷଣା କରିବା ସହିତ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ସେମାନଙ୍କ ମଧ୍ୟରୁ ଓଡିଶାର ୪୧ ଜଣ କୋଭିଡ ଯୋଦ୍ଧା ରହିଥିବାବେଳେ କନ୍ଧମାଳ ଜିଲ୍ଲାର ମଧ୍ୟ ୪ ଜଣ କୋଭିଡ ଯୋଦ୍ଧାଙ୍କ ନାମକୁ ଘୋଷଣା କରିଥିଲେ । କୋଭିଡ ନିୟମକୁ କଡାକଡି ଭାବରେ ପାଳନ କରାଯାଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିପିନବିହାରୀ ବେହେରାଙ୍କ ସମେତ ଡେପୁଟି କମାଣ୍ଡେଣ୍ଟ ସନ୍ତୋଷ କୁମାର ଦାନସେନା, ପ୍ରୋବେସନ ଆଇ.ପି.ଏସ ଅଭିନବ ଶଙ୍କର,ଡିଏସପି ଆଲବେନଓ କେରକେଟା,ଏସଡିପିଓ ମହେନ୍ଦ୍ର କୁମାର ମୁର୍ମୁ,ଫୁଲବାଣି ଆଦର୍ଶ ଥାନା ଅଧିକାରୀ ଶୁସାନ୍ତ କୁମାର ସେଠୀ,ଆର ଆଇ ଧର୍ମେନ୍ଦ୍ର ପ୍ରଧାନ,ସର୍ଜେଣ୍ଟ ସରୋଜ କୁମାର ବେହେରାଙ୍କ ସମେତ ଅନେକ ଜିଲ୍ଲା ସ୍ତରୀୟ ପୋଲିସ ଅଧିକାରୀ ମାନେ ଯୋଗ ଦେଇଥିଲେ । ଏହି ଅବସରରେ ସହୀଦ ମାନଙ୍କ ସ୍ମୃତିରେ ପୋଲିସ ବ୍ୟଣ୍ଡ ବାହୀନି ପକ୍ଷରୁ ଜାତୀୟ ସଙ୍ଗୀତ ପରିବକ୍ଷେଣ ପରେ ୩ ଥର ତୋପ ସଲାମୀ ଦିଆ ଯାଇଥିଲା । ପରେ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀ ମାନେ ସହିଦ ସ୍ତମ୍ଭରେ ପୁଷ୍ପ ପ୍ରଦାନ କରିବା ସହିତ ସହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା ।

# ରାଜ୍ୟ ସରକାର ନୂଆ କୃଷି ଆଇନ ବିରୁଦ୍ଧରେ ବିଧେୟକ ଆଣିବାକୁ ପିସିସି କିଷାନ କଂଗ୍ରେସର ଦାବୀ

ଭୁବନେଶ୍ୱର,୨୨।୧୦ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ତିନୋଟି କୃଷି ଆଇନକୁ ପଞ୍ଜାବ ସରକାର ଗ୍ରହଣ ନ କରି ତାଙ୍କ ବିଧାନସଭାରେ ଯେଉଁ ବିଧେୟକ ଗୃହୀତ କରିଛନ୍ତି ଏହା ସମଗ୍ର ଚାଷୀସମାଜ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ନୂଆ କୃଷି ଆଇନଦ୍ୱାରା କୃଷକ, ଖାଉଟି ଓ ଶ୍ରମିକମାନଙ୍କର ଯେଉଁ କ୍ଷତି ହେବାର ଥିଲା ତାହା ପଞ୍ଜାବର ଜନପ୍ରିୟ ସରକାରଙ୍କ ଦ୍ୱାରା ଦୃଢ଼ ପ୍ରତିରୋଧ କରାଯାଇଛି ବୋଲି ପିସିସି କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ସେହିଭଳି ସମ୍ବିଧାନର ଧାରା ୨୫୪(୨) ଆଧାରରେ ପ୍ରତି ରାଜ୍ୟରେ ଏହି ବିଧେୟକ ଗୃହୀତ କରାଯାଇ ପାରିବ। ଅନ୍ୟ ପକ୍ଷରେ ମଧ ସମ୍ବିଧାନର ଧାରା ୭ ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ମଧରେ କ୍ଷମତା ବଣ୍ଟନ କରାଯାଇଛି। ଏହି ଅନୁଚ୍ଛେଦ ଅନୁଯାୟୀ କୃଷି ପ୍ରସଙ୍ଗ ରାଜ୍ୟ ତାଲିକାଭୁକ୍ତ। ତେଣୁ ଓଡ଼ିଶା ସରକାର କାଳ ବିଳମ୍ବ ନ କରି ପଞ୍ଜାବ ସରକାରଙ୍କ ଭଳି ରାଜ୍ୟର ଚାଷୀଙ୍କ ହିତ ପାଇଁ ଏହି ପରି ଏକ ଆଇନର ବିଧେୟକ ଆଣିବାକୁ କଂଗ୍ରେସ କୃଷକ ସେଲ୍ ପକ୍ଷରୁ ଅଧକ୍ଷ ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବୀ କରିଛନ୍ତି। କେନ୍ଦ୍ର ସରକାର ଯେଉଁ କୃଷି ଉତ୍ପାଦନ ସରଳୀକରଣ ଆଇନ, କୃଷକ ରାଜିନାମା ଓ କୃଷକ ସେବା ଆଇନ ଏବଂ ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ ପ୍ରଣୟନ କରିଛନ୍ତି ଓଡ଼ିଶା ରାଜ୍ୟରେ ଏହାର ତୁରନ୍ତ ସଂଶୋଧନ କରାଯିବା ଏକାନ୍ତ ଜରୁରୀ। କାରଣ ଓଡ଼ିଶାର ୮୨ ପ୍ରତିଶତ ଚାଷୀ କ୍ଷୁଦ୍ର, ନାମମାତ୍ର ଓ ଭାଗଚାଷୀ କେନ୍ଦ୍ର ନିୟମ ଅନୁଯାୟୀ ଏମାନେ କୌଣସି କ୍ଷେତ୍ରରେ ଲାଭବାନ ହୋଇ ପାରିବେନାହିଁ ବୋଲି ସେ କହିଛନ୍ତି।

# କୋଭିଡ ସମୟରେ ଫୁଟବଲ ମ୍ୟାଚ, ପୁଲିସର ଚଢାଉ

ନୂଆପଡା,୨୨।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଞ୍ଚାୟତର ଚଟରାଭଟା ଗ୍ରାମର କିଛି ବ୍ୟକ୍ତି କୋଭିଡ ପରିସ୍ଥିତିକୁ ଖାତିର ନକରି ଫୁଟବଲ ମ୍ୟାଚ ଆୟୋଜନ କରିଥିବା ଅଭିଯୋଗ ହୋଇଛି । ବୁଧବାର ସକାଳ ସମୟରୁ ଚଟରାଭଟା ଗ୍ରାମର ପଡିଆରେ ଫୁଟବଲ ମ୍ୟାଚ ଆୟୋଜନ କରାଯାଇଥିଲା ।ଏଥିରେ ଅଞ୍ଚଳର ୮ ଗୋଟି ଫୁଟବଲ ଦଳ ଭାଗ ନେଇଥିବା ବେଳେ ଗୋଟିଏ ଦିନରେ ମ୍ୟାଚ ଶେଷ କରି ବିଜେତା ଓ ଉପ ବିଜେତା ଘୋଷଣା କରାଯିବାର କାର୍ଯ୍ୟକ୍ରମ ରହିଥିଲା । ଫଳରେ ସକାଳ ସମୟରୁ ଖେଳ ଆରମ୍ଭ ହୋଇଯାଇଥିଲା । ୪ ଗୋଟି ଦଳ ଖେଳି ସାରିଥିବା ବେଳେ ମଧ୍ୟାହ୍ନ ସମୟରେ ଖେଳ ଚାଲିଥିବା ନେଇ ଖଡିଆଳ ପୁଲିସକୁ ଖବର ମିଳିଥିଲା । ଖଡିଆଳ ପୁଲିସ ଚଢାଉ କରି ଖେଳକୁ ବନ୍ଦ କରିଥିବା ବେଳେ ଖେଳ ସାମଗ୍ରୀକୁ ଜବତ କରିଥିବା ଜଣାପଡିଛି । ଅନ୍ୟପକ୍ଷରେ ବିନା ଅନୁମତିରେ କୋଭିଡ ପରିସ୍ଥିତିରେ ନିୟମକୁ ଉଲ୍ଲଘଂନ କରି ଖେଳ ଖେଳା ଯାଇଥିବାରୁ ଆୟୋଜକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି ।

# ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରି ଥାନା ଏସ ଆଇ ସସପେଣ୍ଡ

ଜଗତସିଂହପୁର,୨୨।୧୦ (ନି.ପ୍ର): ଆଜି ଜଗତସିଂହପୁର ଜିଲ୍ଲାର ଏସପି ଶ୍ରୀ ପ୍ରକାଶ ଆର ନାଉଗାଁ ଥାନା ର ଏସ ଆଇ ଶ୍ରୀ ବିବେକାନନ୍ଦ ସାହୁ ଙ୍କୁ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିବା ରୁ ତାଙ୍କୁ ସସପେଣ୍ଡ କରିଛନ୍ତି। ସମ୍ପୃକ୍ତ ଏସ ଆଇ ଶ୍ରୀ ସାହୁ ଙ୍କ ନାମରେ ବହୁ ପ୍ରକାରର ଅନୀତି ଅଭିଯୋଗ କୁ ଆଧାର କରି ଏସ ପି ଶ୍ରୀ ଆର ତାଙ୍କୁ ତାଙ୍କ କାର୍ଯ୍ୟ ରୁ ସସପେଣ୍ଡ କରିଥିବା ର ଜଣାପଡିଛି ।

# କୋଭିଡ ଯୋଦ୍ଧା ଶ୍ରୀଧର ସ୍ୱାଇଁଙ୍କୁ ଶେଷ ସମ୍ମାନ

କନ୍ଧମାଳ,୨୨।୧୦ (ନି.ପ୍ର): ଆଜି କୋଭିଡ ଯୋଦ୍ଧ, ତଥା କନ୍ଧମାଳ ଜିଲ୍ଲା ଆଶା କର୍ମୀ ଉପ ସଂଯୋଜକ ସ୍ୱର୍ଗତ ଶ୍ରୀଧର ସ୍ୱାଇଁଙ୍କର କୋଭିଡରେ ଆକ୍ରାନ୍ତ ହେବାପରେ ତାଙ୍କ ମର ଶରୀରକୁ ତାଙ୍କ ଜନ୍ମମାଟି ନୟାଗଡଠାରେ ଥିବା ପିଟିଏସ ପଡିଆରେ ତାଙ୍କୁ କୋଭିଡ ଯୋଦ୍ଧା ଭାବରେ ଶେଷ ସମ୍ମାନ ପ୍ରଦାନ କରାଯାଇଛି। ଆଜି ସକାଳ ୮ ବେଳେ ଉକ୍ତ ପଡିଆକୁ ତାଙ୍କ ମରଶରୀରକୁ ସେଠାକୁ ଅଣାଯାଇଥିଲା । ସେଠାରେ ନୟାଗଡ ଜିଲ୍ଲାପାଳ ଡା.ପୁମା ଟୁଡୁଙ୍କ ଉପସ୍ଥିତ ରହି କୋଭିଡ ଯୋଦ୍ଧାଙ୍କୁ ଶେଷ ସମ୍ମାନ ଜଣାଇଥିଲେ ତାଙ୍କ ସମେତ ନୟାଗଡ ଜିଲ୍ଲାର ବରିଷ୍ଠ ଅଧିକାରୀ ଏବଂ ତାଙ୍କର ପରିବାର ଲୋକେ ତାଙ୍କ ଶେଷ ଦର୍ଶନ କରିଥିଲେ । । କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦାଡିଙ୍କ ନିର୍ଦ୍ଦେଶ କ୍ରମେ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ କନ୍ଧମାଳ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ ମନୋରଞ୍ଜନ ସାହୁ,ଏ.ଏମ ଗାଁ କଲ୍ୟାଣ ସମିତି ଦୁଶ୍ମନ୍ତ ସ୍ୱାତର ଓ ନିଗମାନନ୍ଦ ରାଉତ ସେଠାରେ ଯୋଗ ଦେଇ କୋଭିଡ ଯୋଦ୍ଧାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସ୍ୱର୍ଗତ ସ୍ୱାଇଁ ପ୍ରଥମେ ନୟାଗଡ ଜିଲ୍ଲାରେ ଆଶା ସଂଯୋଜକ ଭାବରେ କାର୍ଯ୍ୟ କରୁଥିଲେ । ସେଠାରୁ ତାଙ୍କର କନ୍ଧମାଳ ଜିଲ୍ଲାକୁ ବଦଳି ହୋଇଥିଲା । ସେ ଗତ ମାସ ୧୪ ତାରିଖରେ କନ୍ଧମାଳ ଜିଲ୍ଲାରେ କୋଭିଡ ଯୋଦ୍ଧା ଭାବରେ କାର୍ଯ୍ୟ କରୁଥିବା ବେଳେ କୋଭିଡରେ ଆକ୍ରନ୍ତ ହୋଇ କୋଭିଡ ହସପିଟାଲରେ ଭର୍ତି ହୋଇଥିଲେ । ଆକ୍ରାନ୍ତ ହେବାଠାରୁ ସେ କୋଭିଡ ସହିତ ଲଢେଇ କରୁଥିଲେ । ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନଶ୍ୱେରର ଏକ କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେ ମଙ୍ଗଳବାର ଦିନ ଅପରାହ୍ନରେ କୋଭିଡ ହସପିଟାଲରେ ଶେଷ ନିଶ୍ୱସ ତ୍ୟାଗ କରିଛନ୍ତି । ତାଙ୍କର ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଅଛନ୍ତି । ତାଙ୍କର ଘର ନୟାଗଡ ଜିଲ୍ଲାରେ ବୋଲି ଜଣପଡିଛି । ତାଙ୍କର ଏହି ଅକାଳ ବିୟୋଗରେ ତାଙ୍କ ପରିବାର ଏବଂ କନ୍ଧମାଳ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ଶୋକର ଛାୟା ଖେଳିଯାଇଛି ।

# ପୁରୀରେ ଶହୀଦ ଦିବସ ପ୍ୟାରେଡ଼ ଅନୁଷ୍ଠିତ

ପୁରୀ,୨୨।୧୦ (ନି.ପ୍ର): ପୋଲିସ ଲାଇନ ପଡିଆ ଠାରେ ଶହୀଦ ଦିବସ ପାଳିତ ହୋଇଯାଇଛି । ଏଥିରେ ଏସ. ପି ଅଖିଳେଶ୍ୱର ସିଂ ଯୋଗଦେଇ ପ୍ୟାରେଡ଼ ଅଭିବାଦନ ଗ୍ରହଣ କରିଥିଲେ । ଦେଶ, ଧନ, ଜୀବନ ରକ୍ଷା ପାଇଁ ଶହୀଦ ହୋଇଥିବା ପୋଲିସ ଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏ. ଏସପି. ଅରୁଣ କୁମାର ଜେନା, ଅମୁଲ୍ୟ କୁମାର ରାଉତରାୟ, ସି ଟି ଡି ଏସ ପି କ୍ଷୀର ସାଗର ନାୟକ, ଏସ. ଡି. ପି. ଓ କିଶୋର ମୁଣ୍ଡ, ଶ୍ରୀମନ୍ଦିର ସୁରକ୍ଷା ପୋଲିସ ଅଧିକାରୀ କୌଶିକ ନାୟକ ଓ ଅନ୍ୟ ପୋଲିସ ଅଧିକାରୀ ଯୋଗ ଦେଇ ଥିଲେ । ଦେଶର ୨୬୫ ଜଣ ଶହୀଦ ପୋଲିସଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। କରୋନା ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିବା ୪୧ଜଣ ପୋଲିସ ଙ୍କୁ ମଧ ଏସ. ପି ଶ୍ରଦ୍ଧାଞ୍ଜଳି ଦେଇଥିଲେ କ୍ଷ ପୁରୀ ଜିଲ୍ଲା ର ୨ଜଣ ମୃତ କୋରନା ଯୋଦ୍ଧା ଙ୍କୁ ମଧ ଶ୍ରଦ୍ଧାଞ୍ଜଳି ଦିଆଯାଇ ଥଲା । ଶେଷରେ ଶହୀଦ ସ୍ତମ୍ଭ ରେ ମାର୍ଲ୍ୟାପର୍ଣ କରିଥିଲେ ।

# ଖଡିଆଳ ଅଂଚଳରେ ୧୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ

ନୂଆପଡା,୨୨।୧୦ (ନି.ପ୍ର): ନୂଆପଡା ଜିଲ୍ଲାର ଖଡିଆଳ ସହର ଏବଂ ଗ୍ରାମାଞ୍ଚଳରେ ୧୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଆକ୍ରାନ୍ତ ୧୦ ମଧ୍ୟରେ ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ୫ ଜଣ ଏବଂ ଗ୍ରାମାଞ୍ଚଳର ୫ ଜଣ ରହିଛନ୍ତି । ଖଡିଆଳ ଏନଏସିର ୱାର୍ଡ ନଂ ୬ ରେ ୩ ଜଣ ଓ ୧୦ ନଂ ୱାର୍ଡରେ ୨ ଜଣ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ସେହିପରି ଗ୍ରାମାଞ୍ଚଳର ଲୋହରାପାଲିରୁ ୨ ଜଣ ଓ ଗୋଇମୁଣ୍ଡି, ରାଣିମୁଣ୍ଡା, ଡୁକଲାରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି ।

# ବିଜେଡି ବିରୁଦ୍ଧରେ ସିଇଓଙ୍କୁ ଫେଂରାଦ ହେଲା କଂଗ୍ରେସ

ଭୁବନେଶ୍ୱର,୨୨।୧୦ (ନି.ପ୍ର): ଚଳିତ ଉପନିର୍ବାଚନରେ ଶାସକ ବିଜୁ ଜନତା ଦଳର ତିର୍ତୋଲ ନିର୍ବାଚନ ମଣ୍ଡଳୀରେ ଖୋଲା ଖୋଲି ଭାବରେ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ହେଉଥିବା ଅଭିଯୋଗରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ଏ ସଂପର୍କରେ ଅବଗତ କରାଇଛନ୍ତି। ପିସିସି ମୁଖପାତ୍ର ତଥା ଆଇନ୍‌ଜୀବୀ ନିଶିକାନ୍ତ ମିଶ୍ର, ପ୍ରଶାନ୍ତ ଶତପଥି, ରଂଜିତ୍ ଦାଶ ଓ ଜିନେଶ ଦାସ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଜଣାଇଥିଲେ ଯେ ତିର୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର ପଂଚାୟତର କୀର୍ତନପୁର ଗ୍ରାମରେ ଥିବା ସରକାରୀ ଘରକୁ ବିଜେଡି ନିଜର ନିର୍ବାଚନୀ କାର୍ଯ୍ୟାଳୟ କରିଅଛି। ଉକ୍ତ ସରକାରୀ ଗୃହରେ ବିଜୁ ଜନତା ଦଳ ତା'ର ନିର୍ବାଚନୀ କାର୍ଯ୍ୟାଳୟ ଖୋଲି ଆଦର୍ଶ ଆଚରଣ ବିଧିର ଖୋଲା ଖୋଲି ଉଲଂଘନ କରୁଅଛି। ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ଏ ବିଷୟରେ ଅଭିଯୋଗ କଲେ ମଧ ସେ ନୀରବ ରହିବା ସହିତ ଏହାକୁ ନଜର ଅନ୍ଦାଜ କରୁଛନ୍ତି। ଏଣୁ ପ୍ରଦେଶ କଂଗ୍ରେସ ତରଫରୁ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଧିବଦ୍ଧ ଭାବରେ ଲିଖିତ ଅଭିଯୋଗ କରାଯାଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି।

# 'ରହିବା ଆମେରେ -ଏକ, ହସି ହସାଇବା ଜଗତଯାକ' ପୁସ୍ତକ ଉନ୍ମୋଚିତ



ବାଲେଶ୍ୱର ,୨୨।୧୦ (ନି.ପ୍ର): ଡକ୍ଟର ବ୍ରଜଗୋପାଳ ମହାନ୍ତିଙ୍କ ଶିଶୁ-କିଶୋର କବିତା ପୁସ୍ତକ 'ରହିବା ଆମେରେ -ଏକ, ହସି ହସାଇବା ଜଗତଯାକ' ଗତ ୨୧ ତାରିଖ ସଂଧ୍ୟାରେ ସହଦେବଖୁଣ୍ଟାସ୍ଥିତ 'ନାଟ୍' ଅନୁଷ୍ଠାନ ପ୍ରକୋଷ୍ଠରେ କୋଭିଡ୍-୧୯ର ସମସ୍ତ ନିୟମ ପାଳନ ପୂର୍ବକ ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ରକ୍ଷା କରି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଦୀନକୃଷ୍ଣ ସ୍ମୃତି ପରଷଦର କାର୍ଯ୍ୟକାରୀ ସଭାପତି କବି ବ୍ରଜେନ୍ଦ୍ରନାଥ ଗିରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ 'ପ୍ରତିଭାଶ୍ରୀ'ର ମୁଖ୍ୟ କବି ପ୍ରଶାନ୍ତ ଦାସ, ପ୍ରାବନ୍ଧିକ ଓ ଗବେଷକ ଅବସରପ୍ରାପ୍ତ ପ୍ରଧାପକ ଡ. ମନ୍ମଥ କୁମାର ପ୍ରଧାନ, ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ଅଧ୍ୟାପକ ଡ. ମାନସ ରଂଜନ ସାମଲ, ଶିଳ୍ପୀ କେଶୁଦାସ, 'ନାଟ୍' ପ୍ରତିଷ୍ଠାନର ନିର୍ଦ୍ଦେଶକ ଅରୁଣାଂଶୁ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇ ପୁସ୍ତକଟିକୁ ଉନ୍ମୋଚନ କରିଥିବା ବେଳେ ସଂପୃକ୍ତ ପୁସ୍ତକ ଉପରେ ଆଲୋଚନା ଓ ଶିଶୁସାହିତ୍ୟ ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହିତ "ଶିଶୁ ହସିଲେ ଦୁନିଆ ହସେ। ଆଜିର ଶିଶୁ କାଲିର ଭବିଷ୍ୟତ। ସେମାନଙ୍କୁ ଉତ୍ତମ ଭାବେ ଗଢ଼ିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଅଥଚ ଆଜି ସେମାନଙ୍କ ଶୈଶବକୁ ଶୋଷଣ କରାଯାଉଛି। ସେମାନେ ନିଜ ନିଜର ମୌଳିକ ଭାବଧାରାରୁ ବିଚ୍ୟୁତ ହେଉଛନ୍ତି। ଏଥିପାଇଁ ପିତାମାତା, ଗୁରୁ-ଗୁରୁଜନ ହିଁ ଦାୟୀ। ଏଣୁ ସମୟ ଆସିଛି ଆମେ ସମସ୍ତେ ସଚେତନ ହେବା। ଶିଶୁଙ୍କ ଶୈଶବକୁ ସୁରକ୍ଷିତ ରଖିବା" ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ସିଂହ, ଝରଣା ମଲ୍ଲିକ, ରମେଶ ଚନ୍ଦ୍ର ବେହେରା, ପଦ୍ମଲୋଚନ ପ୍ରଧାନ, ରଣଜିତ ମଲ୍ଲିକ ଓ ଆଉ କିଛି ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ପାହାନ୍ତିତାରାର ମୁଖ୍ୟ ଗାନ୍ଧିକ କମଳ ଦାସ ପ୍ରାରମ୍ଭିକ କଥା ରଖିଥିବା ବେଳେ ପୁସ୍ତକ ରଚୟିତା ଡ. ବ୍ରଜଗୋପାଳ ମହାନ୍ତି ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ଶେଷରେ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ପ୍ରତ୍ୟୁଷ, ଅନିଲ୍, ଋତୁମ୍ବରା ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଉପଜିଲ୍ଲାପାଳ ଜେ.ସୋନାଲଙ୍କ ମହିଳା ଅଦାଲତରେ ପ୍ରଥମ ଅଭିଯୋଗ ଶୁଣାଣି



ଗୁଣୁପୁର ,୨୨।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ସଦର ସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମହିଳା ଏବଂ ଶିଶୁ ମନ୍ତ୍ରାଳୟର ସାହାରା ପରିବାର ପରାମର୍ଶ କେନ୍ଦ୍ର ଉପଜିଲ୍ଲାପାଳଙ୍କ କାର୍ଯ୍ୟଳୟ ପରିସରରେ ଗୁଣୁପୁର ଉପଜିଲ୍ଲାପାଳ ଜେ.ସୋନାଲ ପ୍ରଥମଥର ପାଇଁ ନିଯୁକ୍ତି ପାଇବା ପରେ ଏକ ପାରିବାରିକ ସମସ୍ୟା ଉପରେ ଉଭୟ ପକ୍ଷଙ୍କ ଅଭିଯୋଗ ଶୁଣିବା ପରେ ଉଭୟଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଦୁଇପକ୍ଷଙ୍କ ମଧ୍ୟରୁ ଜଣେ ଓଡିଶା ସରକାରଙ୍କ ଜଣେ ଅର୍ଥ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ଦାଇତ୍ୱ ନେଉଥିବା ମହିଳା ଅଧିକାରୀ ଏବଂ ତାଙ୍କ ମା ଏବଂ ଝିଅଙ୍କୁ ପାରିବାରିକ ନିୟମ ମାନିବା ସହ ଝିଅର ପାଠପଢା ଉପରେ ଅଧିକା ଦୃଷ୍ଟି ଦେବାପାଇଁ ଉଭୟଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶୁଣାଣି ବେଳେ ପାରିବାରିକ ଅଦାଲତର ସଚିବ ତଥା ବରିଷ୍ଠ ଓକିଲ ପ୍ରମୋଦ କୁମାର ସାହୁ, ପରାମର୍ଶ ଦାତ୍ରୀ ଶ୍ରୀମତୀ ଜୟଶ୍ରୀ ମହାପାତ୍ର ଓ ଶ୍ରୀମତୀ ଗୌରି ମହାକୁଡ ଉପସ୍ଥିତ ଥିଲେ । ଏଯାବତ ଏହି ଅଦାଲତରେ ୨୦୦୦ରୁ ଉର୍ଦ୍ଧ୍ୱ କେଶ ରୁଜୁ ହୋଇଥିବାବେଳେ କୋର୍ଟ, ଥାନା ଏବଂ ଓକିଲଙ୍କ ନିକଟକୁ ନ ଯାଇ ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ କେଶର ଶୁଣାଣି ହୋଇଥିବା ଏହି ଅଦାଲତର ପରାମର୍ଶ ଦାତ୍ରୀ ତଥା ବରିଷ୍ଠ ଓକିଲ ଶ୍ରୀମତୀ ଜୟଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

# ଦୀନକୃଷ୍ଣ ମହାବିଦ୍ୟାଳୟର ଦର୍ଶନ ବିଭାଗରେ ଧରିତ୍ରୀ ପ୍ରଧାନ ବିଶ୍ୱବିଦ୍ୟାଳୟ ଟପ୍ପର



ଜଳେଶ୍ୱର, ୨୨/୧୦ (ନି.ପ୍ର) : ଚଳିତବର୍ଷ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧିନରେ +୩ ଶେଷ ବର୍ଷର କଳା, ବିଜ୍ଞାନ ଓ ବାଣିଜ୍ୟର ପରୀକ୍ଷାଫଳ ଗତ ୨୧ ତାରିଖରେ ପ୍ରକାଶ ପାଇଛି । ଏଥିରେ ଦୀନକୃଷ୍ଣ ମହାବିଦ୍ୟାଳୟର ଛାତ୍ରୀ ଧରିତ୍ରୀ ପ୍ରଧାନ ଦର୍ଶନ ଶାସ୍ତ୍ର ବିଭାଗରେ ମୋଟ ୧୮୦୦ ମାର୍କରୁ ୧୫୦୫ ନମ୍ବର ରଖି ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି । ସେ ସର୍ବମୋଟ ୨୪୦୦ରୁ ୧୯୪୩ନମ୍ବର ରଖି ଏହି ଗୌରବ ଅର୍ଜନ କରିଛନ୍ତି । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୁଗୋ ଗାଁର ତପନ କୁମାର ପ୍ରଧାନ ଓ ମମତା ପ୍ରଧାନଙ୍କ ସେ ଜ୍ୟେଷ୍ଠ କନ୍ୟା। ୧୦ମ ଶ୍ରେଣୀ ପରୀକ୍ଷାରେ ସେ ୮୫.୩୩ ପ୍ରତିଶତ ଓ +୨ ଦୀନକୃଷ୍ଣ ମହାବିଦ୍ୟାଳୟରେ ୭୫.୧୬ ପ୍ରତିଶତ ନମ୍ବର ରଖି ମହାବିଦ୍ୟାଳୟର ପଥମ ସ୍ଥାନ ଅଧିକାର କରିଥିଲେ । ସେ ଦିନକୁ ୮/୧୦ ଘଣ୍ଟା ପରିଶ୍ରମ କରୁଥିବା ବେଳେ ଆଗାମୀ ଦିନରେ ସଫଳ ଅଧ୍ୟାପିକା ହେବାର ଆଶା ରଖିଛନ୍ତି । ଏଥିଲଗି ସେ ଜଗତର ନାଥ ଜଗନ୍ନାଥ, ନିଜର ପିତାମାତା ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ରାଉତ, ବିଭାଗୀୟ ପ୍ରାଧ୍ୟାପକ ରତିକାନ୍ତ ବେହେରା ଓ ସନ୍ୟାସୀ ଚରଣ ପାତ୍ରଙ୍କୁ ନିଜର କୃତିତ୍ୱ ପାଇଁ ଶ୍ରେୟ ଦେଇଛନ୍ତି । ପ୍ରକାଶ ଯୋଗ୍ୟ ଦର୍ଶନ ଶାସ୍ତ୍ର ବିଭାଗରେ ଦୀନକୃଷ୍ଣ ମହାବିଦ୍ୟାଳୟର ୨୦୧୦ରୁ ୨୦୧୭ ପର୍ଯ୍ୟନ୍ତ ଦର୍ଶନ ଶାସ୍ତ୍ରରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇ ଆସୁଥିବା ବେଳେ ୨୦୨୦ରେ କୁମାରୀ ଧରିତ୍ରୀ ପ୍ରଧାନ କଲେଜ ଆଣିବାରେ ସକ୍ଷମ ହୋଇପାରିଛନ୍ତି ।

# ଶୀତଳା ଠାକୁରାଣୀ କଲେଜ ଛାତ୍ରୀ ସୁଚିସ୍ମିତା ପ୍ରଧାନ ଓଡିଆରେ ବିଶ୍ୱବିଦ୍ୟାଳୟ ଟପ୍ପର



ଜଳେଶ୍ୱର, ୨୨/୧୦ (ନି.ପ୍ର) : ବିଳମ୍ବିତ ହେଲେ ମଧ୍ୟ ଫକୀରମୋହନ ବିଦ୍ୟାବିଦ୍ୟାଳୟର ଡିଗ୍ରୀ ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ଓଡିଆ ବିଭାଗରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବାଇଗଣବାଡିଆ ପଂଚାୟତର ଝାଡପିମ୍ପଳ ଗାଁ ହରେନ୍ଦ୍ର ନାଥ ପ୍ରଧାନ ଓ ସବିତାରାଣୀ ପ୍ରଧାନଙ୍କ ଝିଅ ସୁଚିସ୍ମିତା ପ୍ରଧାନ, ଫକୀର ମୋହନ ବିଶ୍ୱବିଦ୍ୟାଳୟ ଅଧିନରେ ଓଡିଆ ବିଭାଗ ସମ୍ମାନ (ଅନର୍ସ)ରେ ଟର୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଓଡିଆ ଅନର୍ସରେ ମୋଟ ୧୮୦୦ନମ୍ବରରୁ ୧୪୬୫ ନମ୍ବର ରଖି ସେ ଏହି କୃତିତ୍ୱ ଅର୍ଜନ କରିଛନ୍ତି । ସେ ଝାଡପିମ୍ପଳସ୍ଥିତ ପିପଳେଶ୍ୱର ଉଚ୍ଚ ବିଦ୍ୟାଳୟରୁ ମ୍ୟାଟ୍ରିକ ପାସ୍ କରିଥିଲେ । ଆସନ୍ତା ଦିନରେ ସେ ଫକୀରମୋହନ ଅଟୋନମସ୍ କଲେଜରେ ଏମ୍ଏ ପଢିବାଲାଗି ପ୍ରବେଶିକା ପରୀକ୍ଷା ଦେଇଛନ୍ତି । ଜଣେ ଅଧ୍ୟାପିକା ହେବାର ଲକ୍ଷ ନେଇ ସେ ଶିକ୍ଷା ଲାଭ କରିଥିବା କହିଛନ୍ତି । ଆଜିର ସଫଳତା ପାଇଁ ସେ ବାପା, ମାଁଙ୍କ ପ୍ରତ୍ସୋହନକୁ ପ୍ରଥମ ଶ୍ରେୟ ଦେଇଛନ୍ତି । ସେ ଖୁଲୁଡାସ୍ଥିତ ଶିତଳାଠାକୁରାଣୀ ଡିଗ୍ରୀ ମହାବିଦ୍ୟାଳୟର ଓଡିଆ ବିଭାଗର ମୁଖ୍ୟ ରାଧାରାଣୀ ମହାନ୍ତି ଓ କଲେଜ ଅଧ୍ୟକ୍ଷ ଅଂଜନ କୁମାର ପାଲଙ୍କୁ ମଧ୍ୟ ଏହି ସଫଳତାର ଶ୍ରେୟ ଦେଇଥିବାର କହିଛନ୍ତି ।

# ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ନୂଆପଡ଼ା,୨୨।୧୦ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡ଼ ମୁକ୍ତାପୁର ଗ୍ରାମର ମୁକ୍ତାସାଗର ନାମକ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ପୋଲିସ । ମୃତ ଯୁବକଙ୍କ ନାମ ବ୍ରଜମୋହନ ନାଗ । ଏବଂ ତାଙ୍କ ଘର ଖଡ଼ିଆଳ ବ୍ଲକ୍ ବାଦି ପଚାଂୟତ ଅନ୍ତର୍ଗତ ଜୁନାନି ଗ୍ରାମର ବୋଲି ଜଣାପଡିଛି । ଖଡ଼ିଆଳ ପୋଲିସ ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

# ଭଦ୍ରକରୁ ଚିହ୍ନଟ ହେଲେ ଆଉ ନୂଆ ୪୬ ଆକ୍ରାନ୍ତ

ଭଦ୍ରକ,୨୨।୧୦ (ନି.ପ୍ର): ଆଜି ଭଦ୍ରକ ଜିଲ୍ଲାରୁ ନୂଆ କରୋନା ଆକ୍ରାନ୍ତ ୪୬ ଜଣ ଚିହ୍ନଟ ହୋଇଛନ୍ତି। ଜିଲ୍ଲାରୁ ମୋଟ ୧ ଲକ୍ଷ ୧୧ହଜାର ୯୨୪ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ୬୪୬୨ଜଣ। ଏମାନଙ୍କ ମଧ୍ୟରୁ ସୁସ୍ଥ ହୋଇଛନ୍ତି। ୫୯୮୧ଜଣ। ଏବେ ୪୬୫ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି। ଆଜି ନୂଆ ଚିହ୍ନଟ ଆକ୍ରାନ୍ତ ବାସୁଦେବପୁର ପୌରପାଳିକାର ଜଣେ, ଭଦ୍ରକ ବ୍ଲକର ୮ଜଣ, ଭଦ୍ରକ ପୌରପାଳିକାର ୧୨ଜଣ, ବନ୍ତ ବ୍ଲକର ୨ଜଣ, ଭଣ୍ଡାରିପୋଖରୀ ବ୍ଲକର ଜଣେ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୧୮ଜଣ, ତିହିଡି ବ୍ଲକର ଜଣେ ଏବଂ ଅନ୍ୟ ଜିଲ୍ଲାର ୨ଜଣ ଚିହ୍ନଟ ହୋଇଛନ୍ତି।

GOVT OF ODISHA
DEPARTMENT OF WATER RESOURCES
OFFICE OF THE EXECUTVE ENGINEER, BAISINGA CANAL DIVISION
AT/PO-LAXMIPOSI, DIST-MAYURBHANJ

E-Mail ID:eejcdlax@rediffmail.com
TENDER CALL NOTICE NO:9/2020-21

(i) Name of the works: (1) "Providing manpower services on outsourcing basis for office of the Executive Engineer, Baisinga Canal Division, Laxmiposi Period from Dt. 01.11.2020 to 31.10.2021. Accountant Asst. (Rtd. Senior Asst/Head Clerk)", (2) "Providing man Power services on outsourcing basis for office of the Executive Engineer, Baisinga Canal Division, Laxmiposi Period from Dt. 01.11.2020 to 31.10.2021. Senior Asst. (Retd. Senior Asst.)", (3) Engagement of one Classical Teacher & one Science Teacher i.e in S.I.P.C High School, Laxmiposi through service Provider Period from Dt. 01.11.2020 to Dt. 31.10.2021 and (4) Engagement of 2 Nos Data Entry Operator i.e. one No. for FA & CAO Office, Laxmiposi and another for Baisinga Canal Division, Laxmiposi through service provider period from dt.01.11.2020 to dt. 31.10.2021.
(ii) Tender Cost: (1) Rs. 1,14,000/-, (2) Rs.1,14,000/-, (3) 2,67,960, & (4) Rs.2,56,080/-
(iii) Period of Completion: 12 (Twelve Months for each.
(iv) Date & Time of Availablity of bid document in the office of O.I.T. : 27.10.2020 at 10 A.M.to 5 PM of 04.11.2020
(v) Date & Time for receipt of bids in the office of O.I.T. :27.10.2020 at 11.00AM to 3.30PM of 05.11.2020.
(vi) Date of opening of bid: 05.11.2020 at 4 P.M.
(vii) Name and address of the O.I.T. : Executive Engineer, Baisinga Canal Division, Laxmiposi.

OIPR:32281/11/0008/2021

Executive Engineer,
Baisinga Canal Division,
Laxmiposi

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ରେସନ କାର୍ଡ ଆବେଦନଠାରୁ ...

ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଶ୍ରୀ ସୁରେଶ ମହାପାତ୍ର, କୃଷି ଉତ୍ପାଦନ କମିଶନର ଶ୍ରୀ ଆର.କେ. ଶର୍ମା, କୃଷି ବିଭାଗ ପ୍ରମୁଖ ସଚିବ ଶ୍ରୀ ସୌରଭ ଗର୍ଗ, ଅର୍ଥ ବିଭାଗର ପ୍ରମୁଖ ସଚିବ ଶ୍ରୀ ଏ.କେ ମୀନା ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ଜିଲ୍ଲାପାଳ ଏବଂ ଖାଦ୍ୟ ଯୋଗାଣ ବିଭାଗର କ୍ଷେତ୍ର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ପ୍ରକାଶ ପାଇଲା ଦ୍ୱିତୀୟ ...

ବାଣିଜ୍ୟ ବିଭାଗରେ ମଧ ବିଜେବି କଲେଜ ଶୀର୍ଷରେ ରହିଛି । ଏଠାରେ ବାଣିଜ୍ୟ ବିଭାଗ ପାଇଁ ୮୬% କଟ୍ ଅଫ୍ ମାର୍କ ଥିବା ବେଳେ ସୁନାବେଡ଼ାସ୍ଥିତ ଏରୋନଟିକ୍ସ ଡିଗ୍ରୀ କଲେଜରେ କଟ୍ ଅଫ୍ ମାର୍କ ୪୫% ଏବଂ ବଡ଼ବିଲ ଡିଗ୍ରୀ କଲେଜରେ କଟ୍ ଅଫ୍ ମାର୍କ ୪୨%ରହିଛି ।

## ଦୁର୍ନୀତି-ଠକେଇର...

ଅତଏବେ ଭଣ୍ଡ ସରକାର କେବଳ ବିକାଶ ନାମରେ ଲୋକଙ୍କୁ କେବଳ ଠକେଇ ଚାଲିଛନ୍ତି। ଏନେଇ ସମସ୍ତେ ସଚେତନ ହେବା ସହିତ ଏହି ନିର୍ବାଚନରେ ଉଚିତ ଜବାବ ଦେବାକୁ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି। ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଦଳୀୟ ମୁଖପାତ୍ର ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ସମେତ ଜିଲ୍ଲା ମିଡିଆ ପ୍ରଭାରୀ ଶ୍ରୀନିବାସ ପ୍ରଧାନ ଉପସ୍ଥିତ ଥିଲେ।

## ଦଶହରାରେ ଖୋଲା...

କିଣିବାର ସମ୍ଭାବନା ରହିଥିବାରୁ ରାଜ୍ୟ ପରିବହନ ପ୍ରାଧିକରଣ ଏଭଳି ନିଷ୍ପତି ନେଇଛନ୍ତି ।ଗାଡ଼ି ରେଜିଷ୍ଟ୍ରେସନ ପାଇଁ ଦୁଇ ଦିନ ମଧ୍ୟରେ ଆରଟିଓ, ଡିଲରଙ୍କଠାରୁ ଗାଡ଼ି ପଞ୍ଜୀକରଣ ପାଇଁ ଡକ୍ୟୁମେଂଟ ଗ୍ରହଣ କରିବେ ଏବଂ ପଞ୍ଜୀକରଣ ନମ୍ବର ବଂଟନ କରିବେ । ଆରଟିଓ ସେହି ଅନୁଯାୟୀ ଆବଶ୍ୟକ ରୋଷ୍ଟର ବ୍ୟବସ୍ଥା କରିବ ଏବଂ ଏହି ସୁବିଧା ସମ୍ବନ୍ଧରେ ସେମାନଙ୍କ ଅଧୀନରେ ଥିବା ସମସ୍ତ ଡିଲରଙ୍କୁ ଅବଗତ କରାଇବେ । ଏହା ସହ ଆରଟିଓ କର୍ମଚାରୀମାନେ ଦୁର୍ଗା ପୂଜାର ସମସ୍ତ ଚାରି ଦିନ (ଅକ୍ଟୋବର ୨୩ ରୁ ୨୬) ଛୁଟିରେ ଘରୁ କାମ କରି ଡିଲର ପଏଂଟ ମାଧ୍ୟମରେ କରାଯାଇଥିବା ଏନଟିଭି ଯାନଗୁଡିକର ପଞ୍ଜିକରଣ କରିବେ । ସିଏମଭି ନିୟମ ୧୯୬୯ର ନିୟମ ୪୨ ଅନୁଯାୟୀ, କୌଣସି ଡିଲର ପଞ୍ଜିକରଣ ଏବଂ ଏଚଏସଆରପି ନମ୍ବର ପ୍ଲେଟ ବିନା କୌଣସି ମୋଟର ଯାନ ଡ଼େଲିଭର କରିପାରିବେ ନାହିଁ । ସମସ୍ତ ଆରଟିଓଙ୍କୁ ଡିଲର ପରିସର ଯାଂଚ କରିବା ସହ ଏଚଏସଆରପି ନମ୍ବର ପ୍ଲେଟ ଏବଂ ପଞ୍ଜିକରଣ ବିନା କୌଣସି ଗାଡ଼ିକୁ ଡ଼େଲିଭର ନକରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଆଜି ବାଲାଂଦେଶରେ...

ଘଂଟା ପ୍ରତି ଯଥାକ୍ରମେ ୪୫ରୁ ୫୫ ଏବଂ ୫୦ରୁ ୬୦ କିମି ରହିବ । ସେହିପରି ସମଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଏହାର ପ୍ରଭାବରେ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ଓଡ଼ିଶାର ୪ଟି ଜିଲ୍ଲା ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହା ସହିତ ଘଂଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବୋହିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏସବୁ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣି ଜାରି କରାଯାଇଛି। ଅନ୍ୟପକ୍ଷରେ ପୁରୀ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣି ଜାରି କରାଯାଇଥିବାବେଳେ ଗଞ୍ଜାମ, ଖୋର୍ଦ୍ଧା, କଟକ, ଯାଜପୁର ଓ ମୟୁରଭଞ୍ଜ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି । ଏସବୁ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ୨୪ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା,ଯାଜପୁର ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣି ଜାରି କରିଛି ପାଣିପାଗ ବିଭାଗ। ଅଧିକ ବର୍ଷା ହେବାକୁ ଥିବା ଜିଲ୍ଲା ଗୁଡିକର ତଳିଆ ଅଂଚଳରେ ପାଣି ପଶିଯିବା ସହ ବନ୍ୟା ହୋଇପାରେ। ସେହିପରି କଚ୍ଚା ଘର ଓ ରାସ୍ତା ପ୍ରଭାବିତ ହେବା ଏବଂ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି । ବିପଦଶଙ୍କୁଳ ସ୍ଥାନରେ ଥିବା ଲୋକମାନେ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ କୁହାଯାଇଛି। ଏହାସହ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ ...

ତେବେ ଏହି ଟଙ୍କା ଜବତ୍ ନେଇ ମାମଲା ରୁଜୁ ହୋଇଥିଲେ ବି ରାଜାଅଲ୍ଲୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେନେଇ ଭିଜିଲାନ୍ସ ଅଧିକାରୀମାନେ କୌଣସି ସୂଚନା ଦେଇ ନାହାନ୍ତି। ତଦନ୍ତ ଚାଲିଥିବା ବେଳେ ଅଭିଯୁକ୍ତ ରାଜା ଅଲ୍ଲିକୁ ଭିଜିଲାନ୍ସ ଟିମ୍ ଅଟକ ରଖି ପଚରାଉଚୁରା କରୁଥିବା ଲକ୍ଷ୍ୟ କରାଯାଇଛି।

## ଆବେଦନ କଲେ...

ଦେଇ ଛାତ୍ରଛାତ୍ରୀ ଡୁପ୍ଲିକେଟ ସ୍କୁଲ ଲିଭିଂ ସାର୍ଟିଫିକେଟପାଇପାରିବେ। ଯଦି ଏହାର କେହି ଅସଦ୍ ବ୍ୟବହାର କରିବେ କିମ୍ବା ୨ ଟି ଯାଗାରେ ଆଡମିଶନ୍ କରିବେ ତେବେ ତାଙ୍କ ବିରୋଧରେ ଫୌଜଦାରି ମାମଲାରେ ଦଣ୍ଡବିଧାନ ହେବ ବୋଲି ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି।

## ରାଜ୍ୟରେ ଆଉ ୧୫...

ଜିଲ୍ଲାର ୫୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଢେଙ୍କାନାଳ ଜିଲ୍ଲାର ର ଜଣେ ୪୨ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ରାଉରକେଲାର ଜଣେ ୨୯ ବର୍ଷୀୟ କରୋନା ଆକ୍ରାନ୍ତ ମହିଳା ମୃତ୍ୟୁବରଣ କରିଛନ୍ତି । କଟକ ଜିଲ୍ଲାର ଜଣେ ୭୩ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହରେ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୭୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୭୮ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଜିଲ୍ଲାର ଜଣେ ୫୭ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାରେ ଜଣେ ୭୨ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଅନୁଗୁଳ ଜିଲ୍ଲାର ଜଣେ ୮୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଅନୁଗୁଳ ଜିଲ୍ଲାର ଜଣେ ୮୫ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଅନୁଗୁଳ ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୪୮ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ସୁବର୍ଣ୍ଣପୁର ଜିଲ୍ଲାର ଜଣେ ୬୫ ବର୍ଷୀୟ କୋରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେରେ ପୀଡିତ ଥିଲେ । ସୁବର୍ଣ୍ଣପୁର ଜିଲ୍ଲାର ଜଣେ ୬୫ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଜଣେ ୭୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି ।

## ଗୋଟିଏ ଦିନରେ ୧୯୧୩...

ଜିଲ୍ଲାରେ ୭୩ ଜଣ, ବରଗଡ ଜିଲ୍ଲାରେ ୬୩ , ଭଦ୍ରକ ଜିଲ୍ଲାରେ ୪୬, ବଲାଙ୍ଗିର ଜିଲ୍ଲାରେ ୬୩, ବୌଦ୍ଧ ଜିଲ୍ଲାରେ ୧୨ ,କଟକ ଜିଲ୍ଲାରେ ୧୫୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୫. ଢେଙ୍କାନାଳ ଜିଲ୍ଲାରେ ୪୮, ଗଜପତି ଜିଲ୍ଲାରେ ୪, ଗଂଜାମ ଜିଲ୍ଲାରେ ୨୮, ଜଗତସିଂହପୁର ଜିଲ୍ଲାରେ ୯୯, ଯାଜପୁର ଜିଲ୍ଲାରେ ୭୨ . ଝାରସୁଗୁଡା ଜିଲ୍ଲାରେ ୪୮, କଳାହାଣ୍ଡି ଜିଲ୍ଲାରେ ୮୨, କନ୍ଧମାଳ ଜିଲ୍ଲାରେ ୪୮, କେନ୍ଦ୍ରାପଡା ଜିଲ୍ଲାରେ ୫୧ ,କେନ୍ଦୁଝର ଜିଲ୍ଲାରେ ୭୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୫୪ ଜଣ, ମାଲକାନଗିରି ଜିଲ୍ଲାରେ ୧୬, ମୟୁରଭଂଜ ଜିଲ୍ଲାରେ ୯୨, ନବରଙ୍ଗପୁରରେ ୪୧, ନୟାଗଡ ଜିଲ୍ଲାରେ ୩୩, ନୂଆପଡା ଜିଲ୍ଲାରେ ୬୩, ପୁରୀ ଜିଲ୍ଲାରେ ୫୫, ରାୟଗଡା ଜିଲ୍ଲାରେ ୧୪, ସମ୍ବଲପୁର ଜିଲ୍ଲାରେ ୫୦ ,ସୋନପୁର ଜିଲ୍ଲାରେ ୨୦ ତଥା ସୁନ୍ଦରଗଡ ଜିଲ୍ଲାରେ ୯୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୫୦ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ବାଚସ୍ପତିଙ୍କୁ ସାକ୍ଷାତ କଲେ ଫାଶିଗୁଡ଼ା ଗ୍ରାମପଂଚାୟତର ୩୦ ଚାଷୀ

ଭୁବନେଶ୍ୱର ,୨୨।୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ଫାଶିଗୁଡ଼ା ଗ୍ରାମପଂଚାୟତର ୩୦ ଜଣ ଚାଷୀ ଗୁରୁବାର ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ବିଧାସସଭାର ନୂତନ ସମ୍ମିଳନୀ କକ୍ଷରେ ସାକ୍ଷାତ କରିଛନ୍ତି। ସାକ୍ଷାତ ଆଲୋଚନାବେଳେ ସେମାନେ ନିଜର ଅଭାବ ଅସୁବିଧା ସହିତ ନିଜ ଗ୍ରାମପଂଚାୟତର ଉନ୍ନୟନମୂଳକ କାର୍ଯ୍ୟ ସଂପର୍କରେ ବିସ୍ତୃତ ଭାବେ ବାଚସ୍ପତିଙ୍କୁ ଜଣାଇଥିଲେ । ସେମାନଙ୍କ ସମସ୍ୟାଗୁଡ଼ିକୁ ଯଥାଶୀଘ୍ର ସାମାଧାନ ସହିତ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରବା ପାଇଁ ବାଚସ୍ପତି ଡ. ପାତ୍ର ପ୍ରତିଶ୍ରୁତି ଦେଇଥିଲେ । ଏ ସଂପର୍କରେ ବିହିତ ପଦକ୍ଷେପ ନେବାକୁ ବାଚସ୍ପତି ଡ. ପାତ୍ର ଗଞ୍ଜାମ ଜିଲ୍ଲାର ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# କଂଗ୍ରେସର ନୂତନ ଜିଲ୍ଲା ସଭାପତି ସୁବ୍ରତ ଦାସଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଭଦ୍ରକ,୨୨।୧୦ (ନି.ପ୍ର): ଆଜି ନବ ନିଯୁକ୍ତ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ ବିଧିବଦ୍ଧ ଭାବେ ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବାଲେଶ୍ୱର ଗସ୍ତରେ ଯାଉଥିବା କଂଗ୍ରେସ ଦଳର ରାଜ୍ୟ ପ୍ରଭାରୀ ଡା. ଏ. ଚେଲ୍ଲା କୁମାର ଏବଂ ତାଙ୍କ ସହିତ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଭଦ୍ରକର ଆରଡି ଛକ ଠାରେ ଅଟକି ନବ ନିଯୁକ୍ତ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ସେଠାରୁ ବିଶାଳ ମୋଟର ସାଇକେଲ ରାଲିରେ ଜିଲ୍ଲା ସଭାପତିଙ୍କୁ କର୍ମୀମାନେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ନଳିନୀକାନ୍ତ ମହାନ୍ତିଙ୍କ ସଂଯୋଜନା ଏବଂ ଟାଉନ କଂଗ୍ରେସ ସଭାପତି ଅବଦୁଲ ମୁକିତ ଖାଁଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦ୍‌ବୋଧନ ରଖି ଶ୍ରୀ ଦାସ ପ୍ରକାଶ କରିଥିଲେ ଯେ କଂଗ୍ରେସ ଏକ ଏଭଳି ଦଳ, ଯେଉଁ ଦଳରେ ଲୋକଙ୍କୁ ଭୁଆଁ ବୁଲେଇ ରଖା ଯାଏ ନାହିଁ। ଏହା ହେଉଛି ସମସ୍ତଙ୍କ ଦଳ। ଏଥିରେ ଦଳର ପ୍ରତ୍ୟେକ କର୍ମୀ ଜଣେ ଜଣେ ଲଢୁଆ ସୈନିକ ଭଳି କାର୍ଯ୍ୟ କରନ୍ତି। ଯିଏ ନିଷ୍ଠାର ସହିତ କାର୍ଯ୍ୟ କରେ ଦଳ ତାକୁ ଉପଯୁକ୍ତ ଥଇଥାନ କରେ। ମିଳିଥିବା ପଦର ଦୁରୋପଯୋଗ ନ କରି ଦଳ ପାଇଁ ଗୁଣ୍ଡୁଚି ମୂଷା ଭଳି କାର୍ଯ୍ୟ କରି ଜିଲ୍ଲାରେ କଂଗ୍ରେସ ସଂଗଠନକୁ ମଜଭୁତ କରିବା ହେବ ତାଙ୍କର ପ୍ରଥମ କାର୍ଯ୍ୟ। ଆଗାମୀ ପଞ୍ଚାୟତ ଓ ପୌରପାଳିକା ନିର୍ବାଚନ ତାଙ୍କ ପାଇଁ ଏକ ବଡ ଚ୍ୟାଲେଞ୍ଜ ବୋଲି ଦାସ କହିଥିଲେ। ସେ ଜଣେ ସାଧାରଣ କଂଗ୍ରେସ ପରିବାରର ପିଲା। ସଂଗଠନ ପାଇଁ କାର୍ଯ୍ୟ କରି ଆଜି ଜିଲ୍ଲା ସଭାପତି ହୋଇଥିବାରୁ ରାଜ୍ୟ ଓ କେନ୍ଦ୍ର ନେତୃବୃନ୍ଦ ତଥା ଜିଲ୍ଲାବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। ସେ ଆହୁରି କହିଥିଲେ ଯେ ଦଳର ସାଧାରଣ କର୍ମୀଟିଏ ହୋଇଥିଲେ ବି କୌଣସି ପରିସ୍ଥିତିରେ ଦଳ ପକ୍ଷରୁ ଅବହେଳିତ ହେବେ ନାହିଁ। ଭଦ୍ରକ ଜିଲ୍ଲାରେ ଏକ ନଂ ଦଳ ବୋଲି ପରିଚୟ ଦେଉଥିବା ଦଳ ଶାସନରେ ରହି ଜିଲ୍ଲାକୁ ବିକାଶ କ୍ଷେତ୍ରରେ ୩ ନଂ କରିଦେଇଛନ୍ତି। ଭଦ୍ରକ ଜିଲ୍ଲାର ସମସ୍ତ କଂଗ୍ରେସ କର୍ମୀଙ୍କ ପୂର୍ଣ୍ଣ ସହଯୋଗ ନେଇ ଆଗାମୀ ଦିନରେ ଏହାକୁ ୧ ନ କରାଇବା ତାଙ୍କର ଲକ୍ଷ୍ୟ ରହିବ ବୋଲି କହିଥିଲେ। ଏଥ ସହିତ ଜିଲ୍ଲା କଂଗ୍ରେସ କମିଟିର ପୁନର୍ଗଠନ ୧ ମାସ ମଧ କରାଯିବ ବୋଲି ସୂଚନା ଦେଇଥିଲେ। ସଂଯୋଜକ ଶ୍ରୀ ମହାନ୍ତି ତାଙ୍କ ବକ୍ତବ୍ୟରେ ଯୁବକ କଂଗ୍ରେସ କର୍ମୀମାନେ ଦଳକୁ ସେମାନଙ୍କ ପରିଶ୍ରମ ବହୁମାତ୍ରାରେ ଦେଇ ଚାଲିଛନ୍ତି। ବଦଳରେ ସେମାନେ କିଛିପାଇ ନାହାନ୍ତି। ଯେଉଁମାନେ ଦଳରୁ କିଛି ପାଇଛନ୍ତି, ଏବେ ସମୟ ଆସିଛି ସେମାନେ ଦଳପାଇଁ ନିଜର ପରିଶ୍ରମ ଏବଂ ସାମର୍ଥ୍ୟ ଯୋଗାଇବାକୁ। ଯାହା ଆଗାମୀ ପଞ୍ଚାୟତ ନିର୍ବାହଚନରେ ଦଳକୁ ସୁଦୃଢ କରିବ। ଯେଉଁ ପ୍ରାର୍ଥୀମାନେ ଗତ ନିର୍ବାଚନରେ ସେମାନଙ୍କ ନିର୍ବାଚନ ମଣ୍ଡଳୀରେ ଯେତିକି ଭୋଟ ପାଇଥିଲେ, ଆଗାମୀ ପଞ୍ଚାୟତ ନିର୍ବାଚନରେ ତାଙ୍କ ଅଞ୍ଚଳରେ ଯେପରି ଅଧିକରୁ ଅଧିକ ଭୋଟ ଦଳ ପାଇଁ ଆଣିବେ ସେ ଦିଗରେ ପ୍ରୟାସ କରିବାକୁ ଅନୁରୋଧ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଦିଗମ୍ବର ଦାସ, ବିଦ୍ୟାଧର ଯେନା, ପଞ୍ଚାନନ ମଣ୍ଡଳ, ଅଭିଷେକ ରାଉତ, ପୂର୍ବତନ ଜିଲ୍ଲା ସଭାପତି ଅଶୋକ ଦାସଙ୍କ ପ୍ରତିନିଧି ସୁଶାନ୍ତ ମହାକୁଡ, ରାଜୀବ ଗାନ୍ଧି ପଞ୍ଚାୟତିରାଜ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ଦାସ, ଟାଉନ ସଭାପତି ବିଜୟ ବାରିକ, ମହିଳା ଜିଲ୍ଲା କଂଗ୍ରେସ ସଭାନେତ୍ରୀ ସବିତା ଚନ୍ଦ, ରଜନୀକାନ୍ତ ଚନ୍ଦ, ହୃଦାନନ୍ଦ ସେଠୀ, ପ୍ରସନ୍ନ ଧଳ, ସେବାଦଳ ମୁଖ୍ୟ ସେକ୍ ନଇମ, ସେକ୍ ଅବଦୁଲ, ଗୋଲକ ଚନ୍ଦ୍ର ବେହେରା, କିଶାନ କଂଗ୍ରେସ ସଭାପତି ନରନାରାୟଣ ଜେନା, ସଂଖ୍ୟାଲଘୁ ସେଲ ସଭାପତି ସେକ୍ ସମଦାନୀ, ଚାନ୍ଦବାଲି ବ୍ଲକ ଉପାଧକ୍ଷ ଶ୍ରୀଧର ସାହୁ, ଲକ୍ଷ୍ମୀଧର ସାହୁ, ଆଶିଷ ରାଉତ, ଦିଲିପ ନାୟକ, ହେମନ୍ତ ମହାପାତ୍ର, ସୌମ୍ୟଗୋପାଳ ନାୟକ, ପୀତବାସ ଧଳ, ବିଜୟ ଶଙ୍କର ମହାନ୍ତି, ରାଜୁ ସ୍ୱାଇଁ, ରଜକିଶୋର ପଣ୍ଡା, ରମେଶ ଭାରତୀ, ମାଳିରାମ ବେହୁରିଆ, ପ୍ରଶାନ୍ତ ସାହୁ, ଗୌରୀ ଜେନା, ପୀତାମ୍ବର ନାୟକ, ଅଜୟ ସାହୁ, ହରମୋହନ ବେହେରା, ଅନନ୍ତ ଦାସ, ନିରଞ୍ଜନ ମଲ୍ଲିକ, ପ୍ରକାଶଜ୍ୟୋତି ମହାକୁଡ, ତ୍ରୈଲୋଚନ ପଣ୍ଡା, ଅନନ୍ତ ପଣ୍ଡା, ସତ୍ୟ ନାୟକ, ନରେନ୍ଦ୍ର ସାହୁ, ଜ୍ୟୋତିରଂଜନ ନାୟକ, ମଖନ ଦାସ, ବିଜୟ ଜେନା, ପ୍ରଦିପ୍ତ ନାୟକଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ବେଆଇନ୍ ବାଲି ଉତ୍ତୋଳନ : ସୁବର୍ଣ୍ଣରେଖା ନଦୀକୂଳ ତୋଟାପଡା ଗାଁ ହେବ ନିଶ୍ଚିହ୍ନ

ଜଳେଶ୍ୱର, ୨୨/୧୦ (ନି.ପ୍ର) : ପଶ୍ଚିମବଂଗ ଓ ଓଡିଶା ଉପାନ୍ତ ଅଂଚଳରେ ସୁବର୍ଣ୍ଣରେଖା ବାଲିର ବ୍ୟାପକ ଚାହିଦା ଥିବାରୁ କେତେକ ଅସାମାଜିକ ବ୍ୟକ୍ତି ନଦୀର ବିଭିନ୍ନ ସ୍ଥାନରୁ ବେଆଇନ୍‌ଭାବେ ବାଲି ଉତ୍ତୋଳନ କରି ମାଲେମାଲ ହେଉଛନ୍ତି । ଏଥିନିମନ୍ତେ ତୋଟାପଡା ଗ୍ରାମଠାରେ ବେଧଡକ୍ ବେଆଇନ୍ ବାଲି ଉତ୍ତୋଳନ ହେଉଥିବାରୁ ଫେରିଘାଟ ନିକଟରେ ଥିବା ପଥର ପେଚିଂ ଅତଡାରେ ନଷ୍ଟ ହେବାକୁ ବସିଛି । ନଦୀବଂଧ ନିକଟରେ ଘରତୋଳି ରହିଥିବା ପରିବାର ବର୍ଗଙ୍କ ପକ୍ଷରୁ ଏପରି କାର୍ଯ୍ୟ ବନ୍ଦ କରାଯିବାକୁ ଆଜି ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଘଟଣାରୁ ପ୍ରକାଶ ଜଳେଶ୍ୱର ତହସିଲ ଅନ୍ତର୍ଗତ ରାଇବଣିଆ ଥାନାର ତୋଟାପଡା ଗାଁଟି ସୁବର୍ଣ୍ଣରେଖା ନଦୀକୂଳରେ ଅବସ୍ଥିତ । ଅତୀତରେ ପ୍ରଳୟଙ୍କରୀ ବନ୍ୟାଯୋଗୁଁ ନଦୀକୂଳରେ ହୋଇଥିବା କଂକ୍ରିଟ ଓ ପିଚୋରାସ୍ତା ନିକଟରେ ଅତଡା ଖସି ରାସ୍ତା ଲିନ ହେବାକୁ ବସିଲାଣି । ଏହାର ସୁରକ୍ଷାଲାଗି ସରକାରଙ୍କ ପକ୍ଷରୁ ଗତବର୍ଷ ଫେରିଘାଟ ନିକଟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପଥର ବେଙ୍କିଂ କାର୍ଯ୍ୟ ହୋଇଥିଲା । କିନ୍ତୁ ପଶ୍ଚିମବଂଗ ଓ ଓଡିଶାର କେତେକ ଅସାମାଜିକ ବ୍ୟକ୍ତି ପଥର ପେଙ୍କିଂ ଓ ଫେରିଘାଟ ପାଶ୍ୱବର୍ତ୍ତୀ ଅଂଚଳରୁ ପ୍ରତିଦିନ ଶହ ଶହ ଟ୍ରାକ୍ଟର ଯୋଗେ ବାଲି ଉଠାଇ ବିକ୍ରି କରି ଆସୁଛନ୍ତି । ଫଳରେ ଆଗାମୀ ଦିନରେ ସରକାରୀ ଅର୍ଥରେ ନିର୍ମାଣ ହୋଇଥିବା ରାସ୍ତା, ପଥର ପେଙ୍କି ନଷ୍ଟ ହେବା ସହିତ ଅଭିଯୋଗକାରୀଙ୍କ ଘର, ଦ୍ୱାର, ବାଲି ଓ ଧନ ଜୀବନ ହାନି ହେବାର ସମ୍ଭାବନା ଦେଖା ଦେଇଛି । ଏଣୁ ବାଲି ବେଆଇନ୍‌ଭାବେ ଉତ୍ତୋଳନ କରୁଥିବା ବ୍ୟକ୍ତିବିଶେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଗୋପାଳକୃଷ୍ଣ ସାହୁ, ବିମଳ ଘଡେଇ, ଭାନୁଚରଣ ପାଳ, ଜୟନ୍ତ ସାହୁ, ଏକାଦୋଶୀ ପାଳ, ପୂର୍ଣ୍ଣ ସାହୁ, ହରିଶ ସାହୁ, ମୋତିଲାଲ ଘୋଷ, ନିତ୍ୟାନନ୍ଦ ଘୋଷ, କାହ୍ନୁଚରଣ ପାଳ, ଅଭିମନ୍ୟୁ ପାଳ, ବସନ୍ତ ସାହୁ, ପ୍ରଫୁଲ୍ଲ ସାହୁ, ରତିକାନ୍ତ ଘୋଷ, ବିଶ୍ୱମ୍ବର ପାଳ, ସୁବାଶ ଘୋଷ, ଧନଞ୍ଜୟ ପାଳ ପ୍ରମୁଖ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।

### ବ୍ୟୟବହୁଳ ବାଲେଶ୍ୱର ଉପ-ନିର୍ବାଚନ....

# ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଲିସ୍‌ବିହୀନ ବର୍ଷୀୟାନ ପ୍ରାର୍ଥୀ ବେଣୁଧର



ବାଲେଶ୍ୱର,୨୨।୧୦ (ନି.ପ୍ର): ଆସନ୍ତା ୩ ତାରିଖରେ ହେବାକୁ ଥିବା ବାଲେଶ୍ୱର ସଦର ଉପ-ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରମୁଖ ଦଳର ହେଭିଓ୍ୱେଟ୍ ନେତା ଓ କର୍ମୀଙ୍କ ପ୍ରଚାର କ୍ରମଶଃ ଜୋରଦାର ହୋଇ ଆସୁଥିଲେ ବି ୮୦ ବର୍ଷ ବୟସରେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଣୁଧର ବାରିକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି । ବିନା ଅର୍ଥରେ ୨/୪ ଜଣ ସମର୍ଥକଙ୍କ ନେଇ ନତୁବା ଏକୁଟିଆ ସେ ପ୍ରଚାର କାର୍ଯ୍ୟ ଚଳାଇଛନ୍ତି । ଜୀବିକା ପାଇଁ କୌଳିକ ବୃତ୍ତିରୁ ନ ଓହରି ସେ ଏବେ ମଧ୍ୟ ଲୋକଙ୍କୁ କ୍ଷୌର କରୁଛନ୍ତି । ପୂର୍ବଭଳି ପ୍ରତିଦିନ ସକାଳୁ ନିଜର ଖୁରମୁଠି ବେଗ୍ ସହ ସାଇକେଲରେ ସେ ବାହାରି ଯା'ନ୍ତି ଘରୁ । ବର୍ତ୍ତନିଆଙ୍କ ଘରେ ଲୋକଙ୍କୁ କ୍ଷୌର କରିବା ସହିତ ନିଜର ପ୍ରଚାର ମଧ୍ୟ ସେ ଜାରି ରଖିଛନ୍ତି । ଅନ୍ୟାନ୍ୟ ଦଳୀୟ ପ୍ରାର୍ଥୀଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କପର୍ଦ୍ଦକ ଶୂନ୍ୟ ହୋଇ ବି ଏହି ଉପ-ନିର୍ବାଚନରେ ତାଙ୍କର ପ୍ରତିଦ୍ୱନ୍ଦ୍ୱିତା ସମସ୍ତଙ୍କୁ ଚକିତ କରିଛି । ଗ୍ରାମର ଲୋକମାନେ ନିର୍ବାଚନରେ ଖର୍ଚ୍ଚ ପାଇଁ ତାଙ୍କୁ କିଛି କିଛି ଚାନ୍ଦା ଦେଉଥିବା ବେଳେ ବହୁ ଶିକ୍ଷିତ ବ୍ୟକ୍ତି ମଧ୍ୟ ପ୍ରଚାର କରୁଛନ୍ତି । ପିଲାଟି ଦିନରୁ କମ୍ୟୁନିଷ୍ଟ ଆଦର୍ଶକୁ ଆପଣେଇ ପ୍ରତିଟି ବାମପନ୍ଥୀ କାର୍ଯ୍ୟକ୍ରମରେ ସେ ବାଲେଶ୍ୱରରେ ଆଗରେ ଥା'ନ୍ତି । ବିକ୍ଷୋଭ ହେଉ କି ଧାରଣା ସବୁଥିରେ ଆଗ ଖୋଜାପଡ଼େ ବସ୍ତି ବାସିନ୍ଦା ସଂଘର ସଭାପତି ବେଣୁଧର ବାରିକଙ୍କୁ । ତେବେ ଚଳିତ ନିର୍ବାଚନରେ କଂଗ୍ରେସ ସହ ବାମପନ୍ଥୀ ଦଳଙ୍କ ଆପୋସ ବୁଝାମଣା ସହ ସେ ସାଲିସ କରିପାରିଲେ ନାହିଁ । ଏକ ପୁରୁଣା ରାଜନୈତିକ ଦଳ ଭାବେ ଏହି ନିର୍ବାଚନେର ସିପିଆଇରୁ କେହି ପ୍ରାର୍ଥୀ ନହେବା ତାଙ୍କୁ ବ୍ୟଥିତ କରିଥିଲା । ଶେଷରେ ସେ ନିଜେ ଜଣେ ସମର୍ଥକ ଓ ପ୍ରସ୍ତାବକଙ୍କୁ ନେଇ ପ୍ରାର୍ଥପତ୍ର ଦାଖଲ କରିବାକୁ ଆଗେଇ ଯାଇଥିଲେ । ଏନେଇ ତାଙ୍କୁ ସିପିଆଇ ନିଲମ୍ବିତ ହେବାକୁ ବି ପଡ଼ିଛି । ତଥାପି ଜଣେ ସାଲିସ ବିହୀନ ନେତା ଭାବେ ଶ୍ରୀ ବାରିକଙ୍କ ପ୍ରାର୍ଥିତ୍ୱ ଏବେ ସମସ୍ତଙ୍କ ପାଇଁ ଚର୍ଚ୍ଚାର ବିଷୟ ହୋଇଯାଇଛି । ତାଙ୍କୁ ଏହି ନିର୍ବାଚନରେ କେତେ ଭୋଟ ମିଳିବ, ସେ ଜିତିବେ କି ହାରିବେ, ତାହା ତାଙ୍କ ପାଇଁ ପ୍ରସଙ୍ଗ ନୁହେଁ ବୋଲି ଶ୍ରୀ ବାରିକ କହିଛନ୍ତି । ତେବେ ବୟସର ଅପରାହ୍ନରେ ନିଜର କମ୍ୟୁନିଷ୍ଟ ଆଦର୍ଶ ସହ ସାଲିସ ନକରି ବ୍ୟୟବହୁଳ ଉପ-ନିର୍ବାଚରେ ପ୍ରାର୍ଥୀ ହେବାରେ ସେ ବେଶ୍ ଆତ୍ମସନ୍ତୋଷ ପାଉଛନ୍ତି ବୋଲି ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଯାତ୍ରା କଳାକାର ରାନୀ ପଣ୍ଡା ଓ ଦାମ ପଣ୍ଡା ତାଙ୍କ ପାଇଁ ପ୍ରଚାର ମୈଦାନକୁ ଓହ୍ଲାଇବା ନେଇ ଘୋଷଣା ହେବା ପରେ ଶ୍ରୀ ବାରିକ ଆହୁରି ଚର୍ଚ୍ଚିତ ହୋଇଯାଇଥିବା ଲକ୍ଷ୍ୟ କରାଯାଇଛି ।

ନାମଲେଖା ଚାଲିଛି
"ସା ବିଦ୍ୟା ଯା ବିମୁକ୍ତୟେ"
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ମାତୃ ବିହାର, ମାନସିଂବଜାର, ବାଲେଶ୍ୱର
R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।
ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ
ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

# ଉପ-ନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସର ଶ୍ରମିକ ସମ୍ମିଳନୀ




ବାଲେଶ୍ୱର,୨୨।୧୦ (ନି.ପ୍ର): ବାଲେଶ୍ୱର ସଦର ଉପନିର୍ବାଚନ ପରିପ୍ରେକ୍ଷୀରେ ଜାତୀୟ ସ୍ତରର କଂଗ୍ରେସ ଶମିକ ସଂଗଠନ 'ଆଇଏନଟିୟୁସି'(ଇଣ୍ଡିଆନ ନ୍ୟାସନାଲ ଟ୍ରେଡ୍ ୟୁନିୟନ)ର ଏକ ସମ୍ମିଳନୀ ସ୍ଥାନୀୟ ଦୁର୍ଗା ଗାର୍ଡେନ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ ଜିଲ୍ଲା ସଭାପତି ସଂଜୀବ ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏଆଇସିସିର ସାଧାରଣ ସମ୍ପାଦକ ତଥା ଓଡ଼ିଶା କଂଗ୍ରେସ ପ୍ରଭାରୀ ଏ ଚେଲା କୁମାର, ପିସିସି ସଭାପତି ନିରଂଜନ ପଟ୍ଟନାୟକ, ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, କରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀ ପତି, ଆଇଏନଟିୟୁସି ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ କଂଗ୍ରେସ ମୁଖ୍ୟପାତ୍ର ସୁଦର୍ଶନ ଦାସ, ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ ଓ ସଦର ଉପ-ନିର୍ବାଚନରେ କଂଗ୍ରେସ ପ୍ରାର୍ଥିନୀ ମମତା କୁଣ୍ଡୁ ପ୍ରମୁଖ ଯୋଗଦେଇ ବିକାଶର ନାରା ଦେଇ ଦୀର୍ଘ ୨୧ ବର୍ଷ ଧରି ବିଜେଡି ସରକାରା ରାଜ୍ୟବାସୀଙ୍କୁ ଠକି ଚାଲିଛନ୍ତି ବୋଲି କହିଥିଲେ । ଗୋଟିଏ ମୁଦ୍ରାର ଦୁଇଗୋଟି ପାର୍ଶ୍ୱ ଭଳି କେନ୍ଦ୍ରରେ ବିଜେପି ସରକାରଙ୍କ ସହ ପ୍ରତିଟି କ୍ଷେତ୍ରରେ ହଁ ଭରୁଥିବା ରାଜ୍ୟର ବିଜେଡି ସରକାର ଲୋକଙ୍କୁ କେବଳ ଭୁଆଁ ବୋଲାଇ ଚାଲିଛନ୍ତି ବୋଲି କଂଗ୍ରେସ ନେତାମାନେ ଆରୋପ ଉଠାଇଥିଲେ । ଦୀର୍ଘ ୨୧ ବର୍ଷ ଧରି ଓଡ଼ିଶାରେ ବିକାଶର ଧାରା ଠପ୍ ହୋଇ ଯାଇଥିବା ବେଳେ ଆଗାମୀ ଦିନରେ ରାଜ୍ୟବାସୀ ମହା ବିପଦର ସାମ୍ନା ହେବାକୁ ଯାଉଛନ୍ତି । ଏଭଳି ସ୍ଥିତିରେ ଓଡ଼ିଶାବାସୀଙ୍କ ଭାଗ୍ୟ ପରିବର୍ତ୍ତନ ସହ ସମସ୍ତଙ୍କୁ ଦୁର୍ନୀତିରୁ ରକ୍ଷା କରିବା ଓ ରାଜ୍ୟରେ ପ୍ରକୃତ ବିକାଶର ଧାରା ସୃଷ୍ଟି ପାଇଁ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ବୋଲି ସେମାନେ କହିଥିଲେ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱରର ବିକାଶ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ କଂଗ୍ରେସ ପ୍ରାର୍ଥିନୀ ମମତା କୁଣ୍ଡୁଙ୍କୁ ଅଧିକ ସଂଖ୍ୟାରେ ଭୋଟ ଦେବା ନିମନ୍ତେ ସେମାନେ ନିବେଦନ କରିଥିଲେ । ଏହି ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବର୍ଗର ବହୁ ଶ୍ରମିକ ଯୋଗ ଦେଇଥିଲେ ।

## ବ୍ରହ୍ମପୁରରେ ମାସ୍କ ନ ପିନ୍ଧିବାରୁ ଗତ ୨୪ ଘଂଟାରେ ୧୨ ଜଣଙ୍କୁ ଜୋରିମାନା

ଭୁବନେଶ୍ୱର,୨୨।୧୦ (ନି.ପ୍ର): ବ୍ରହ୍ମପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିବା କାରଣରୁ ୧୨ ଜଣଙ୍କୁ ଜୋରିମାନା କରା ଯାଇଛି । ସେମାନଙ୍କ ଠାରୁ ୨୪ ଶହ ଟଙ୍କା ଜୋରିମାନା ଆକାରରେ ଆଦାୟ କରା ଯାଇଛି । ବ୍ରହ୍ମପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ଏହା ବାଦ ଏହି ସମୟ ମଧ୍ୟରେ ବିଭିନ୍ନ କାରଣରୁ ୬ଟି ମାମଲା ରୁଜୁ ହୋଇଥିବା ବେଳେ ୪୭ ଜଣଙ୍କୁ ଗିରଫ କରା ଯାଇଛି । ୧୨୮ଟି ବାହନକୁ ଚାଲାଣ କରା ଯାଇଥିବା ସେ ସୂଚନା ଦେଇଛନ୍ତି ।

# ନିର୍ଦ୍ଦିଷ୍ଟ ସମୟରେ ଲାଗୁନି ବିଦ୍ୟୁତ୍ ବିଲ ସାଜୁଛି ବୋଝ ଉପରେ ଲଳିତାବିଡା

ଜଳେଶ୍ୱର,୨୨।୧୦ (ନି.ପ୍ର): ନେସ୍କୋର କେତେକ ବିଦ୍ୟୁତ୍ କର୍ମଚାରୀଙ୍କ ଉଦାସୀନତା ଯୋଗୁଁ ନିର୍ଦ୍ଦିଷ୍ଟ ସମୟରେ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ବିଲ ଦିଆଯାଉନାହିଁ । ଏପରିକି ୬/୭ ମାସର ବିଲ ଏକକାଳୀନ ଦିଆଯାଉଥିବାରୁ କରୋନା ସଂକ୍ରମଣ ବେଳେ ଉପଭୋକ୍ତଙ୍କ ଉପରେ ବୋଝ ଉପରେ ଲଳିତାବିଡା ସାଜୁଛି । ସରକାର ଓ ନେସ୍କୋର ନିୟମ ଅନୁଯାୟୀ ପ୍ରତିମାସକୁ ବିଦ୍ୟୁତ୍‌ବିଲ ଲାଗି କଥା । ଫଳରେ ସଂପୃକ୍ତ ଉପଭୋକ୍ତା ରିବେଟ ସହିତ ପ୍ରଥମ ସ୍ଲାବରେ ଥିବା ସୁବିଧା ସୁଜଗ ପାଇପାରିବ । କିନ୍ତୁ ଜ ଳେଶ୍ୱର ନେସ୍କୋ ସବ୍‌ଡିଭିଜନ୍‌ରେ ଏହି ନିୟମର ଉଲଙ୍ଘନ ହେଉଥିବାରୁ ଜନ ଅସନ୍ତୋଷ ଦେଖା ଦେଇଛି । ଏପରିକି ଆସନ୍ତା ଦିନରେ ଆନ୍ଦୋଳନର ରୂପ ନେବବୋଲି ସୂଚନା ମିଳିଛି । ଆଜି ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁରାମଚନ୍ଦ୍ରପୁର ପଂଚାୟତର ପ୍ରଫୁଲ୍ଲ ସାହୁ ଓ ଅଜୟ କୁମାର ଦାସଙ୍କ ନେତୃତ୍ୱରେ ବହୁ ଉପଭୋକ୍ତା ବିଲ ନେଇ ଅଭିଯୋଗ କରିଛନ୍ତି । କରୋନା ସଂକ୍ରମଣ ଆରମ୍ଭ ଠାରୁ ବିଲ୍ ଦିଆଯାଇନଥିବା ବେଳେ ୨ ମାସ ତଳେ ୫/୬ ମାସର ବିଲ ଦିଆଯାଇଛି । ଏହାଫଳରେ ୫୦ୟୁନିଟ୍ ପର୍ଯ୍ୟନ୍ତ ଥିବା ସ୍ଲାବ ଲାଗି ଟ୨.୫୦ପ. ଦେବାକୁ ଥିବା ବେଳେ ୫୧ରୁ୧୦୦ ୟୁନିଟ ପର୍ଯ୍ୟନ୍ତ ୨ୟ ସ୍ଲାବ ଅନୁଯାୟୀ ବିଲ ହିସାବ ହୋଇଛି । କେବଳ ଏତିକି ନୁହେଁ, ଉପଭୋକ୍ତମାନେ ରିବେଟ୍ ସୁବିଧାରୁ ବଂଚିତ ହୋଇଛନ୍ତି । ପୂର୍ବରୁ ୨ ମାସକୁ ଥରେ ବିଲ ଲାଗିଥିବା ବେଳେ ଏଣିକି ସହରାଞ୍ଚଳ ପରି ପ୍ରତିମାସକୁ ବିଲ ଲଗାଇବା ଓ ବିଲ ପୈଠ କରିବା ବ୍ୟବସ୍ଥା କରାଯିବାକୁ ସେହି ଗ୍ରାମର କାହ୍ନୁ ପାଳ, ଜନ୍ମେଜୟ ସାମଲ ପ୍ରମୁଖଙ୍କ ସହିତ ବହୁ ବ୍ୟକ୍ତି ଦାବି କରିଛନ୍ତି । କେବଳ ଏହା ନୁହେଁ ଦେଉଳା ଗାଁର ଏକ ପାଣି ପଂଚାୟତ ବିଦ୍ୟୁତ୍ ବିଲରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି । ଏହାର ସଂପାଦକ ଦାୟିତ୍ୱରେ ଥିବା ମନୋଜ କୁମାର ଗିରି ବିଲ୍ ସଂପର୍କରେ ଗତ ମାର୍ଚ୍ଚ ମାସରୁ ନେସ୍କୋ କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଛନ୍ତି । ସଂଶୋଧନ ପରେ ଆବଶ୍ୟକୀୟ ଅର୍ଥ ସେ ଜମା ଦେଇ ରସିଦ୍ ନେଇଥିଲେ ମଧ୍ୟ ଚଳିତମାସ ସୁଦ୍ଧା ସେହି ପୁରୁଣା ବିଲର ପୁନରାବୃତ୍ତି ହୋଇ ଚାଲିଛି । ଏ ସଂପର୍କରେ ସେ ଆଜି ନର୍ବାହୀ ଅଧିକାରୀ ସୌମ୍ୟରଂଜନ ନାୟକଙ୍କୁ ସାକ୍ଷାତ କରି ସବିଶେଷ ତଥ୍ୟ ଦର୍ଶାଇବାରୁ ଅନ୍ନା ମଂଗଳବାର ଦିନକୁ ଏହାର ସମାଧାନ ହେବ ବୋଲି ସେ ପ୍ରତିଶୃତି ଦେଇଛନ୍ତି ।

# ଜମିବାଡ଼ି ବିବାଦରୁ ତୀରମାଡ଼ରେ ଜଣେ ମୃତ : ହତ୍ୟାକାରୀ ଫେରାର



ବାରିପଦା ,୨୨।୧୦ (ନି.ପ୍ର): ଜମୀବାଡି ବିବାଦକୁ ନେଇ ରହିଥିବା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତୀର ମାଡ଼ ଘଟିଥିବା ବେଳେ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବାର ଖବର ମିଳିଛି । ଏଭଳି ଏକ ଜଘନ୍ୟ କାଣ୍ଡ ଘଟଣା ଘଟିଛି ମୟୁରଭ ଜିଲ୍ଲାର ଗୋରୁମହିଷାଣି ଥାନା ଅନ୍ତର୍ଗତ କୁକୁଡିମୁଣ୍ଡି ଗ୍ରାମରେ । ସୂଚନା ମୁତାବକ ଗତକାଲି ସନ୍ଧ୍ୟା ପ୍ରାୟ ୭ଟା ବେଳେ କୁକୁଡିମୁଣ୍ଡି ଗ୍ରାମର ସମରା ଦେହୁରୀ ନିଜ ଘର ବାହାରେ ସପରିବାର ସହ ଛିଡା ହୋଇଥିବା ବେଳେ ସେହି ଗ୍ରାମର ଛୋଟରାୟ ଦେହୁରୀ ଅଚାନକ ତାଙ୍କ ଉପରକୁ ତୀର ମାଡ଼ କରିଥିଲେ । ତୀରଟି ସମରା ଦେହୁରୀଙ୍କ ଛାତିରେ ବାଜି ପିଠି ପଟରେ ବାହାରି ଯାଇଥିଲା । ସମରାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲକୁ ଚିକିତ୍ସା ପାଇଁ ଆଣିଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ତେବେ ଖବର ପାଇ ପୋଲିସ ପହଂଚି ଅଭିଯୋଗ ମୁତାବକ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ତଦନ୍ତ ଚଳାଇଥିବାର ଜଣାଯାଇଛି । ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଏହି ଅଭାବନୀୟ ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ବେଳେ ଅଭିଯୁକ୍ତ ଛୋଟରାୟ ଦେହୁରୀ ଘଟଣା ସ୍ଥଳରୁ ଫେରାର ହୋଇ ଜଙ୍ଗଲରେ ଲୁଚି ରହିଥିବା ବେଳେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ନେଇ ତନାଘନା ଚଳାଇଛି ।

# ରାୟଗଡ ଜିଲ୍ଲା ଅବକାରୀ ବିଭାଗର ଚଢ଼ାଉ

## ୩ ଦିନରେ ୫୩୦୦ଲିଟର ମହୁଲ ପୋଚ ଓ ୧୬୮ ଲିଟର ଦେଶୀ ରନ୍ଧାମଦ ଜବତ୍



ରାୟଗଡ଼ା ,୨୨।୧୦ (ନି.ପ୍ର): ଜିଲ୍ଲାରେ ମହାମାରୀ କରୋନା ପାଇଁ ଦୀର୍ଘ ୬/୭ ମାସ ପରେ ଏବେ ସହର ଚଳଚଞ୍ଚଳ ହେବାରେ ଲାଗିଛି । ହେଲେ ଆଗକୁ ଆସୁଛି ପାର୍ବଣର ଋତୁ ଓ ଦଶହରା ପର୍ବ । କୋଭିଡ-୧୯ ଗାଇଡଲାଇନ ମଧ୍ୟରେ ଚଳଚଞ୍ଚଳ ରାୟଗଡ ଜିଲ୍ଲା । ତେବେ ପାର୍ବଣରେ ବେଆଇନ ଦେଶୀ ରନ୍ଧାମଦ କଳା ବଜାରୀ କରିବାକୁ ଚାହିଁ ବସିଛନ୍ତି ଚୋରା ମଦ ବ୍ୟବସାୟୀ । କିନ୍ତୁ ଜିଲ୍ଲା ଅବକାରୀ ବିଭାଗର ଧରପଗଡ ବାଧକ ସାଜିଛି ମଦ ବ୍ୟବସାୟୀଙ୍କ ବ୍ୟବସାୟରେ । ଜିଲ୍ଲାର ଦୁର୍ଗମ ଅଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ଓ ସହରାଂଚଳ ସବୁଠିରେ ଅବକାରୀ ଚଢାଉ ଜୋରସୋରରେ ହେଉଥିବା ଯୋଗୁଁ ନାକେଦମ୍ ହେଉଛନ୍ତି ଚୋରା ମଦ ବ୍ୟବସାୟୀ । ଏହି କ୍ରମରେ ଗତ ୧୮ ତାରିଖ ଠାରୁ ୨୦ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ରାୟଗଡ ଜିଲ୍ଲା ଅବକାରୀ ବିଭାଗର ବିଭିନ୍ନ ଥାନା ଅଧିନସ୍ଥ ଅଂଚଳରେ ଧରପଗଡ କରାଯାଇ ୫୩୦୦ଲିଟର ମହୁଲ ପୋଚ ଓ ୧୬୮ଲିଟର ଦେଶୀ ରନ୍ଧାମଦ ଜବତ କରି ନଷ୍ଟ କରାଯାଇଛି । ତେବେ ୩ଦିନର ଧରପଗଡରେ କେହି ହେଲେ ଅଭିଯୁକ୍ତ ଗିରଫ ହୋଇ ନ ଥିବା ଜିଲ୍ଲା ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରା ସୂଚନା ପ୍ରଦାନ ଦେଇଛନ୍ତି । ରାୟଗଡ ଜିଲ୍ଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରାଙ୍କ ଆଦେଶରେ ଅବକାରୀ ଅଧିକାରୀ ଓ ଷ୍ଟାଫମାନଙ୍କ ଦ୍ୱାରା ଏହି ଚଢାଉ ଜାରି ରହିଛି । ଗତ ୧୮ତାରିଖରେ ଶେଷଖାଲ ଥାନା ଅଧିନସ୍ଥ ଜଗନ୍ନାଥପୁର ଗ୍ରାମରେ ଚଢାଉ କରାଯାଇ ୫୦୦ଲିଟର ମହୁଲ ପୋଚ ଓ ୨୫ଲିଟର ଦେଶୀ ରନ୍ଧାମଦ ଜବତ ସହ ନଷ୍ଟ କରାଯାଇଥିବା ବେଳେ ଚନ୍ଦ୍ରପୁର ଥାନା ଅଂଚଳର ବିଢୁବାଲି ଗ୍ରାମରେ ଚଢାଉ କରାଯାଇ ୧୨୦୦ଲିଟର ପୋଚ ଓ ୩୦ଲିଟର ଦେଶୀ ରନ୍ଧାମଦ ଜବତ ସହ ନଷ୍ଟ କରାଯାଇଥିଲା । ସେହିପରି ଦ୍ୱିତୀୟ ଦିନରେ କଲ୍ୟାଣସିଂହପୁର ଥାନା ଅଧିନସ୍ଥ ରାଇଲିମା ଗ୍ରାମରୁ ୭୦୦ଲିଟର ମହୁଲ ପୋଚ ଓ ୩୦ଲିଟର ଦେଶୀ ରନ୍ଧାମଦ ଜବତ ସହ ନଷ୍ଟ କରାଯାଇଥିବା ବେଳେ ଗୁଡାରୀ ଥାନାର ବସନ୍ତନଗର ଅଂଚଳରେ ଚଢାଉ କରାଯାଇ ୬୩୦ଲିଟର ମହୁଲ ପୋଚ ଓ ୧୮ଲିଟର ଦେଶୀ ରନ୍ଧାମଦ ଜବତ କରି ନଷ୍ଟ କରାଯାଇଥିଲା । ସେହପିରି ଉକ୍ତ ଦିନ ରାୟଗଡ ଥାନା ଅଧିନସ୍ଥ ଲେଲିବାଡି ଗ୍ରାମରେ ମଧ ଧରପଗଡ କରାଯାଇ ୬୨୦ଲିଟର ମହୁଲ ପୋଚ ଓ ୪୦ଲଟଇର ଦେଶୀ ରନ୍ଧାମଦ ଜବତ କରି ନଷ୍ଟ କରାଯାଇଥିବା ବେଳେ ତୃତୀୟ ଦିନରେ ଶେଷଖାଲ ଥାନା ଅନ୍ତର୍ଗତ ପଣସଗୁଡା ଗ୍ରାମରୁ ୧୨୦୦ଲିଟର ମହୁଲ ପୋଚକୁ ଜବତ କରାଯାଇ ନଷ୍ଟ କରାଯାଇଥିବା ବେଳେ ଗୁଡାରୀ ଥାନା ଅନ୍ତର୍ଗତ କର୍ଲାଘାଟି ଅଞ୍ଚଳରେ ଚଢାଉ କରାଯାଇ ୪୫୦ଲିଟର ମହୁଲ ପୋଚ ଓ ୨୫ଲିଟର ଦେଶୀ ରନ୍ଧାମଦ ଜବତ କରି ନଷ୍ଟ କରାଯାଇଥିବା ନେଇ ଜିଲ୍ଲା ଅବକାରୀ ଅଧୀକ୍ଷକ ଶ୍ରୀ ବେହେରା ସୂଚନା ପ୍ରଦାନ କରିଛନ୍ତି । ରାୟଗଡ ଜିଲ୍ଲାରେ ବେଆଇନ ଚୋର ମଦ କାରବାରକୁ ସଂପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ଅବକାରୀ ଅଧୀକ୍ଷକ ଶ୍ରୀ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନ ଯୋଗୁଁ ପ୍ରତ୍ୟେକ ସମୟରେ ଅବକାରୀ ଚଢାଉ ଫଳରେ ଚୋରା ମଦ କାରାବାର କରୁଥିବା ମଦ ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଯାଇଛି ।

## ପ୍ଲାଜ୍‌ମା ଦାନ କଲେଣି ଓଡିଶା ପୋଲିସର ୫୦୦ କର୍ମଚାରୀ

ଭୁବନେଶ୍ୱର ,୨୨।୧୦ (ନି.ପ୍ର): ଏପର୍ଯ୍ୟନ୍ତ ଓଡିଶା ପୋଲିସରେ କାର୍ଯ୍ୟରତ ୫୦୦ ଜଣ କରୋନା ଯୋଦ୍ଧା କୋଭିଡ୍‌କୁ ହରାଇବା ପରେ ପ୍ଲାଜ୍‌ମା ଦାନ କରିଛନ୍ତି ।ଏହି କରୋନା ଯୋଦ୍ଧା ମାନେ ରାଜ୍ୟର ବିଭିନ୍ନ ପ୍ଲାଜ୍‌ମା ସଂଗ୍ରହ କେନ୍ଦ୍ର ଯଥା ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ, ଆଇ.ଜି.ଏଚ୍, ରାଉରକେଲା, ଭିମ୍‌ସାର ବୁର୍ଲା ଓ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଏବଂ ହସ୍ପିଟାଲ ବ୍ରହ୍ମପୁର, କ୍ୟାପିଟାଲ୍ ହସ୍ପିଟାଲ୍, ଭୁବନେଶ୍ୱର ଓ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ, କୋରାପୁଟ ଠାରେ ବିଭିନ୍ନ ସମୟରେ ପ୍ଲାଜ୍‌ମା ଦାନ କରିଛନ୍ତି । ଖୁବ୍ ଶୀଘ୍ର ଏହି ସଂଖ୍ୟା ଛଅ ଶତକରେ ପହଂଚିବ ବୋଲି ଓଡିଶା ପୋଲିସ୍ ଆଶା ପ୍ରକାଶ କରିଛି ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୮୦ ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର,୨୨।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୮୦ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୬୯୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି ।

# ଦେଶରେ ଜାହାଜ ନିର୍ମାଣକୁ ପ୍ରୋତ୍ସାହିତ କରିବା ଲାଗି କେନ୍ଦ୍ର ଜାହାଜ ମନ୍ତ୍ରଣାଳୟ ଦ୍ୱାରା ଚୁକ୍ତି ସର୍ତ୍ତାବଳୀରେ ଥିବା ଆରଓଏଫ୍‌ଆରରେ ସଂଶୋଧନ

ପାରାଦ୍ୱୀପ ,୨୨।୧୦ (ନି.ପ୍ର): ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ନିତୀ ଅନୁସାରେ ଜାହାଜ ନିର୍ମାଣ ପାଇଁ ହେଉଥିବା ଟେଣ୍ଡର ପ୍ରକ୍ରିୟାର ବିଭିନ୍ନ ଚୁକ୍ତି ସର୍ତ୍ତାବଳୀ ଉପରେ ସମୀକ୍ଷା କରାଯାଇଛି । ଦେଶର ଜାହାଜ ନିର୍ମାଣକୁ ପ୍ରୋତ୍ସାହିତ କରିବା ଲାଗି 'ପ୍ରଥମ ଅଗ୍ରାହ୍ୟ କରିବାର ଅଧିକାର' (ଆରଓଏଫ୍‌ଆର୍)ରେ ଆବଶ୍ୟକୀୟ ସଂଶୋଧନ କରାଯାଇଛି । ଏଥିରେ ଭାରତୀୟ ପତାକା ବହନ କରୁଥିବା ତଥା ଭାରତୀୟ ମାଲିକାନାକୁ ପ୍ରାଧାନ୍ୟ ଦିଆଯାଇଛି । ଉଲ୍ଲେଖ ଥାଉକି ୨୦୧୬-୨୦୨୬ ଘରୋଇ ଜାହାଜ ନିର୍ମାଣ ଆର୍ଥିକ ସହାୟତା ପଲିସି ଅନ୍ତର୍ଗତ ଘରୋଇ ଜାହାଜ ନିର୍ମାଣକାରୀ ସଂସ୍ଥା ପାଇଁ ଦୀର୍ଘ ମିଆଦି ସବସିଡି ଯୋଜନା ରଖିଛନ୍ତି । ଏହି ଯୋଜନା ଅନୁଯାୟି କେନ୍ଦ୍ର ଜାହାଜ ମନ୍ତ୍ରଣାଳୟ ୬୧.୦୫ କୋଟି ଟଙ୍କା ଅର୍ଥ ବ୍ୟୟ କରି ସାରିଲେଣି । ଏ ସମ୍ପର୍କରେ କେନ୍ଦ୍ର ରାଜ୍ୟ ଜାହାଜ ଚଳାଚଳ ମନ୍ତ୍ରୀ (ସ୍ୱାଧୀନ) ଶ୍ରୀ ମନସୁଖ୍ ମାଣ୍ଡଭିୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ କୁ ସାକାର କରିବା ପାଇଁ କେନ୍ଦ୍ର ଜାହାଜ ମନ୍ତ୍ରଣାଳୟ ସର୍ବଦା ଚେଷ୍ଟିତ । ଦେଶରେ ଜାହାଜ ନିର୍ମାଣ ର ଲକ୍ଷ୍ୟ ନେଇ ମନ୍ତ୍ରଣାଳୟ କାର୍ଯ୍ୟ କରୁଛି । ଆର୍‌ଓଏଫ୍‌ଆର୍ ଚୁକ୍ତି ସର୍ତ୍ତାବଳୀରେ ସଂଶୋଧନ, ଜାହାଜ ନିର୍ମାଣ କ୍ଷେତ୍ରରେ ଆତ୍ମ ନିର୍ଭରଶୀଳତାକୁ ଉତ୍ସାହିତ କରିବା ତଥା ଦେଶର ଦୀର୍ଘ ଦିଆଦି ଆର୍ଥିକ ବିକାଶରେ ସହାୟକ ହେବ ବୋଲି ପାରାଦ୍ୱୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରୁ ପ୍ରକାଶ ।



❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo